ବର୍ଷ-୨୬, ସଂଖ୍ୟା-୨୧୬
ଭୁବନେଶ୍ୱର
ଅଗଷ୍ଟ ୧୧, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 216
Bhubaneswar
August, 11 2026, Tuesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୧୬ତମ ନିଯୁକ୍ତି ମେଳାରେ ୯ ବିଭାଗରେ ନିଯୁକ୍ତି ପାଇଲେ ୧୩୨୬

ଭୁବନେଶ୍ୱର,୧୦।୮(ମହାଭାରତ): ସରକାରୀ ସେବାରେ ସଫଳତା ପଦବୀ ଦ୍ୱାରା ମପା ଯାଏ ନାହିଁ, ବରଂ ନାଗରିକଙ୍କ ଜୀବନରେ କି ପରିବର୍ତନ ଆଣିପାରୁଛନ୍ତି, ତାହା ଦ୍ୱାରା ମପାଯାଏ ବୋଲି ସୋମବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ତମ ନିଯୁକ୍ତି ମେଳା ଅବସରରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ କହିଛନ୍ତି।

ଭୁବନେଶ୍ୱର ରେଳ ଅଡିଟୋରିଅମ ଠାରେ ଆୟୋଜିତ ଏହି ନିଯୁକ୍ତିମେଳା କାର୍ଯ୍ୟକ୍ରମରେ ଆଜି ୯ଟି ବିଭାଗରେ ୧୩୨୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୩୬୪ ଜଣ କନିଷ୍ଠ ଯନ୍ତ୍ରୀ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୩୬୧ ଜଣ କନିଷ୍ଠ ଯନ୍ତ୍ରୀ, ଶକ୍ତି ବିଭାଗ ଓ ଓଏଚପିସିରେ ୧୨ ଜଣ କନିଷ୍ଠ ଯନ୍ତ୍ରୀ ଓ ୨୨୮ ଟ୍ରେନି, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୧୧୮ ଜଣ ସହକାରୀ କୃଷି ଅଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୧୧୧ ଜଣ ସହକାରୀ ପ୍ରାଧ୍ୟାପକ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗରେ ୧୫ ଜଣ କନିଷ୍ଠ ଯନ୍ତ୍ରୀ ଓ ୭୧ ଜଣ ପ୍ରାଣୀଧନ ନିରିକ୍ଷକ, କ୍ରୀଡା ବିଭାଗରେ ୨୬ ଜଣ ଜୁନିଅର କୋଚ୍, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୦ ଜଣ ପ୍ରଶିକ୍ଷକ ଏବଂ ଅବକାରୀ ବିଭାଗରେ ୧୦ ଜଣ ଉପ-ନିରିକ୍ଷକଙ୍କୁ ନିଯୁକ୍ତି ମିଳିଛି।

ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରୀ ଚାକିରିର ମୂଳ ଲକ୍ଷ୍ୟ ହେଉଛି ଜନସେବା । ଲୋକଙ୍କ ସମସ୍ୟା ଓ ଅଭିଯୋଗର ସମୟବଦ୍ଧ ସମାଧାନ କରିବା ଆପଣମାନଙ୍କର ନୈତିକ କର୍ତବ୍ୟ। କୌଣସି ଲୋକ ଯେତେବେଳେ କିଛି ସମସ୍ୟା ନେଇ ଆପଣଙ୍କ ପାଖକୁ ଆସିବେ, ସେତେବେଳେ ପ୍ରଶାସନର ଅଂଶ ଭାବେ ସମ୍ମାନ ଦେଇ ସେମାନଙ୍କ ସମସ୍ୟା ଶୁଣିବା ଏବଂ ତୁରନ୍ତ ପଦକ୍ଷେପ ନେବା ହିଁ ପ୍ରକୃତ ଜନସେବା। ଆମର ଲକ୍ଷ୍ୟ ହେଉଛି ସମାଜର ଶେଷ ଧାଡିରେ ଥିବା ଲୋକ ପାଖରେ ସମସ୍ତ ସରକାରୀ ସୁବିଧା ପହଂଚାଇବା। ଏହାକୁ ମନରେ ରଖି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସେ ପୁଣି କହିଥିଲେ ୨୦୩୬ ସୁଦ୍ଧା ଆମର ସମୃଦ୍ଧ ଓଡିଶା ଗଠନ ଓ ୨୦୪୭ ସୁଦ୍ଧା ଓଡିଶାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ କରିବାର




ଲକ୍ଷ୍ୟ ରହିଛି । ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସ୍ୱଚ୍ଛ ଓ ସୁଦୃଢ ପ୍ରଶାସନ ଏବଂ ଦକ୍ଷ, ଶୃଙ୍ଖଳିତ ଓ ସେବା ମନୋଭାବ ଅଧିକାରୀ ଓ କର୍ମଚାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଶାରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ନିଯୁକ୍ତି ଅଭିଯାନ ଆରମ୍ଭ ହୋଇଛି। ୨୦୨୪ ଜୁନ୍ ମାସରୁ ଆଜି ସୁଦ୍ଧା ସରକାରୀ ସ୍ତରରେ ୪୫ ହଜାର ୪୦୮ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି ବୋଲି ସେ କହିଥିଲେ।

ସେ ଆହୁରି କହିଥିଲେ ଯୁବଶକ୍ତିର ସାମର୍ଥ୍ୟର ପ୍ରକୃତ ଉପଯୋଗ ପାଇଁ ଶିଳ୍ପାୟନର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ଆମେ ଉଦ୍ୟମ ଜାରି ରଖିଛୁ। ଏଥିପାଇଁ ଦେଶ ଭିତରେ ଓ ଦେଶ ବାହାରକୁ ଯାଇ ଶିଳ୍ପପତି ମାନଙ୍କୁ ଭେଟି ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆକର୍ଷିତ କରୁଛୁ। ଫଳସ୍ୱରୂପ ଗତ ଦୁଇ ବର୍ଷ ମଧ୍ୟରେ ପ୍ରାୟ ୨୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଛି ଏବଂ ଏଥିରୁ ୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଦୁଇ ଦିନ ତଳେ ନୂଆ ଦିଲ୍ଲୀ ଓ ନୋଇଡାରେ ଓଡିଶା ଫୁଡ୍ ପ୍ରୋସେସିଙ୍ଗ୍ ରୋଡ୍ ସୋ ରେ ଯୋଗଦେଇ ଶିଳ୍ପପତିମାନଙ୍କ ସହ ଓଡିଶାରେ ନିବେଶ ପାଇଁ ଆଲୋଚନା କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଗସ୍ତ ସମୟରେ ୪୬ଟି ବୈଠକରେ ୨୦୮ ଜଣ ନିବେଶକଙ୍କ ସହିତ ବ୍ୟକ୍ତିଗତ ଆଲୋଚନା ହୋଇଛି, ୩୮ଟି ଗକ୍ଲଟ ସ୍ୱାକ୍ଷରିତ ହୋଇଛି। ଏଥିରେ ସମୁଦାୟ ୬୬,୩୯୨ କୋଟି ଟଙ୍କାର ପୁଞ୍ଜି ନିବେଶ ସହିତ ୫୪,୧୩୫ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏବେ ଓଡିଶାରେ ରିଭର୍ସ ମାଇଗ୍ରେସନ୍ ଆରମ୍ଭ ହେଲାଣି ବୋଲି କହି ଆଗାମୀ ଦିନରେ ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ରାଜ୍ୟରେ ବ୍ୟାପକ ପରିବର୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶେଷରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଓ ସେମାନଙ୍କ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନବନିଯୁକ୍ତଙ୍କୁ ଦୁର୍ନୀତିରୁ ସବୁବେଳେ ଦୂରରେ ରହିବା ପାଇଁ ପରାମର୍ଶ ଦେଇଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ କର୍ମକ୍ଷେତ୍ରରେ ନିଷ୍ଠା ଓ ସଚ୍ଚୋଟତାର ସହ କାମ କରି ପରିବାର ପାଇଁ ସୁନାମ ଆଣିବା ସହିତ ରାଜ୍ୟର ଉନ୍ନତିରେ ସହାୟକ ହେବା ପାଇଁ ପରାମର୍ଶ ଦେଇଥିଲେ।

ପଂଚାୟତିରାଜ ଓ ପାନୀୟଜଳ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ମାନବ ସେବା ହିଁ ମାଧବ ସେବା, ଏହା ଆମର ଧର୍ମ ଅଟେ। ଆପଣମାନେ ଆସନ୍ତା କାଲି ପାଇଁ ଓଡିଶାର ଭାଗ୍ୟବିଧାତା। ଆମର ୨୦୩୬ ଲକ୍ଷ୍ୟ ପୂରଣର ପ୍ରମୁଖ ବିନ୍ଧାଣୀ। ଓଡିଶା ମାଟିର ସେବା ଓ ଉନ୍ନତି ପାଇଁ ଉତ୍ସର୍ଗୀକୃତ ଭାବେ କାମ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ନବନିଯୁକ୍ତମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଓ ଧନ୍ୟବାଦ ଜଣାଇ ସମସ୍ତେ ସତ୍ୟ ନିଷ୍ଠା ଓ ସେବା ମନୋବୃତି ନେଇ କାମ କରିବେ ବୋଲି କହିଥିଲେ।କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର୧୦।୮(ମହାଭାରତ): ପୁଣି ଆସୁଛି ଆଉ ଏକ ଲଘୁଚାପ। ଏଥିପାଇଁ ଜାରି ହୋଇଛି ଆଲର୍ଟ। ଆସନ୍ତା ୧୧ ତାରିଖରେ ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୩ ତାରିଖ ବେଳକୁ ସୃଷ୍ଟି ହୋଇପାରେ ଲଘୁଚାପ କ୍ଷେତ୍ର। ଏବେ ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଓ ସଂଲଗ୍ନ ଛତିଶଗଡ଼ ଉପରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବିଭାଗର କହିବା କଥା ଯେ ଲଘୁଚାପ ବ୍ୟତୀତ ଏବେ ମୌସୁମୀ ଟ୍ରଫ ଲାଇନ ବିକାନେର, ଗ୍ୱାଲିୟର, ପୁରୀ ଦେଇ ଦକ୍ଷିଣ-ପୂର୍ବ ଦିଗରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରକୁ ୩ କିଲୋମିଟର ଯାଏ ବ୍ୟାପିଛି। ଏହା ପ୍ରଭାବରେ ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଓଡିଶାର ଅନେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷାର ଆଶଙ୍କା ରହିଛି।

ଏହାକୁ ଦୃଷ୍ଟିରେ ରଖି ଆଜି ୨୧ ଜିଲ୍ଲାକୁ ବିଜୁଳି ଘଡଘଡି ସହ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ନବରଙ୍ଗପୁର, କୋରାପୁଟ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡା, କଟକ ଓ ଜଗତସିଂହପୁରରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ମାଲକାନଗିରି, କଳାହାଣ୍ଡି, ରାୟଗଡା, ଗଜପତି, ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର, ଦେଓଗଡ, ଅନୁଗୋଳ, ଢେଙ୍କାନାଳ ଓ ଭଦ୍ରକରେ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏହି ସମସ୍ତ ଜିଲ୍ଲା ମାନଙ୍କରେ ୭ ସେଣ୍ଟିମିଟରରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ ଓ କିଛି କିଛି ସ୍ଥାନରେ ୩୦ ରୁ ୪୦ କିମି ପର୍ଯ୍ୟନ୍ତ ଝଟକା ପବନ ବହିପାରେ ବୋଲି ବିଭାଗ ଆକଳନ କରିଛି। ଏହାବାଦ ଏବେ ସକ୍ରିୟ ଥିବା ଲଘୁଚାପ ଓ ଆଗକୁ ଆସୁଥିବା ଆଉ ଏକ ଲଘୁଚାପ ଯୋଗୁ ଆସନ୍ତା ୫ ଦିନ ଯାଏ ବର୍ଷାରୁ ନିସ୍ତାର ମିଳିବ ନାହିଁ ବୋଲି ମଧ୍ୟ ବିଭାଗ ଆଶଙ୍କା କରିଛି। ବଡ ବର୍ଷାର ଆଶଙ୍କା ଥିବାରୁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇପାରେ। ସେହିପରି ବନ୍ୟା ଦ୍ୱାରା ପ୍ରଭାବିତ ଜିଲ୍ଲା ଗୁଡିକରେ ସ୍ଥିତି ଆହୁରି ବିଗିଡିବାର ଆଶଙ୍କା ରହିଛି।

## ଶିକ୍ଷାର୍ଥୀଙ୍କ ଉପରେ ପୁଲିସର ଲାଠିଚାର୍ଜ

ରାଂଚି,୧୦।୮(ମହାଭାରତ): ଝାଡଖଣ୍ଡରେ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗକୁ ନେଇ ତେଜିଛି ଛାତ୍ର ଆନ୍ଦୋଳନ। ବିଧାନସଭା ଘେରାଉ ପାଇଁ ହଜାର ହଜାର ଚାକିରି ଆଶାୟୀ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ପୁଲିସ ସହ ହୋଇଛି ଖଣ୍ଡଯୁଦ୍ଧ। ଆନ୍ଦୋଳନକାରୀଙ୍କୁ ଅଟକାଇବା ପାଇଁ ପୁଲିସ ପାଣି ମାଡ ସହ ଲୁହବୁହା ଗ୍ୟାସ୍ ଓ ଲାଠିଚାର୍ଜ କରିଛି। ପୁଲିସର କାର୍ଯ୍ୟାନୁଷ୍ଠାନରେ କିଛି ଆନ୍ଦୋଳନକାରୀ ଆହତ ହୋଇଥିବା ଜଣାପଡିଛି। ସୋମବାର ସକାଳ ପ୍ରାୟ ସାଢେ ୧୦ଟା। ପୁରୁଣା ବିଧାନସଭା ଭବନ ନିକଟରୁ ଆରମ୍ଭ ହୋଇଥିଲା ଶିକ୍ଷାର୍ଥୀଙ୍କ ବିଶାଳ ଶୋଭାଯାତ୍ରା। ହାତରେ ଥିଲା ତ୍ରିରଙ୍ଗା ଓ ବିଭିନ୍ନ ଦାବି ଲେଖା ପ୍ଲାକାର୍ଡ। ରାଜ୍ୟର ସମସ୍ତ ନିଯୁକ୍ତି ପରୀକ୍ଷା ବାତିଲ ସହ ନିରପେକ୍ଷ ତଦନ୍ତ ଦାବିରେ ବିଧାନସଭା ଅଭିମୁଖେ ଆଗକୁ ବଢିଥିଲେ ଆନ୍ଦୋଳନକାରୀ। ପୁଲିସ ପକ୍ଷରୁ ରାସ୍ତାରେ ଏକାଧିକ ବ୍ୟାରିକେଡ୍ ଲଗାଯାଇଥିଲା। କିନ୍ତୁ ଗୋଟିଏ ପରେ ଗୋଟିଏ ବ୍ୟାରିକେଡ୍ ଭାଙ୍ଗି ଆଗକୁ ବଢିଥିଲେ ବିକ୍ଷୋଭକାରୀ।

## ଲାଲକିଲ୍ଲାରୁ ଗୁଞ୍ଜରିତ ହେବ 'ବନ୍ଦେ ମାତରମ୍'

ନୂଆଦିଲ୍ଲୀ,୧୦।୮(ମହାଭାରତ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ଲାଲ୍ କିଲ୍ଲାର ପ୍ରାଚୀରରୁ ତ୍ରିରଙ୍ଗା ଉତ୍ତୋଳନ କରିବେ ଏବଂ ଦେଶବାସୀଙ୍କୁ ସମ୍ବୋଧିତ କରିବେ। କିନ୍ତୁ ଏହା ପ୍ରଥମ ଥର ହେବ ଯେବେ ତାଙ୍କର ଭାଷଣ ପୂର୍ବରୁ ଲାଲ୍ କିଲ୍ଲାର ପ୍ରାଚୀରରୁ ବନ୍ଦେ ମାତରମ୍ ଗାନ କରାଯିବ। ଅଗଷ୍ଟ ୧୫ ତାରିଖ ଅର୍ଥାତ୍ ୮୦ତମ ସ୍ୱାଧୀନତା ଦିବସ ଅବସରରେ ଲାଲ କିଲ୍ଲାର ପ୍ରାଚୀରରୁ ଏମିତି ହେବାକୁ ଯାଉଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁସାରେ, ୧୫ ଅଗଷ୍ଟରେ ସ୍ୱାଧୀନତା ଦିବସ ଉତ୍ସବର ଅଂଶବିଶେଷ ଭାବେ ପ୍ରଥମ ଥର ଲାଲ୍ କିଲ୍ଲାର ପ୍ରାଚୀରରୁ ରାଷ୍ଟ୍ରଗୀତ ବନ୍ଦେ ମାତରମ ଗାନ କରାଯିବ। ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ବିବୃତ୍ତି ଅନୁସାରେ, ଚଳିତ ବର୍ଷର ଉତ୍ସବ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତିର ପ୍ରତୀକ ହେବ ଏବଂ ସ୍ୱାଧୀନତା ଦିବସ ଉତ୍ସବ ସମୟରେ ଏହି ପ୍ରସିଦ୍ଧ ଦେଶପ୍ରେମୀ ସଙ୍ଗୀତ ମୁଖ୍ୟ ଆକର୍ଷଣ ପାଲଟିବ। କହି ରଖୁଛୁ ଯେ, ଦେଶ ଚଳିତ ବର୍ଷ ତା'ର ୮୦ତମ ସ୍ୱାଧୀନତା ଦିବସ ପାଳନ କରୁଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ , ଏହି ବର୍ଷ ସ୍ୱାଧୀନତା ଦିବସ ଉତ୍ସବର ଥିମ୍ ରହିଛି -'ଯୁବ ଶକ୍ତି - ବିକଶିତ ଭାରତର ଯାତ୍ରାର ନେତୃତ୍ୱ', ଯେଉଁଥିରେ ଦେଶର ବିକାଶରେ ଯୁବ ଭାରତୀୟମାନଙ୍କ ଭୂମିକା ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ , ଉତ୍ସବ ଏକ ସଂଶୋଧିତ କ୍ରମର ପାଳନ କରିବ,ଯାହାର ଆରମ୍ଭ ଲାଲକିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗମନରେ ହେବ। ଏହାପରେ ଜାତୀୟ ସଙ୍ଗୀତ ପ୍ରସ୍ତୁତ କରାଯିବ ଏବଂ ଏହାପରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପରେ ପରେ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ବୋଲା ଯିବ।



ପ୍ରକୃତ କଥା ହେଲା , ଲାଲକିଲ୍ଲା ଉତ୍ସବରେ 'ବନ୍ଦେ ମାତରମ୍'କୁ ସାମିଲ କରିବାର ଏକ ଐତିହାସିକ ମହତ୍ତ୍ୱ ରହିଛି। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି ସଙ୍ଗୀତ ଭାରତର ସ୍ୱାଧୀନତା ସଂଗ୍ରାମର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରତୀକ ପାଲଟି ଯାଇଥିଲା ଏବଂ ବ୍ରିଟିଶ ଶାସନ ବିରୋଧୀ ଆନ୍ଦୋଳନ ସମୟରେ ଅନେକ ପିଢ଼ିର ଭାରତୀୟଙ୍କୁ ଅନୁପ୍ରେରିତ କରିଥିଲା। ଏହି ସଙ୍ଗୀତଟି ପ୍ରଥମ ଥର ୧୮୮୨ ମସିହାରେ ଚଟ୍ଟୋପାଧ୍ୟାୟଙ୍କ ଉପନ୍ୟାସ 'ଆନନ୍ଦମଠ'ରେ ପ୍ରକାଶିତ ହୋଇ ଥିଲା। ପରବର୍ତ୍ତୀ ସମୟରେ ଏହାର ପ୍ରାରମ୍ଭିକ ପଂକ୍ତି ଗୁଡ଼ିକୁ ଭାରତର ରାଷ୍ଟ୍ରଗୀତ ଭାବେ ଗ୍ରହଣ କରାଯାଇ ଥିଲା।

## ଡିଜି ପାହ୍ୟାକୁ ପଦୋନ୍ନତି ପାଇଲେ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠ୍ୱା

ଭୁବନେଶ୍ୱର,୧୦।୮(ମହାଭାରତ): ରାଜ୍ୟ ପୁଲିସ୍‌ରେ ବଡ ପରିବର୍ତ୍ତନ। ନୂଆ ଡିଜିପି ନିଯୁକ୍ତି ଚର୍ଚ୍ଚା ଭିତରେ ଆସିଛି ବଡ଼ ଖବର। ଡିଜି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠ୍ୱା। ପୂର୍ବରୁ ଉଭୟ ଏଡିଜି ପାହ୍ୟାର ଆଇପିଏସ୍ ଭାବେ କାମ କରୁଥିଲେ।

କିନ୍ତୁ ଆଜି ବିଧିବଦ୍ଧ ଭାବେ ଉଭୟଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ପଦୋନ୍ନତି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୁଇ ଅଧିକାରୀଙ୍କୁ ପଦୋନ୍ନତି ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଅଗଷ୍ଟ ୮ରେ ପ୍ରଥମେ ଓଡିଶା ରିପୋର୍ଟର ଖବର ପ୍ରକାଶ କରିଥିଲା। ଏବେ ଏହା ସତ ହୋଇଛି। ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠ୍ୱା ଡିଜି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି।

ଏହି ପଦୋନ୍ନତି ବେଶ ଗୁରୁତ୍ୱପୂର୍ଣ୍ଣ। କାରଣ ଆସନ୍ତା ୧୬ ତାରିଖରେ ବର୍ତ୍ତମାନ ରାଜ୍ୟ ପୁଲିସ୍ ମୁଖିଆ ଭାବେ କାର୍ଯ୍ୟ କରୁଥିବା ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ସରୁଛି। ଏହାପରେ ନୂଆ ଡିଜିପିଙ୍କୁ ତାଙ୍କ ସ୍ଥାନ ନେବେ। ଏହାର ପୂର୍ବରୁ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠ୍ୱାଙ୍କୁ ପଦୋନ୍ନତି ମିଳିଛି।

ନୂଆଦିଲ୍ଲୀରେ ୟୁପିଏସସିଙ୍କ ଦ୍ୱାରା ପୁଲିସ ଡିଜି ଚୟନ ବୈଠକରେ ବରିଷ୍ଠ ଆଇପିଏସ୍ ସୁଶାନ୍ତ କୁମାର ନାଥଙ୍କ ନାଁକୁ ଅଗଷ୍ଟ ୭ରେ ପ୍ୟାନେଲରୁ ବାଦ୍ ଦେବା ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇଥିଲେ। ଏହାକୁ ୨୪ଘଣ୍ଟା ନପୁରୁଣୁ ୧୯୯୪ ବ୍ୟାଚର ଦୁଇ ବରିଷ୍ଠ ଆଇପିଏସ୍ ସଞ୍ଜୀବ କୁମାର ପଣ୍ଡା ଓ ଯଶବନ୍ତ କୁମାର ଜେଠ୍ୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେବା ପାଇଁ ଆନୁଷ୍ଠାନିକ ଭାବେ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ରାଜ୍ୟରେ ମୋଟ ୪ଟି ମଞ୍ଜୁରୀପ୍ରାପ୍ତ ଡିଜି ପଦବୀ( ୨ଟି କ୍ୟାଡର ଓ ୨ଟି ଏକ୍ସକ୍ୟାଡର) ରହିଥିବାବେଳେ ୫ଜଣ ଅଫିସର ଏବେ ଡିଜି ପାହ୍ୟାରେ କାର୍ଯ୍ୟରତ ଅଛନ୍ତି।

## ଆଗ୍ରିଷ୍ଟାକ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ

ଭୁବନେଶ୍ୱର, ୧୦।୮(ମହାଭାରତ): ଆଗାମୀ ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସୁଗମ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ-ମୁଖ୍ୟମନ୍ତ୍ରୀଙ୍କ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ସମବାୟ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉପସ୍ଥିତ ଥିଲେ। ଏହା ସହିତ ସମବାୟ, କୃଷି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ଅର୍ଥ ବିଭାଗର ସଚିବ ଏବଂ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବୈଠକରେ ଆଲୋଚନାରେ ଭାଗ ନେଇଥିଲେ।ବୈଠକର ମୁଖ୍ୟ ନିଷ୍ପତି ଓ ଆଲୋଚନା ଅନୁଯାୟୀ ବର୍ତମାନ ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ। ଏଥିପାଇଁ କୌଣସି ବି ଚାଷୀ ନିଜର ଧାନ ବିକ୍ରି କରିବାରୁ ବଂଚିତ ହେବେ ନାହିଁ। ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ ପଞ୍ଜିକରଣ ଅବଧି ଜାରି ରହିଛି। ଆଗ୍ରିଷ୍ଟାକ ଏକ ସମ୍ବନ୍ୱିତ କୃଷକ ପ୍ଲାଟଫର୍ମ ଯେଉଁଥିରେ ଚାଷୀଙ୍କ ସମସ୍ତ ତଥ୍ୟ ଏକୀକୃତ ହୋଇ ରହିବ। ଏଥିରେ ଚାଷୀ ନିଜକୁ ପଞ୍ଜିକୃତ କରିବା ଦ୍ୱାରା ନିଜର ଏକ ଅନନ୍ୟ ଫାର୍ମର ଆଇଡି ପାଇବେ। ସରକାରଙ୍କ ତରଫରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧାର ଲାଭ ସୁଗମ ରୂପେ ପାଇପାରିବେ। ବର୍ତମାନ ସୁଦ୍ଧା ପ୍ରାୟ ୬ ଲକ୍ଷ ଚାଷୀ ଏହି ଅଧୀନରେ ନିଜକୁ ପଞ୍ଜିକୃତ କରାଇ ସାରିଛନ୍ତି।

ସେହିପରି ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତି ଚାଲିଛି। ସମ୍ଭାବ୍ୟ ସମସ୍ୟା ଓ ଏହାର ନିଖୁଣ ସମାଧାନ କରିବା ପାଇଁ ସରକାର ଚେଷ୍ଟାରତ ଅଛନ୍ତି।

ରବି ଋତୁ ୨୦୨୫-୨୬ର ସମୀକ୍ଷା ଅନୁଯାୟୀ ଗତ ରବି ଋତୁରେ ମୋଟ ୩,୬୩,୫୫୩ ଜଣ ଚାଷୀଙ୍କଠାରୁ ୨୦,୪୬,୧୮୫ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ପୂର୍ବ ବର୍ଷ (୨୦୨୪-୨୫)ରେ ୧୯,୧୮,୫୨୮ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ଏଥର ସଂଗ୍ରହ ପରିମାଣରେ ବୃଦ୍ଧି ଘଟିଛି। ରବି ଋତୁରେ ଆଜି ସୁଦ୍ଧା ୩ ଲକ୍ଷ ୬୩ ହଜାର ୧୪୯ ଚାଷୀଙ୍କୁ ୪ ହଜାର ୮୪୪ କୋଟି ଟଙ୍କା ଏମଏସପି ଓ ଇନପୁଟ ସହାୟତା ବାବଦରେ ପ୍ରଦାନ କରାଯାଇଛି।କମିଟି ପକ୍ଷରୁ କୁହାଯାଇଛି ଯେ ଅନ୍ତତଃ ୫୦% ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମିଳିତ ଭାବେ କାର୍ଯ୍ୟାଳୟ ସ୍ତରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ରାଜସ୍ୱ ବିଭାଗ ଏଥିନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବ। ପଞ୍ଜିକରଣ ନିକଟସ୍ଥ ପାକ୍ସ କେନ୍ଦ୍ର, କମନ ସର୍ଭିସ ସେଣ୍ଟର ଓ ସହାୟକ ମୋଡ଼ରେ କରାଯାଉଛି। ଆଜି ସୁଦ୍ଧା ଖରିଫ ୨୬-୨୭ ପାଇଁ ୯୪,୬୫୭ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଛନ୍ତି। ଏଥିରେ ସର୍ବାଧିକ ପଞ୍ଜିକରଣ ବାଲେଶ୍ୱର ଜିଲ୍ଲାରୁ ହୋଇଛି। ପଞ୍ଜିକରଣ ଓ ଧାନ ବିକ୍ରି ନେଇ ଚାଲୁଥିବା ଭୁଲ ତଥ୍ୟକୁ ରୋକିବା ପାଇଁ ପ୍ରତ୍ୟେକ ସବ-ଡିଭିଜନ ଏବଂ ଗ୍ରାମ ପଂଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

# ଜାତୀୟ ଦଳଙ୍କୁ ପଛରେ ପକାଇଲେ ଆଞ୍ଚଳିକ ପାର୍ଟି

ନୂଆଦିଲ୍ଲୀ,୧୦।୮(ମହାଭାରତ):ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ଚାନ୍ଦାକୁ ନେଇ ଏବେ ସାମ୍ନାକୁ ଆସିଛି ଚକିତ କଲା ଭଳି ତଥ୍ୟ। ଜାତୀୟ ଦଳଗୁଡ଼ିକ ତୁଳନାରେ ଏଥର ଆଞ୍ଚଳିକ ଦଳଗୁଡ଼ିକ ପାଖକୁ ଅଧିକ ଚାନ୍ଦା ଯାଇଥିବା ଜଣାପଡ଼ିଛି। ଡିଏମ୍‌କେ, ଟିଏମ୍ସି ସମେତ ୮ଟି ଆଞ୍ଚଳିକ ଦଳ ଏହି ତାଲିକାରେ ଆଗରେ ରହିଛନ୍ତି। ସବୁଠାରୁ ବଡ କଥା ହେଲା,, ଗୋଟିଏ ବର୍ଷ ମଧ୍ୟରେ ଆଞ୍ଚଳିକ ଦଳଗୁଡ଼ିକ ପାଇଥିବା ଚାନ୍ଦାରେ୧୯୮ ପ୍ରତିଶତ ବୃଦ୍ଧିହୋଇଥିବା ଦାବି କରାଯାଇଛି। ଏନେଇ ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ପକ୍ଷରୁ ୬ ଅଗଷ୍ଟରେ ଏକ ରିପୋର୍ଟ ଜାରି କରାଯାଇଥିଲା। ୨୦୨୪-୨୫ ର ଏହି ରିପୋର୍ଟ ସମସ୍ତଙ୍କୁ ଚକିତ କରିଛି।




ରାଜନୈତିକ ଦଳଗୁଡ଼ିକର ଆୟ ଓ ଚାନ୍ଦା ସମ୍ପର୍କିତ ରିପୋର୍ଟ ଉପରେ ନଜର ପକାଇଲେ ଆଞ୍ଚଳିକ ଦଳଗୁଡ଼ିକର ଆର୍ଥିକ ଚିତ୍ରରେ ବଡ଼ ପରିବର୍ତ୍ତନ ଦେଖାଯାଉଛି। ନିର୍ବାଚନୀ ବର୍ଷ, ବଡ଼ ରାଜ୍ୟରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଓ ଦଳଗୁଡ଼ିକର ନିର୍ବାଚନୀ ପ୍ରସ୍ତୁତି ଚାନ୍ଦା ବୃଦ୍ଧିର ଏକ ବଡ଼ କାରଣ ହୋଇପାରେ। ବିଶେଷ କରି ଯେଉଁ ଆଞ୍ଚଳିକ ଦଳଗୁଡ଼ିକ ନିଜ ରାଜ୍ୟରେ ମଜବୁତ ରାଜନୈତିକ ଆଧାର ରଖିଛନ୍ତି, ସେମାନଙ୍କ ଆର୍ଥିକ ସ୍ଥିତି ଏହି ତଥ୍ୟରେ ଗୁରୁତ୍ୱ ପାଇଛି।

ରିପୋର୍ଟର ତଥ୍ୟ ଦର୍ଶାଉଛି ଯେ ଭାରତର ଆଠଟି ପ୍ରମୁଖ ଆଞ୍ଚଳିକ ଦଳ ୨୦୨୪-୨୫ ରେ ଏତେ ପରିମାଣରେ ପାଣ୍ଠି ସଂଗ୍ରହ କରିଥିଲେ ଯେ ସେମାନେ ବିଜେପି ଏବଂ କଂଗ୍ରେସ ବ୍ୟତୀତ ଆମ ଆଦମୀ ପାର୍ଟି (ଇଇଚ), ବହୁଜନ ସମାଜ ପାର୍ଟି (ଈଝଚ), ଭାରତୀୟ କମ୍ୟୁନିଷ୍ଟ ପାର୍ଟି-ମାର୍କ୍ସବାଦୀ ଏବଂ ନ୍ୟାସନାଲ ପିପୁଲ୍ସ ପାର୍ଟି ସମେତ ଅନ୍ୟ ସମସ୍ତ ଜାତୀୟ ଦଳକୁ ପଛରେ ପକାଇ ଦେଇଥିଲେ। ରିପୋର୍ଟରେ ବ୍ୟାଖ୍ୟା କରାଯାଇଛି ଯେ ଆଞ୍ଚଳିକ ଦଳଗୁଡ଼ିକ ଏତେ ପରିମାଣର ଦାନ କାହିଁକି ପାଉଛନ୍ତି ଏବଂ ସେମାନେ କେଉଁଠାରୁ ଟଙ୍କା ପାଉଛନ୍ତି ଏହି ଦଳଗୁଡ଼ିକୁ ମିଳୁଥିବା ଚାନ୍ଦାର ପରିମାଣ ଓ ବୃଦ୍ଧି ହାର ରାଜନୈତିକ ଦଳଗୁଡ଼ିକର ଆର୍ଥିକ ଶକ୍ତିରେ ଆସୁଥିବା ପରିବର୍ତ୍ତନକୁ ଦର୍ଶାଉଛି।

ଏଡିଆର ଇଓଜ ର ସଦ୍ୟତମ ରିପୋର୍ଟ ଦର୍ଶାଉଛି ଯେ ଆଞ୍ଚଳିକ ଦଳଗୁଡ଼ିକର ଚାନ୍ଦା ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ପ୍ରାୟ ତିନି ଗୁଣ ବୃଦ୍ଧି ପାଇଛି ଯାହା ୨୦,୦୦୦ ରୁ ଅଧିକ।

ଆର୍ଥିକ ବର୍ଷ ୨୦୨୪-୨୫:ଏହି ସଂଖ୍ୟା ୧,୦୫୧.୫୬ କୋଟି (ପ୍ରାୟ ୧୯୮% ବୃଦ୍ଧି)କୁ ବୃଦ୍ଧି ପାଇଥିଲା। ଦାନ ସଂଖ୍ୟାରେ ମଧ୍ୟ ୮୫% ବୃଦ୍ଧି ଘଟିଛି। ଆଞ୍ଚଳିକ ଦଳଗୁଡ଼ିକୁ ୨୦୨୩-୨୪ରେ ୨,୮୬୧ ଦାନ ମିଳିଥିଲା, ଯାହା ୨୦୨୪-୨୫ରେ ୫,୨୯୭କୁ ବୃଦ୍ଧି ପାଇଛି।ବିଜେପି ଏବଂ କଂଗ୍ରେସ ଦେଶର ଦୁଇଟି ପ୍ରମୁଖ ଜାତୀୟ ଦଳ, କିନ୍ତୁ ଯଦି ଆମେ ସେମାନଙ୍କୁ ତାଲିକାରୁ ବାଦ ଦେବା, ତେବେ ଆମ ପାଖରେ ଆପ୍, ବିଏସ୍ପି ଏବଂ ସିପିଆଇଏମ୍ ଭଳି ଜାତୀୟ ଦଳ ରହିବେ। ୨୦୨୪-୨୫ ଆର୍ଥିକ ବର୍ଷରେ ପାଣ୍ଠି ସଂଗ୍ରହରେ ୮ ଆଞ୍ଚଳିକ ଦଳ ଏହି ଜାତୀୟ ଦଳଗୁଡ଼ିକୁ ପଛରେ ପକାଇ ଦେଇଛନ୍ତି। ଏଡିଆର ରିପୋର୍ଟ ଅନୁଯାୟୀ, କେବଳ ଶ୍ରେଷ୍ଠ ପାଞ୍ଚଟି ଆଞ୍ଚଳିକ ଦଳ (ଡିଏମକେ, ଏଆଇଟିସି, ୱାଇଏସଆରସିପି, ଟିଡିପି, ଏଆଇଏଡିଏମକେ) ମୋଟ ୮୪୦.୧୨ କୋଟି ପାଇଛନ୍ତି, ଯାହା ୨୦୨୪-୨୫ ବର୍ଷ ପାଇଁ ମୋଟ ଆଞ୍ଚଳିକ ଚାନ୍ଦାର ୭୯.୯% ।

ଡିଏମକେ ୩୬୫.୭୮ କୋଟି,ଟିଏମ୍ସି ୧୮୪.୯୬ କୋଟି, ୱାଇଏସଆରସିପି ୧୪୦.୦୪ କୋଟି, ଟିଡିପି ୮୩.୦୪ କୋଟି, ଏଆଇଏଡିଏମକେ ୬୬.୩୧ କୋଟି, ବିଜେପି ୬୦ କୋଟି, ଜେଏମ୍ଏମ୍ ୩୩.୨୩ କୋଟି, ଜନସେବା ପାର୍ଟି ୨୫,୩୩ କୋଟି, ଜେଡିୟୁ, ୧୮.୭୦ କୋଟି ଏବଂ ବିଆରଏସ୍ ୧୫.୦୯ କୋଟି ପାଇଛନ୍ତି। ଜାତୀୟ ଦଳ ଭିତରେ ବିଜେପିକୁ ସର୍ବାଧିକ ୬,୦୭୪.୦୨ କୋଟି, କଂଗ୍ରେସକୁ ୫୧୭.୩୯ କୋଟି, ଆପ୍କୁ ୩୮.୧୦ କୋଟି, ସିପିଆଇଏମ୍ ୧୬.୯୫ କୋଟି, ଏନ୍ପିଇପି ୨.୯ କୋଟି ଏବଂ ବିଏସ୍ପିକୁ କିଛି ବି ଚାନ୍ଦା ମିଳିଛି।

ଏଭଳି ଭାବରେ ଜାତୀୟ ଦଳଙ୍କୁ ମୋଟ ୬,୬୪୮ କୋଟି ୧୧ ହଜାର ୩୪୩ ଟଙ୍କା ଦାନରେ ମିଳିଛି। ଏହି ବିପୁଳ ଚାନ୍ଦା ଦେବାରେ ଭାରତର ସବୁଠାରୁ ବଡ଼ ବ୍ୟବସାୟିକ ସଂସ୍ଥା ଏବଂ ନିର୍ବାଚନୀ ଟ୍ରଷ୍ଟଗୁଡ଼ିକ ସିଧାସଳଖ ରହିଛନ୍ତି। ଆଞ୍ଚଳିକ ଦଳଗୁଡ଼ିକର ମୋଟ ଦାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ସିଧାସଳଖ ଶିଳ୍ପରୁ ଆସିଥାଏ।କର୍ପୋରେଟ୍ର ଦବଦବା: ୨୦୨୪-୨୫ ରେ, ଆଞ୍ଚଳିକ ଦଳଗୁଡ଼ିକୁ ମୋଟ ଦାନର ୬୧.୩୩% (ପ୍ରାୟ ୬୪୪.୯୩ କୋଟି) କେବଳ କର୍ପୋରେଟ୍ ଏବଂ ବ୍ୟବସାୟିକ ସଂସ୍ଥାଗୁଡ଼ିକରୁ ଆସିଥିଲା।ପ୍ରୁଡେଣ୍ଟ ଇଲେକ୍ଟୋରାଲ୍ ଟ୍ରଷ୍ଟ:ଏହି ଟ୍ରଷ୍ଟ ଉଭୟ ଆର୍ଥିକ ବର୍ଷରେ ଆଞ୍ଚଳିକ ଦଳଗୁଡ଼ିକୁ ସର୍ବାଧିକ ୪୩୪ କୋଟି ଟଙ୍କା ପ୍ରଦାନ କରିଥିଲା, ଯାହା ମଧ୍ୟରୁ ୨୫୩.୫୦ କୋଟି ଟଙ୍କା ଇଲେକ୍ଟୋରାଲ୍ ଟ୍ରଷ୍ଟରୁ ଆସିଥିଲା। ଟାଇଗର ଆସୋସିଏଟ୍ସ:ଏହା ଦ୍ୱିତୀୟ ସ୍ଥାନରେ ରହିଛି, କେବଳ ୨୦୨୪-୨୫ ରେ ପାଞ୍ଚଟି କିସ୍ତିରେ ୧୬୦ କୋଟି ଟଙ୍କା ଦାନ କରିଥିଲା। ଆଞ୍ଚଳିକ ଦଳଗୁଡ଼ିକ ଭିତରେ ଦିଲ୍ଲୀ (୪୩୩.୭୭ କୋଟି ଟଙ୍କା), ପଶ୍ଚିମବଙ୍ଗ (୧୭୨.୯୩ କୋଟି ଟଙ୍କା) ଏବଂ ମହାରାଷ୍ଟ୍ର (୧୫୮.୮୦ କୋଟି ଟଙ୍କା)ରୁ ସର୍ବାଧିକ ଦାନ ପାଇଛନ୍ତି।ସେଭଳି ପ୍ରୋଗେସିନ୍ ଇଲେକ୍ଟ୍ରିକାଲ ଟ୍ରଷ୍ଟ ୭୦ କୋଟି, ବେଦାନ୍ତ ଲିମିଟେଡ୍ ୪୫ କୋଟି, ଏବି ଜେନେରାଲ ଇଲେକ୍ଟୋରାଲ ଟ୍ରଷ୍ଟ ୩୨ କୋଟି, ନାଟକୋ ଫାର୍ମା ୧୮.୫୦ କୋଟି ଚାନ୍ଦା ଦେଇଛନ୍ତି। ସେଭଳି ବହୁ ଆଞ୍ଚଳିକ ଦଳ ନିଜର ଚାନ୍ଦାର ରିପୋର୍ଟ ଦେଇ ନାହାନ୍ତି। ମାନ୍ୟତା ପ୍ରାପ୍ତ ୬୭ ଆଞ୍ଚଳିକ ଦଳ ଭିତରୁ ବର୍ତ୍ତମାନ ପର୍ଯ୍ୟନ୍ତ ୩୩ଟି ଦଳ ରିପୋର୍ଟ ଦେଇଛନ୍ତି। ବାକି ଦଳ ଗୁଡିକ ନିଜ ଓ୍ୱେବସାଇଟ୍‌ରେ କେଣସି ତଥ୍ୟ ଦେଇ ନାହାନ୍ତି।

## ଛାତ୍ର ଆନ୍ଦୋଳନ ପ୍ରସଙ୍ଗରେ ଲୋକସଭାରେ ବିବୃତି ଦେବେ ଅମିତ ଶାହ

ନୂଆଦିଲ୍ଲୀ,୧୦।୮ :ସଂସଦର ଚାଲୁଥିବା ମୌସୁମୀ ଅଧିବେଶନରେ ଜାରି ରହିଥିବା ଅଚଳାବସ୍ଥା ଦୂର ହେବାର ବାଟ ଫିଟିଛି। ଛାତ୍ର ଆନ୍ଦୋଳନ ପ୍ରସଙ୍ଗରେ ବିରୋଧୀଙ୍କ ଦାବିକୁ ସରକାର ଆଂଶିକ ଭାବେ ଗ୍ରହଣ କରିଛି। ବିରୋଧୀଙ୍କ ଦାବି ଅନୁଯାୟୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଲୋକସଭାରେ ଏହି ପ୍ରସଙ୍ଗରେ ବିବୃତି ରଖିବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୋମବାର ସୂଚନା ଦେଇଛନ୍ତି ।ଜୁଲାଇ ୨୦ରୁ ଅମିତ ଶାହଙ୍କ ବିବୃତି ଦାବି କରି ବିରୋଧୀ ଦଳଗୁଡ଼ିକ ସଂସଦରେ ହଟ୍ଟଗୋଳ କରିଆସୁଥିଲେ। ମୌସୁମୀ ଅଧିବେଶନ ଅଗଷ୍ଟ ୧୩ରେ ଶେଷ ହେବାକୁ ଥିବା ବେଳେ ସରକାରଙ୍କ ଏହି ଘୋଷଣା ଅଚଳାବସ୍ଥା ଦୂର କରିବା ଦିଗରେ ଏକ ପଦକ୍ଷେପ ବୋଲି ମନେ କରାଯାଉଛି ।ତେବେ ସରକାରଙ୍କ ଆଶ୍ୱାସନ ସତ୍ତ୍ୱେ ସୋମବାର ଲୋକସଭାରେ ହଟ୍ଟଗୋଳ ଜାରି ରହିଥିଲା। ବିରୋଧୀ ଦଳଗୁଡ଼ିକ ରାମ ମନ୍ଦିର ଚାନ୍ଦା ସଂଗ୍ରହ ସମ୍ପର୍କିତ ଅଭିଯୋଗ ଉପରେ ଆଲୋଚନା ଦାବି କରିଥିଲେ। ଫଳରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇ ଆସନ୍ତାକାଲି ସକାଳ ୧୧ଟା ପର୍ଯ୍ୟନ୍ତ ଲୋକସଭାକୁ ମୁଲତବୀ କରାଯାଇଛି।



ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ସମୟରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳଗୁଡ଼ିକ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିବୃତି ଦାବି କରିଆସୁଛନ୍ତି। ଏହି ପ୍ରସଙ୍ଗରେ କେବଳ ବିବୃତି ନୁହେଁ, ଛାତ୍ରମାନଙ୍କ ସହ ସମ୍ପର୍କିତ ସମସ୍ତ ବିଷୟରେ ସରକାର ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ରିଜିଜୁ କହିଛନ୍ତି।

## ଅଙ୍ଗାର ମୋତି ମନ୍ଦିର

ଛତିଶଗଡ଼ ରାଜ୍ୟର ଗଙ୍ଗରେଲ ବନ୍ଧ ବନ କ୍ଷେତ୍ର ସ୍ଥିତ ମା ଅଙ୍ଗାହ ମୋତିଙ୍କ ମନ୍ଦିର ଆସ୍ଥା ଓ ବିଶ୍ୱାସର ପ୍ରମୁଖ କେନ୍ଦ୍ର ଅଟେ । କୁହାଯାଏ ଯେ, ସନ୍ତାନ ସୁଖରୁ ବଂଚିତ ମହିଳାମାନେ ଏଠାକୁ ଆସି ମାଙ୍କ ଆଶୀର୍ବାଦରେ ଗର୍ଭବତୀ ହୋଇଥାନ୍ତି । ମନସ୍କାମନା ପୂର୍ଣ୍ଣ ହେବା ପରେ ମା'ଙ୍କୁ ବଳିଦାନର ପ୍ରଥ ମଧ୍ୟ ଏଠାରେ ରହିଛି । ଜିଲ୍ଲା ମୁଖ୍ୟାଳୟ ଧମତରୀରୁ ୧୨ କି.ମି. ଦୂର ମହାନଦୀ ଉପରେ ଗଙ୍ଗରେଲ ବନ୍ଧ । ବନ୍ଧ ପାର୍ଶ୍ୱରେ ଏକ ଜଙ୍ଗଲ ରହିଛି, ଯେଉଁଠି ମା ଅଙ୍ଗାର ମୋତିଙ୍କ ମନ୍ଦିର ରହିଛି । ମା' ଅଙ୍ଗାର ମୋତି ଆଦିବାସୀ ସଂପ୍ରଦାୟର ଦେବୀ ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି । ସେଥିପାଇଁ ମନ୍ଦିରର ପୂଜାରୀ ଆଦିବାସୀ ସଂପ୍ରଦାୟର ଅଟନ୍ତି । ଅଙ୍ଗିରା ଋଷିଙ୍କ ପୁତ୍ରୀ ହେଉଛନ୍ତି ଅଙ୍ଗାରମୋତି, ଯିଏ ଧରିତ୍ରୀରେ ପ୍ରକଟ ହୋଇଥିଲେ ।



..... ପରଦା ଖବର .....

## ବହୁପୁରାତନ ଶିବଲିଙ୍ଗ

ଆଲୋଚ୍ୟ ଶିବଲିଙ୍ଗ ପଛରେ ଲୁଚି ରହିଛି ବିଜ୍ଞାନ। ବିଭିନ୍ନ ସ୍ଥାନରେ ଅନେକ ପ୍ରକାରର ଶିବଲିଙ୍ଗ। ଏହାର ଆକୃତି ଏହାର ପ୍ରକୃତି ଏହାର ନାମ ସବୁଥାଏ ପରସ୍ପରଠୁ ଅଲଗା। କେମିତି କିପରି ଚାଲନ୍ତୁ ଆଜି ଜାଣିବା..

ଶିବଲିଙ୍ଗ ପଛରେ ଲୁଚି ରହିଛି ବିଜ୍ଞାନ। ଦୁନିଆରେ ଅଛି ଅନେକ ପ୍ରକାରର ଶିବଲିଙ୍ଗ। ଏହାର ଆକୃତି ଏହାର ପ୍ରକୃତି ଏହାର ନାମ ସବୁଥାଏ ପରସ୍ପରଠୁ ଅଲଗା। କେମିତି କିପରି ଚାଲନ୍ତୁ ଜାଣିବା.. ଆମେ ସମସ୍ତେ ଭଗବାନ ଶିବଙ୍କ ପୂଜା କରିଥାଉ। ଶିବଲିଙ୍ଗ ଉପରେ ଜଳ ମଧ ଚଢ଼ାଉ। ଯେମିତି ପ୍ରଭୁ ଆମ ଇଚ୍ଛା ପୂର୍ଣ୍ଣ କରିବେ। କଣ ଜାଣିଛନ୍ତି ଭଗବାନ ଶିବଙ୍କ ଏହି ପବିତ୍ର ପ୍ରତୀକର ମଧ ଗୋଟିଏ ବିଜ୍ଞାନ ଅଛି। ତେବେ ଏହା ବିଭିନ୍ନ ପ୍ରକାରର ତଥା ଆକୃତିର ହୋଇଥାଏ। ଯାହାର ନାମ ମଧ ଭିନ୍ନ ରହିଛି। କେବଳ ଏତିକି ନୁହେଁ ଶିବଲିଙ୍ଗର ଉପର ଭାଗରୁ ତଳ ଭାଗ ପର୍ଯ୍ୟନ୍ତ ସବୁ ଭାଗର ଅର୍ଥ ଅଲଗା ଅଲଗା ଥାଏ।

କଣ କେବେ ଭାବିଛନ୍ତି ଯେଉଁ ଶିବଲିଙ୍ଗକୁ ଆମେ ପୂଜା କରୁଛେ। ପ୍ରକୃତରେ ତାହା ପଛରେ ଥିବା ବିଜ୍ଞାନ ଏହିପରି। ଶିବଲିଙ୍ଗର ରହିଛି ତିନୋଟି ଭାଗ। ପ୍ରଥମ ଭାଗ ଯାହାକି ପୂରା ତଳ ଭାଗ ଭୂମିରେ ରହିଥାଏ । ମଧ ଭାଗରେ ସବୁ ଦିଗରୁ ସମାନ ଆକାରର ହୋଇଥାଏ। ଶେଷରେ ଶୀର୍ଷ ଭାଗ ଯାହାକି ଅଣ୍ଡାକାର ହୋଇଥାଏ। ଯାହାର ପୂଜା ହୁଏ। ଯାହା ଉପରେ ବେଲପତ୍ର, ଫୁଲ , କ୍ଷୀର ଚନ୍ଦନ ଓ ଜଳ ଅର୍ପଣ ହୁଏ। ଏହି ଶିବଲିଙ୍ଗ ର ଉଚ୍ଚତା ସମ୍ପୂର୍ଣ୍ଣ ମଣ୍ଡଳ ବା ପରିଧିର ଏକ ତୃତୀୟାଂଶ ହୋଇଥାଏ।

ଏହି ୩ ଟି ଭାଗରେ ବ୍ରହ୍ମା ତଳ ଭାଗରେ , ମଧ ଭାଗରେ ବିଷ୍ଣୁ, ଶୀର୍ଷରେ ଶିବଙ୍କ ଉପସ୍ଥିତି ଅଛି ବୋଲି ବିଶ୍ୱାସ ଅଛି। ଶୀର୍ଷ ଉପରେ ଜଳ ଅର୍ପଣ କରାଯାଏ। ଯାହା ତଳ ଭାଗରେ ହୋଇଥିବା ମାର୍ଗରେ ଅତିକ୍ରମ କରେ। ଶିବଙ୍କ



ମଥାରେ ତିନୋଟି ରେଖା ମାତେ ତ୍ରିପୁଣ୍ଡ ଓ ଗୋଟିଏ ବିନ୍ଦୁ ଅଛି। ଏହା ସମାନ ଭାବରେ ଅଙ୍କା ଯାଇଥାଏ।

ସମସ୍ତ ଶିବ ମନ୍ଦିରରେ ଗର୍ଭଗୃହରେ ଗୋଲାକାର ଆଧାର ଭିତରେ ଅଣ୍ଡାକାର ଶିବଲିଙ୍ଗ ରହିଥାଏ। ପ୍ରାଚୀନ ଋଷି ମୁନିଙ୍କ ଦ୍ୱାରା ବ୍ରହ୍ମାଣ୍ଡର ବୈଜ୍ଞାନିକ ରହସ୍ୟକୁ ବୁଝି ଏହାର ସତ୍ୟତା ପ୍ରକଟ କରିବା ପାଇଁ ସ୍ପଷ୍ଟୀକରଣ କରାଯାଇଛି।

ଇତିହାସକୁ ଦେଖିଲେ ପ୍ରଥମେ ପ୍ରାଚୀନ ସହର ମେସୋପୋଟାମିଆ ଓ ବେବିଲୋନରେ ଶିବଲିଙ୍ଗ ର ପୂଜା ଆରମ୍ଭ କରାଯାଇଥିଲା । ଏହାପରେ ମହେନଜୋଦା ହରପ୍ପାର ବିକଶିତ ସଂସ୍କୃତିରେ ମଧ ଶିବଲିଙ୍ଗର ପୂଜା କରାଯାଇଥିବାର ସୂଚନା ମିଳିଛି। ଏହାର ଅବଶେଷ ମଧ ଆପଣ ଦେଖିବାକୁ ପାଇବେ। ସଭ୍ୟତାର ଆରମ୍ଭରେ ଲୋକଙ୍କ ଜୀବନ ପଶୁ ଓ ପ୍ରକୃତି ଉପରେ ନିର୍ଭର ଥିଲା। ଏହି କାରଣରୁ ପଶୁଙ୍କ ସଂରକ୍ଷକ ଦେବତା ଭାବେ ପଶୁପତି ନାଥଙ୍କ ପୂଜା କରାଯାଉଥିଲା। ସନ୍ଧେବ ସଭ୍ୟତାରେ ଏକ ପଥରରେ ତିନି ମୁହଁ ଥିବା ଏକ ପୁରୁଷ ଦେଖାଯାଇଥିଲା। ଯାହାର ଆଖପାଖରେ ଅନେକ ପଶୁପକ୍ଷୀ ଥିବାର ଦେଖିବାକୁ ମିଳିଥିଲା। ଏହି କାରଣରୁ ଭଗବାନ ଶିବଙ୍କ ଉପସ୍ଥିତି ଓ ପୂଜାକୁ ମନାଯାଏ।

ତେବେ ସାଧାରଣ ଭାବେ ପ୍ରମୁଖ ରୂପେ ଶିବଲିଙ୍ଗ ଦୁଇ ପ୍ରକାରର ହୋଇଥାଏ। ପ୍ରଥମ ଆକାଶୀୟ ବା ଉଲକା ଶିବଲିଙ୍ଗ ଓ ପାରଦ ଶିବଲିଙ୍ଗ। ତେବେ ପୁରାଣ ଅନୁସାରେ ଏହା ପ୍ରମୁଖ ରୂପେ ୬ ପ୍ରକାରର ହୋଇଥାଏ।

-ଦେବ ଲିଙ୍ଗ: ଯାହାର ଦେବତା ତଥା ଅନ୍ୟ ପ୍ରାଣୀ ଦ୍ୱାରା ସ୍ଥାପିତ କରାଯାଇଛି। ଏହାକୁ ଦେବଲିଙ୍ଗ କୁହାଯାଇଛି।

-ଅସୁର ଲିଙ୍ଗ:ଅସୁରଙ୍କ ଦ୍ୱାରା ପୂଜା କରାଯାଉଥିବା ଲିଙ୍ଗ। ରାବଣ ଏକଦା ଶିବଲିଙ୍ଗ ସ୍ଥାପିତ କରିଥିଲା। ଯାହାକି ଅସୁର ଶିବ ଲିଙ୍ଗ।

ଅର୍ଶ ଲିଙ୍ଗ: ପ୍ରାଚୀନ କାଳରେ ଅଗସ୍ତ୍ୟ ମୁନି ଭଳି ସନ୍ଥଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଲିଙ୍ଗ।

ପୁରାଣ ଲିଙ୍ଗ:ପୌରାଣିକ କାଳର ବ୍ୟକ୍ତିଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଶିବଲିଙ୍ଗ। ମନୁଷ୍ୟ ଲିଙ୍ଗ:ପ୍ରାଚୀନ କାଳ ତଥା ମଧକାଳରେ ଐତିହାସିକ ମହାପୁରୁଷ, ଧନୀ ତଥା ରାଜା ମହାରାଜାଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଲିଙ୍ଗ। ସ୍ୱୟଂଭୁ ଲିଙ୍ଗ: ଯେଉଁ ଲିଙ୍ଗ ଆପେ ଆପେ ପ୍ରକଟ ହୋଇଛି। ଏହାକୁ ସ୍ୱୟଂଭୁ ଶିବଲିଙ୍ଗ କୁହାଯାଏ। ଭାରତରେଏହାର ମାତ୍ର ଖୁବ ଅଧିକ ରହିଛି। କଦାବୁଲ ମନ୍ଦିରରେ ୩୨୦ କିଲୋଗ୍ରାମ, ୩ ଫୁଟ ଉଚ୍ଚା ସ୍ୱୟଂଭୁ ସ୍ଫଟିକ ଶିବଲିଙ୍ଗ ରହିଛି। ଏହା ସବୁଠୁ ବଡ଼ ସ୍ଫଟିକ ଶିବଲିଙ୍ଗ।

## ଏହିସବୁ ରଙ୍ଗ ଘରକୁ ଦେଇଥାଏ ବଢ଼ିଆ ଲୁକ୍



ଘରର ବାହାରର ରଙ୍ଗ ପାଇଁ ଅନେକ ଲୋକ ଅନ୍ୟମାନଙ୍କ ପରାମର୍ଶ ନିଅଁ । କିଂ ଅନେକ ଘରର ଭିତରର ରଙ୍ଗକୁ ଏତେ ଧ୍ୟାନ ଦିଅଁ ନାହିଁ । ତେବେ ରଙ୍ଗ ବାଛି ନଜାଣିଲେ ଯେତେ ସୁନ୍ଦର ଡିଜାଇନରର ଘର ହୋଇଥିଲେ ବି ତାହା ଆଖିକୁ ଭଲ ଦିଶେ ନାହିଁ । ଘରର ଭିତରର ରଙ୍ଗ ପାଇଁ କେହି କେହି କଲର ଡିଜାଇନରଙ୍କ ପରାମର୍ଶ ନିଅଁ । ତେବେ ସେମାନଙ୍କ ବିନା ସହାୟତାରେ ମଧ୍ୟ ଆପଣ ଘର ପାଇଁ ସଠିକ୍ ରଙ୍ଗ ବାଛି ପାରିବେ । ତା'ହେଲେ ଆସଂ ଜାଣିବା ଘରର କେଉଁ ରୁମରେ କେଉଁ ରଙ୍ଗ ଦେବା ଉଚିତ୍ ।

୧- ରୋଷେଇ ଘରେ ଲାଲ କିମ୍ବା କମଳା ରଙ୍ଗ କରଂ ।

୨- ବାଥରୁମରେ ଧଳା କିମ୍ବା ହାଲକା ନୀଳ ରଙ୍ଗ କରଂ ।

୩- ଗେଷ୍ଟଙ୍କ ପାଇଁ ଡ୍ରଇଂ ରୁମ୍ ଆକର୍ଷଣୀୟ ହେବା ଆବଶ୍ୟକ । ଏଥିପାଇଁ ଡ୍ରଇଂ ରୁମ୍‌ରେ ସ୍କାଏ,କ୍ରୀମ୍ କିମ୍ବା ହାଲକା ରଙ୍ଗ କଲେ ମଡର୍ଣ୍ଣ ଲୁକ୍ ଦେଇଥାଏ ।

୪- ଠାକୁର ଘରେ ହଳଦିଆ କିମ୍ବା ହାଲକା ହଳଦିଆ ରଙ୍ଗ କଲେ ଭଲ ଲାଗିବ ।।

୫- ପିଲାଙ୍କ ପାଠପଢା ଘରକୁ ସବୁଜ ରଙ୍ଗ କରଂ ।

୬- ବେଡରମକୁ ଗୋଲାପୀ ରଙ୍ଗ, ଲାଇଟ୍ ଗ୍ରୀନ କିମ୍ବା କୌଣସି ହାଲକା ରଙ୍ଗ କରଂ ।

## ମହାଦେବଙ୍କ ତୃତୀୟ ନେତ୍ର ଖୋଲିଲେ କ'ଣ ହେବ ?

ମହାଦେବଙ୍କ ତୃତୀୟ ନେତ୍ର କାହାକୁ ଦର୍ଶାଏ ? ଯଦି ଏହା ଖୋଲିଯିବ ତେବେ କ'ଣ ହେବ ? ଆଜି ଜାଣନ୍ତୁ ଏହାକୁ ନେଇ କ'ଣ କହୁଛି ବେଦଶାସ୍ତ୍ର ତ୍ରିଦେବଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛନ୍ତି ଭୋଳାଶଙ୍କର। ଯିଏ ନିଜ ଭକ୍ତଙ୍କୁ ବହୁତ ଭଲ ପାଆନ୍ତି। ସେମାନଙ୍କ କଷ୍ଟକୁ ହରଣ କରନ୍ତି। ଭୋଳା ବାବା ଅଧର୍ମକୁ ସହି ପାରନ୍ତି ନାହିଁ। ଧର୍ମର ପ୍ରତିଷ୍ଠାରେ ସବୁ ଦେବତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ ଶିବଙ୍କର ସ୍ଥାନ ଖୁବ ଉଚ୍ଚରେ ରହିଛି। ସତୀ ଏବଂ ପାର୍ବତୀଙ୍କ ପତି ଭଗବାନ ଶଙ୍କରଙ୍କୁ ସଦାଶିବଙ୍କ କାରଣରୁ ଶିବ ମଧ କୁହାଯାଇଥାଏ। ସନାତନ ଧର୍ମର ପ୍ରମୁଖ ଆଦି ପଞ୍ଚ ଦେବତାଙ୍କ ମଧ୍ୟରେ ଭଗବାନ



ଶଙ୍କରଙ୍କ ସ୍ଥାନ ରହିଛି। ସେହିଭଳି ଶଙ୍କରଙ୍କୁ ଦେବାଧି ଦେବ ମହାଦେବ ମଧ କୁହାଯାଇଥାଏ। ଭଗବାନ ଶିବ ଯେତିକି ଶୀଘ୍ର ପ୍ରସନ୍ନ ହୁଅନ୍ତି ସେତିକି ଶୀଘ୍ର କ୍ରୋଧିତ ମଧ ହୋଇଥାନ୍ତି। ସବୁ ଦେବତାଙ୍କ ମଧ୍ୟରୁ ମହାଦେବ ପ୍ରଚଣ୍ଡ ରାଗି । ସବୁ ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ବଡ ବଡ ପୂଜା କରାଯାଇଥାଏ । କିନ୍ତୁ ଭାଗବାନ ଶିବ କେବଳ ଶିବଲିଙ୍ଗରେ ଶ୍ରଦ୍ଧାର ସହ ଜଳ ଅର୍ପଣ କଲେ ମଧ ପ୍ରସନ୍ନ ହୋଇ ନିଜ ଭକ୍ତଙ୍କ କଲ୍ୟାଣ କରିଥାନ୍ତି । ଭଗବାନ ଶିବଙ୍କ ମଥାରେ ତୃତୀୟ ନୟନ ଥିବା କଥା ପୁରାଣରେ ଅଛି । ସେ ତୃତୀୟ ନୟନରେ ସବୁକିଛି ଦେଖିପାରନ୍ତି । ଯେତେବେଳେ ଶିବ ନିଜ ତୃତୀୟ ନୟନ ଖୋଲନ୍ତି ସେଥିରୁ ବହୁତ ତୀକ୍ଷ୍ଣ ଆଲୋକ ବାହାରିଥାଏ । ସେହି ଆଲୋକରେ ସବୁ ଭସ୍ମ ହୋଇଯାଏ ।ଏଭଳି ସ୍ଥିତିରେ ଶିବ ଯେକୌଣସି ଜାଗାକୁ ଦେଖିପାରନ୍ତି ଏବଂ କାହା ସହ ମଧ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନା କରିପାରିଥାନ୍ତି । ଭଗବାନ ଶିବଙ୍କ ତୃତୀୟ ନୟନକୁ ପ୍ରଳୟ ବୋଲି କୁହାଯାଏ। ଭଗବାନ ଶିବଙ୍କ ତୃତୀୟ ନୟନରୁ ବାହାରୁଥିବା କ୍ରୋଧ ଅଗ୍ନିରେ ପୃଥିବୀ ଧ୍ୱଂସ ହୋଇଯିବ । ଶିବଙ୍କ ୩ଟି ଆଖିର ଗୁଣ ଅଲଗା ଅଲଗା । ଭଗବାନ ଶିବଙ୍କ ତୃତୀୟ ନୟନ ତାଙ୍କ ମଥାରେ ଥାଏ ଯେଉଁଥିପାଇଁ ତାଙ୍କୁ ତ୍ରିନେତ୍ର କୁହାଯାଇଥାଏ । ଗୋଟିଏ ନୟନକୁ ଚନ୍ଦ୍ର, ଦ୍ୱିତୀୟକୁ ସୂର୍ଯ୍ୟ ଏବଂ ଶିବଙ୍କ ତୃତୀୟ ଚକ୍ଷୁ ଆଜ୍ଞାଚକ୍ର ବୋଲି କୁହାଯାଏ ।ବେଦ ଶାସ୍ତ୍ର ଅନୁସାରେ ଧରାପୃଷ୍ଠରେ ରହୁଥିବା ସମସ୍ତ ଜୀବଙ୍କ ୩ଟି ଚକ୍ଷୁ ରହିଛି । ୨ ଚକ୍ଷୁରେ ସମସ୍ତ ଜୀବ ଭୌତିକ ବସ୍ତୁ ଦେଖିଥାନ୍ତି ଏବଂ ତୃତୀୟ ଚକ୍ଷୁକୁ ବିବେକ ବୋଲି ବିଚାର କରାଯାଏ । କିନ୍ତୁ ତୃତୀୟ ଚକ୍ଷୁ ଦେଖାଯାଏନାହିଁ । ମହାଭାରତର ଷଷ୍ଠ ଖଣ୍ଡ ଅନୁଶାସନ ପର୍ବ ଅନୁସାରେ ଏକଦା ଭଗବାନ ଶିବ ହିମାଳୟ ପର୍ବତ ରେ ସଭା କରୁଥିଲେ। ଏଥିରେ ସମସ୍ତ ଦେବତା, ଋଷି ମୁନି ଥିଲେ। ସେହି ସମୟରେ ମାତା ପାର୍ବତୀ ସେଠାକୁ ଆସିଲେ ଓ ଭୋଳାନାଥଙ୍କ ଆଖିରେ ଦୁଇ ହାତ ରଖିଦେଲେ। ଭଗବାନ ଶିବଙ୍କ ଆଖି ଲୁଚିଯିବା କାରଣରୁ ସୃଷ୍ଟିରେ ଅନ୍ଧାର ହୋଇଗଲା। ଏମିତି ଲାଗିଲା ଯେମିତି ଭଗବାନଙ୍କ ଗୁରୁତ୍ୱ କିଛି ଆଉ ସତେ ନାହିଁ।

## ବାବା ଗୋରେଖନାଥଙ୍କ ପୀଠ

ବାବା ଗୋରେଖନାଥ। ଜଗତସିଂହପୁର ଜିଲ୍ଲା ଛପଡା ପଞ୍ଚାୟତର କେରେକେରା ଗାଁରେ ବିଦ୍ୟମାନ ବାବା ଗୋରେଖନାଥ। ପ୍ରଭୁଙ୍କର ଅପାର ମହିମା। ପ୍ରଭୁଙ୍କ କରୁଣାରୁ ସର୍ପ ବିଷ ନାଶନ ଓ ଗୋ-ରୋଗ ନିରାକରଣ ହୋଇଥାଏ ବୋଲି ଯୁଗ ଯୁଗରୁ ବିଶ୍ୱାସ ରହିଆସିଛି। ସେଥିପାଇଁ ଏହି ପୀଠକୁ ହଜାର ହଜାର ଭକ୍ତ ଧାଇଁ ଆସନ୍ତି। ପୂର୍ବରୁ ଏହି ପୀଠ ଜଗତସିଂହପୁରର ହରିନାଥଙ୍କ ଗାଦି ଦ୍ୱାରା ପରିଚ୍ଚଳିତ ହେଉଥିଲା। ନାଥଧର୍ମର ପତନ ପରେ ଏହା ବ୍ରାହ୍ମଣ ଓ ବୈଷ୍ଣବମାନଙ୍କ ଦ୍ୱାରା ପରିଚ୍ଚଳିତ ହେଉଥିଲା। ଏବେ ଏହା ଟ୍ରଷ୍ଟ ବୋର୍ଡ ଦ୍ୱାରା ପରିଚ୍ଚଳିତ ହେଉଛି। ବରଗଛ ମୂଳରେ ଗାଦି ରହିଥିଲା। ମନ୍ଦିର ନଥିଲା। ୧୯୯୯ ମହାବାତ୍ୟା ପରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ନିର୍ମାଣ ହୋଇଛି ଭବ୍ୟ ମନ୍ଦିର। ଗୋରେକନାଥଙ୍କ ପୀଠରେ ବିଭିଉ ମଠଗାଦି, ଧୁନିକୁଣ୍ଡ, ଦେବମନ୍ଦିର ଥିବାରୁ ଏହି କ୍ଷେତ୍ର ବେଶ୍ ପ୍ରସିଦ୍ଧ। ଶାରଳା ସାହିତ୍ୟରେ ଗୋରେଖନାଥଙ୍କ ବିଷୟରେ ବହୁ ବର୍ଣ୍ଣନା କରାଯାଇଛି। ଏହି ପୀଠରେ ସନ୍ନ୍ୟାସୀ ଗୋରେଖନାଥ ଅବସ୍ଥାନ କରିବା ସମୟରେ ଓଡ଼ିଆ ନାଥ ସାହିତ୍ୟ ରଚନା କରିଥିଲେ। ମହାଭାରତରେ ବର୍ଣ୍ଣିତ ଅଛି



ଗୋରେଖନାଥଙ୍କ କୃପାରୁ ଅର୍ଜୁନ ଗୋରେଖ ଗାରେଡି ମନ୍ତ୍ର ସିଦ୍ଧି ଲାଭ କରି ସର୍ପାଘାତରୁ ପୁଅ ଅଭିମନ୍ୟୁଙ୍କୁ ରକ୍ଷା କରିଥିଲେ ।୭ମ ଶତାବ୍ଦୀରେ ସନ୍ନ୍ୟାସୀ ଗୋରେଖନାଥ ଜମ୍ବୁଦ୍ୱୀପର କଦଳୀବଣରୁ ଫେରିବା ସମୟରେ ସାଧୁ ମଚେନ୍ଦ୍ରନାଥଙ୍କ ସହ ଭେଟ ହୋଇଥିଲା। ସାଧୁ ମଚେନ୍ଦ୍ରନାଥଙ୍କ ଅନୁରୋଧରେ କେରେକେରାରେ ଥିବା ବଟବୃକ୍ଷ ମୂଳରେ ଗାଦି ସ୍ଥାପନ କରି ସନ୍ନ୍ୟାସୀ ଗୋରେଖନାଥ ତପସ୍ୟା କରିଥିଲେ। ସେ ଏକ ଧୁନି ସ୍ଥାପନ କରିଥିଲେ। ସେହି ଧୁନି ଆଜି ପର୍ଯ୍ୟନ୍ତ ଜଳି ଆସୁଛି। ଏହି ଧୁନିର ପାଉଁଶକୁ ବିଭୂତି କୁହାଯାଏ। ଏହି ବିଭୁତିକୁ ମୁଣ୍ଡରେ ମାରିଲେ ଓ ସେବନ କଲେ ସର୍ବୋଗ ଆରୋଗ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ସନ୍ନ୍ୟାସୀ ଗୋରେଖନାଥ ଏଠାରୁ ଯିବା ପରେ ତାଙ୍କ ଦ୍ୱାରା ସ୍ଥାପିତ ଗାଦିକୁ ଲୋକମାନେ ପୂଜା ଆରାଧନା କରିବାକୁ ଲାଗିଲେ। ପରେ ପୀଠର ନାମ ଗୋରେଖନାଥ ନାମିରେ ନାମିତ ହେଲା। ଏଠାରେ ଲିଙ୍ଗ ପୂଜା ପାଆନ୍ତି ନାହିଁ। ଗାଦି ପୂଜାପାଇ ଆସୁଛନ୍ତି। ଗୋରେଖନାଥ ପୀଠର ରହିଛି ଅଲୌକିକ ମହିମା । ସର୍ପାଘାତ ରୋଗୀମାନେ ଏଠାରେ ଅଧିଆ ପଡିଲେ ଭଲ ହୋଇଥାନ୍ତି। ଗୋପାଳକମାନେ ଗୋ ସମ୍ପଦର ସୁରକ୍ଷା ପାଇଁ ଗୋରେଖନାଥଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ଗାଈ ଜନ୍ମ କଲାପରେ ପ୍ରଥମ କ୍ଷୀର ମହାପ୍ରଭୁ ଗୋରେଖନାଥଙ୍କ ନିକଟରେ ଅର୍ପଣ କରିଥାନ୍ତି। ସେହି କ୍ଷୀରରେ ପ୍ରଭୁଙ୍କ ନିକଟରେ ଖିରି ପ୍ରସ୍ତୁତ କରାଯାଇ ଆର୍ପଣ କରାଯାଇଥାଏ। ଯଦି ନୀତିକାନ୍ତିରେ କୌଣସି ତ୍ରୁଟି ଦେଖାଦିଏ ତେବେ ଏହି ପୀଠରେ ଏକାଧିକ ନାଗସାପ ବରଗଛ ଓହଳରେ ଝୁଲି ରୁହନ୍ତି। ବାର ମାସରେ ତେର ପର୍ବ ପାଳିତ ହୁଏ। ଏହା ସହ ବାବା ଗୋରେଖନାଥଙ୍କ ଜନ୍ମଦିନ ଅଗ୍ନି ଉତ୍ସବ ଦିନରେ ହିଁ ପାଳିତ ହୋଇଆସୁଛି।

## ତୁଳସୀ ଗଛ ଆଣିଥାଏ ସୁଖ-ସମୃଦ୍ଧି

ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଗଛ ଲଗାଇବା ଦ୍ୱାରା ସାକରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ। ସେହିପରି ବାସ୍ତୁରେ ବିଭିନ୍ନ ଗଛଲତାର ଏକ ସ୍ୱତନ୍ତ୍ର ମହତ୍ୱ ରହିଥାଏ। ଯେପରି ତୁଳସୀ ଗଛ ବାସ୍ତୁ ଦୋଷ ଦୂର କରିଥାଏ। ଏଥିପାଇଁ ତୁଳସୀ ଗଛ ଘରର ସେହି ସ୍ଥାନରେ ନିଶ୍ଚୟ ରଖିବା ଉଚ୍ ଯେଉଁଠାରେ ବାସ୍ତୁ ଦୋଷ ରହିଥିବ। ଆସନ୍ତୁ ଜାଣିବା ତୁଳସୀ ଗଛ ସହ ଜଡ଼ିତ ବାସ୍ତୁ ଟିପ୍ସ।



ତୁଳସୀ ଗଛ ପାଇଁ ଉତ୍ତର,ଉତ୍ତର-ପୂର୍ବ କିମ୍ବା ପୂର୍ବ ଦିଗ ବାଛିବା ଉଚିତ। ଏହା ଦ୍ୱାରା ଘରେ ସକରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ ଏବଂ ନକରାତ୍ମକ ଶକ୍ତି ଦୂର ହୋଇଯାଇଥାଏ।

ଅନେକ ଲୋକ ତୁଳସୀ ଗଛକୁ ଘର ଅଗଣାର କେନ୍ଦ୍ରରେ ରଖି ଦେଇଥାନ୍ତି କିନ୍ତୁ ବାସ୍ତୁ ଅନୁସାରେ ତୁଳସୀ ଗଛକୁ ସବୁବେଳେ ଘରର ଯେକୌଣସି କୋଣରେ ରଖିବା ଉଚିତ।

ଯଦି ଆପଣ ଘରେ ଗୋଟିଏରୁ ଅଧିକ ତୁଳସୀ ଗଛ ଲଗାଇଥାନ୍ତି ତେବେ ଧ୍ୟାନ ରଖନ୍ତୁ ଯେ, ଆପଣଙ୍କୁ ୩,୫,୭ ଯୁଗ୍ମ ସଂଖ୍ୟାରେ ତୁଳସୀ ଗଛ ଲଗାଇବା ଉଚିତ।

ଯେଉଁଠାରେ ତୁଳସୀ ଗଛ ଲଗା ହୋଇଥିବ ସେଠାରେ ଭୁଲରେ ମଧ ଝାଡୁ କିମ୍ବା ଡଷ୍ଟବିନ୍ ରଖିବା ଅନୁଚିତ। ତୁଳସୀକୁ ଦେବତୁଲ୍ୟ କୁହାଯାଏ। ବାସ୍ତୁ ଦୃଷ୍ଟିରୁ ତୁଳସୀ ବହୁତ ଶୁଭ ଗଛ ଅଟେ।

ଘରେ ସୁଖ ସମୃଦ୍ଧି ପାଇଁ ତୁଳସୀ ଗଛରେ ସନ୍ଧ୍ୟା ବେଳେ ଦୀପ ଜଳାନ୍ତୁ। ଏଥିରେ ମା ଲକ୍ଷ୍ମୀଙ୍କ କୃପା ରହିଥାଏ।

ଘରେ ଐଶାନ୍ୟ କୋଣରେ କୌଣସି ଧରଣର ବାସ୍ତୁ ଦୋଷ ଥିଲେ ଏହି ଦିଗରେ ତୁଳସୀ ଗଛ ଲଗାଇବା ଉଚିତ।

# ଓଡ୍ରାଫର ବୃଦ୍ଧି ପାଇବ ଦକ୍ଷତା ଓ କ୍ଷମତା

**ଭୁବନେଶ୍ୱର,୯।୮ (ମହାଭାରତ):** ଓଡ୍ରାଫକୁ ରାଜ୍ୟର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ / ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ (ଏସଡିଆରଏଫ୍) ଭାବେ ଉନ୍ନୀତ କରାଯିବ ଏବଂ ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି, ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିଅନ୍ ଗଠନ ସହିତ ଏହାର ନେତୃତ୍ୱ ଓ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବାକୁ ମଧ୍ୟ ପଦକ୍ଷେପ ନିଆଯିବ। ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଏବଂ ଭିତ୍ତିଭୂମି ସମ୍ପର୍କରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଓଡ୍ରାଫର ଆବଶ୍ୟକ ଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧି ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ସାମ୍ପ୍ରତିକ ବନ୍ୟା ପରିପ୍ରେକ୍ଷୀରେ ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ ଦ୍ୱାରା ବିଭିନ୍ନ ପ୍ରଭାବିତ ଅଂଚଳରେ ପ୍ରଦତ୍ତ ସେବା ଏବଂ ସମ୍ମୁଖୀନ ହୋଇଥିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କ୍ଷ ଅଗଷ୍ଟ ୪ ତାରିଖ ସୁଦ୍ଧା ୯ଟି ଜିଲ୍ଲାରେ ପ୍ରାୟ ୫୮ ଘଣ୍ଟାର ରାତ୍ରିକାଳୀନ ଉଦ୍ଧାର ଅଭିଯାନ ସହ ପ୍ରାୟ ୫୯ଟି ବୋଟ୍ ବ୍ୟବହୃତ ହୋଇଛି। ଏଥିରେ ୮୫୨ ଜଣ ପୁରୁଷ ଏବଂ ୫୪୧ ଜଣ ମହିଳାଙ୍କୁ ଓଡ୍ରାଫ୍ ଦ୍ୱାରା ସୁରକ୍ଷିତ ଉଦ୍ଧାର କରାଯାଇଛି। ପ୍ରାୟ ୫୯ଟି ଓଡ୍ରାଫ୍ ଟିମରେ ୬୭୪ ଜଣ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ହୋଇ ଦିନ ରାତି ଏକ କରି ସମର୍ପିତ ହୋଇ ଜନସାଧାରଣଙ୍କୁ ସେବା ଏବଂ ସହାୟତା ଯୋଗାଇ ଦେଇଛନ୍ତି। ୧୯ଜଣ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରାଯିବା ସହ ୬ଜଣ ସାପ କାମୁଡ଼ିଥିବା ରୋଗୀଙ୍କୁ ଉଚିତ୍ ସମୟରେ ଉଦ୍ଧାର କରାଯାଇଛି। ସେହିପରି ଜରୁରିକାଳୀନ ଡାକ୍ତରୀ ସେବା ନିମନ୍ତେ ୨୫ଟି ଉଦ୍ଧାର କାର୍ଯ୍ୟ କରାଯାଇଥିବା ବେଳେ ୨୧୩ ପଶୁସମ୍ପଦଙ୍କୁ ମଧ୍ୟ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଛନ୍ତି। ଏଥିସହିତ ପ୍ରଭାବିତ ଅଂଚଳରେ ୧୮ଟି ବିଶାଳ ଗଛକୁ କାଟି ଯାତାୟତ ପଥ ସୁଗମ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ସର୍ବମୋଟ୍ ୪୦୯ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ଓଡ୍ରାଫ୍ ଟିମ୍ ସଫଳତାର ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ସେବା ପ୍ରଦାନ କରିଛନ୍ତି। ଓଡ୍ରାଫ୍ ଦ୍ୱାରା ବନ୍ୟା ପ୍ରଭାବିତ ଅଂଚଳରେ ପ୍ରଦତ୍ତ ବ୍ୟାପକ ସେବା କାର୍ଯ୍ୟର ସମୀକ୍ଷା କରି ମନ୍ତ୍ରୀ ଉଦ୍ଧାରକାରୀ ଦଳର ପ୍ରଶଂସା କରିବା ସହ ଏପରି ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ ଟିମର ସାହସିକତା ଏବଂ ସମର୍ପିତ ମନୋଭାବ ଆମକୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସହ ଆତ୍ମବିଶ୍ୱାସ ଯୋଗାଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ବୈଠକରେ ଓଡ୍ରାଫର ଦକ୍ଷତା ଏବଂ କ୍ଷମତା ବୃଦ୍ଧି ସହ ଆଗାମୀ ସମୟରେ ଏହାର ସୁବ୍ୟବସ୍ଥିତ ପରିଚାଳନା ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟ ଯେ, ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ଆଇନ୍, ୨୦୨୫ ଅଧୀନରେ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ /ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ (ଏସଡିଆରଏଫ୍) ସ୍ଥାପନ ସହ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ବ୍ୟାପକ କରିବା ନିମନ୍ତେ ଅଧ୍ୟାଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତ୍ୟେକ ରାଜ୍ୟରେ ଏସଡିଆରଏଫ୍ ଗଠନ ସହ ଏହାର କାର୍ଯ୍ୟପ୍ରଣାଳୀ, ତାଲିମ୍ ପ୍ରକ୍ରିୟା, ପରିଚାଳନା ସମ୍ପର୍କିତ ବିସ୍ତୃତ ରୂପରେଖ ମଧ୍ୟ ଗୃହୀତ ହୋଇଛି। ଏହି କ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ପରିଚାଳନା କମିଟିର ବୈଠକରେ ଓଡ୍ରାଫକୁ ରାଜ୍ୟର ଏସଡିଆରଏଫ୍ ଭାବେ ଉନ୍ନୀତ କରିବା ନିମନ୍ତେ ଆଲୋଚନା ହୋଇଛି କ୍ଷ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରି ଓଡ୍ରାଫକୁ ରାଜ୍ୟର ଏସଡିଆରଏଫ୍ ଭାବେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ ସମ୍ପୂର୍ଣ୍ଣ ସମର୍ପିତ ବାହିନୀ ଭାବେ ଦାୟିତ୍ୱ ଏବଂ କ୍ଷମତା ପ୍ରଦାନ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ନିର୍ମିତ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଭବନରେ ଏହାର ମୁଖ୍ୟାଳୟ ଅବସ୍ଥାପିତ ହେବାକୁ ଥିବା ବେଳେ ନୂତନ ୧୦ଟି ୟୁନିଟ୍ ସହ ସମୁଦାୟ ୩୦ଟି ୟୁନିଟ୍ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ। ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା ) ପୁଲିସ ବିଭାଗର ପରାମର୍ଶ ତଥା ସହଯୋଗ କ୍ରମେ ଓଡ୍ରାଫର କାର୍ଯ୍ୟ, ପ୍ରଶିକ୍ଷଣ, ଆବଶ୍ୟକ ଭିତିଭୂମି, ସରଞ୍ଜାମ ଏବଂ ନିଯୁକ୍ତି ତଥା ମାନବସମ୍ବଳ ପରିଚାଳନାକୁ ଆଧାର କରି ଏକ ସମ୍ପୂର୍ଣ୍ଣ ଏସଓପି ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।



# ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସମୀକ୍ଷା

**ଭୁବନେଶ୍ୱର,୯।୮ (ମହାଭାରତ):** ରାଜ୍ୟର ବନ୍ୟା ପ୍ରଭାବିତ ଜିଲ୍ଲା ଗୁଡିକରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ଓ ଏହାର ସହଜ ଉପଲବ୍ଧତା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବିଭାଗୀୟ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋଚନା ହୋଇଛି। ବୈଠକରେ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ବିଭାଗୀୟ ପ୍ରମୁଖ ଅଧିକାରୀଙ୍କ ସମେତ ଭିଡ଼ିଓ କନଫରେନସିଙ୍ଗ ମାଧ୍ୟମରେ ସମସ୍ତ ଜିଲ୍ଲାର ଯୋଗାଣ ଅଧିକାରୀ ମାନେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ବନ୍ୟା ପ୍ରପୀଡ଼ିତ ଅଂଚଳରେ ଅତ୍ୟାବଶ୍ୟକ ସାମଗ୍ରୀର ସହଜ ଉପଲବ୍ଧତା ଓ ଏହାର ଦରଦାମ ବୃଦ୍ଧି ନିୟନ୍ତ୍ରଣ ଉପରେ ସବିଶେଷ ଆଲୋଚନା ହୋଇଛି। ଏଥିପ୍ରତି ସଜାଗ ରହିବାକୁ ଯୋଗାଣ ଅଧିକାରୀ ମାନଙ୍କୁ ଶ୍ରୀ ସିଂହ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ପଡିଲେ ଏ ସଂକ୍ରାନ୍ତୀୟ ଅଭିଯୋଗ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସହ ଚଢ଼ାଉ ଜୋରଦାର କରିବାକୁ କୁହାଯାଇଛି। ଏତଦବ୍ୟତୀତ ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ହିତାଧିକାରୀଙ୍କୁ ବଂଟନ କରାଯାଉଥିବା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଗତ ଏପ୍ରିଲ-ମଇ-ଜୁନ ମାସର ଚାଉଳ କୋଟା ସହ, ଜୁଲାଇ ଓ ଅଗଷ୍ଟ ମାସର ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାଗୁଡ଼ିକର ଚାଉଳ କୋଟା ତଥା ଜୁଲାଇ-ଅଗଷ୍ଟ-ସେପ୍ଟେମ୍ବର ମାସର କିରାସିନି କୋଟାର ସମୟୋଚିତ ଉଠାଣ ଏବଂ ବଂଟନ ଉପରେ ସବିଶେଷ ସମୀକ୍ଷା କରାଯାଇଥିଲା। ଉପରୋକ୍ତ ଚାଉଳ କୋଟା, କିରାସିନି କୋଟା ଗୁଡ଼ିକ ଯେପରି ଆସନ୍ତା ୧୫ ଅଗଷ୍ଟ ମଧ୍ୟରେ ଉଠାଣ ତଥା ବଂଟନ କାର୍ଯ୍ୟ ଶେଷ କରାଯିବ।

# ବନ୍ୟା ମୁକାବିଲା ପାଇଁ କମିଛି କେନ୍ଦ୍ରୀୟ ଅନୁଦାନ

**ଭୁବନେଶ୍ୱର,୯।୮ (ମହାଭାରତ):** ରାଜ୍ୟରେ ବନ୍ୟାର ମୁକାବିଲା ପାଇଁ କେନ୍ଦ୍ର ସରକାର ୫୦୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିବାକୁ ନେଇ ରାଜ୍ୟ ସରକାର ଓ ବିଜେପି ତରଫରୁ ଏହାକୁ ବିଶେଷ ପ୍ରଚାର କରାଯାଉଛି। କିନ୍ତୁ, ଏହି ଅନୁଦାନ କିଛି ବିଶେଷ ଅନୁଦାନ ନୁହେଁ, ବନ୍ୟା ବା ଅନ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ରାଜ୍ୟକୁ କେନ୍ଦ୍ରର ଅନୁଦାନ ମିଳିଥାଏ। ତେଣୁ ଏଥିପାଇଁ ବିଶେଷ ଉଲ୍ଲସିତ ହେବାର କୌଣସି କାରଣ ନାହିଁ ବୋଲି ବିଜେଡି କହିଛି। ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର ଗଠନ ହେଲେ ରାଜ୍ୟକୁ କେନ୍ଦ୍ରରୁ ଅଧିକ ଅର୍ଥ ଓ ବିକାଶ ମିଳିବ ବୋଲି ବିଜେପି ଯେଉଁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲା, ଦୁଇ ବର୍ଷର ତଥ୍ୟ ଦେଖିଲେ କେନ୍ଦ୍ର ଅନୁଦାନ ବଢିବା ପରିବର୍ତ୍ତେ କମିଛି। ଡ଼ ମହାନ୍ତି କହିଥିଲେ ଯେ, ପ୍ରମୁଖ ବିକାଶମୂଳକ ଯୋଜନାଗୁଡ଼ିକରେ ଓଡ଼ିଶାକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ ୨୦୨୩-୨୪ରେ ୨୧,୫୦୦ କୋଟିରୁ ୨୦୨୪-୨୫ରେ ୧୭,୦୦୦ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ୨ ବର୍ଷ ମଧ୍ୟରେ ପ୍ରାୟ ୪,୫୦୦ କୋଟି ବା ୧୮.୧୯ ପ୍ରତିଶତ ହ୍ରାସ ପାଇଛି। ଏହାର ସିଧାସଳଖ ପ୍ରଭାବ ଓଡ଼ିଶାର ଗରିବ, କୃଷକ ଓ ଗ୍ରାମାଞ୍ଚଳର ଲୋକଙ୍କ ଉପରେ ପଡ଼ିବ। ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ମିଳୁଥିବା ଅନୁଦାନ ୪,୩୧୦ କୋଟିରୁ ୮୨୫ କୋଟିକୁ ଖସିଆସିଛି, ଅର୍ଥାତ୍ ପ୍ରାୟ ୩,୫୦୦ କୋଟି ହ୍ରାସ ଘଟିଛି। ସେହିପରି ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଅନୁଦାନ ୨୯୬ କୋଟିରୁ ୦.୭୩ କୋଟିକୁ ହ୍ରାସ ପାଇଛି, ଅର୍ଥାତ୍ ପ୍ରାୟ ୨୯୫ କୋଟି ହ୍ରାସ ପାଇଛି। ଯେଉଁ ସରକାର ଗରିବଙ୍କୁ ଘର ଦେବାର କଥା କହୁଛି, ସେହି ସରକାର ସମୟରେ ଆବାସ ଯୋଜନାରେ ଅନୁଦାନ କାହିଁକି ଏତେ କମିଲା ତାର ଉତ୍ତର ଦେବାର ଆବଶ୍ୟକତା ରହିଛି। ଅନୁରୂପ ଭାବେ ଜଳ ଜୀବନ ମିଶନ୍ରେ ମଧ୍ୟ ଓଡ଼ିଶାକୁ ମିଳୁଥିବା ଅନୁଦାନ ୧,୫୮୧ କୋଟିରୁ ୩୬୮ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ୧,୨୦୦ କୋଟିରୁ ଅଧିକ ହ୍ରାସ। ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ପହଞ୍ଚାଇବାର ଲକ୍ଷ୍ୟ ଥିବାବେଳେ ଅନୁଦାନରେ ଏଭଳି ବଡ଼ ହ୍ରାସ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।

# ବିଭିନ୍ନ ଅନୁଷ୍ଠାନ ସହ ସ୍ୱାସ୍ଥ୍ୟ ବିଭାଗର ୧୦ ବୁଝାମଣା

**ଭୁବନେଶ୍ୱର,୯।୮ (ମହାଭାରତ):** ଖାରବେଳ ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଗୁଜୁରାଟର ଆଇ-ହବ , ଅନ୍ତରା ଫାଉଣ୍ଡେସନ, ସର୍ବଭାରତୀୟ ଆୟୁର୍ବେଦ ସଂସ୍ଥାନ, ଅଦାନୀ ଗ୍ରୁପର ସେବାଦାନ ଆରୋଗ୍ୟ ଫାଉଣ୍ଡେସନ, ହେଲଥ ସିଷ୍ଟମ ଟ୍ରାଂସଫରମେସନ ପ୍ଲାଟଫର୍ମ, ଏମ୍ସ ଦିଲ୍ଲୀର ସେଣ୍ଟର ଫର ଏମେରଜେନ୍ସି ଏବଂ ଟ୍ରମା କେୟାର, କୋଚିର ଅମ୍ରିତା ହସ୍ପିଟାଲର ପେଡିଆଟ୍ରିକ କାର୍ଡିଆକ କେୟାର, କ୍ୟାଲିଟି କଂଟ୍ରୋଲ ଅଫ ଇଣ୍ଡିଆର ଏନଏବିଏଲ ମାନ୍ୟତା ପ୍ରାପ୍ତ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ/ଜିଲ୍ଲା ମୁଖ୍ୟ ହସ୍ପିଟାଲ ଲ୍ୟାବ, ଆଇଏଫସି ଦ୍ୱାରା ସାଇଂଟିଫିକ ଡ୍ରଗ ୱେରହାଉସିଂ ଏଗ୍ରିମେଂଟ ନେଟୱାର୍କ, ଟାଟା ଷ୍ଟିଲ ଫାଉଣ୍ଡେସନ, କୈବଲ୍ୟ ଏଜୁକେଶନ୍ ଫାଉଣ୍ଡେସନ ଫର ପ୍ରୋଜେକ୍ଟ ସ୍ୱସ୍ଥ ସହ ଆଜି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଅଛି।

"ସ୍ୱାସ୍ଥ୍ୟ ବିଭାଗ ପାଇଁ ଆଜି ଐତିହାସିକ ଦିନ। ସ୍ୱାସ୍ଥ୍ୟ ବିଭାଗ ଆଜି ବିଭିନ୍ନ ଅନୁଷ୍ଠାନ ସହ ୧୦ ଗୋଟି ବୁଝାମଣା ପତ୍ର ସ୍ୱାକ୍ଷରିତ କରିଛି"। ସମସ୍ତ ବୁଝାମଣା ପତ୍ର ବିଭାଗର ବିଭିନ୍ନ ଦିଗରେ ସେବା ଯୋଗାଇବାକୁ ସ୍ୱାକ୍ଷରିତ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ "ଏଥିରେ ଏମ୍ସ ଦିଲ୍ଲୀ ଟ୍ରମାକେୟାର ସେଂଟର ସହ ଯେଉଁ ବୁଝାମଣା ହୋଇଛି ସେଥିରେ ଜିଲ୍ଲା ମୁଖ୍ୟାଳୟର କୌଣସି ମେଡ଼ିକାଲ କଲେଜକୁ ଟ୍ରମା କେୟାର ଉତ୍କର୍ଷ କେନ୍ଦ୍ରରୂପେ ଗ୍ରହଣ କରାଯିବ ଏବଂ ରାଜ୍ୟର ଟ୍ରମା କେୟାରକୁ ଉନ୍ନତ କରାଯିବାକୁ ବ୍ୟବସ୍ଥା କରାଯିବ। ସେହିପରି ସର୍ବଭାରତୀୟ ଆୟୁର୍ବେଦ ସଂସ୍ଥାନ ଓଡ଼ିଶାରେ ଭାରତୀୟ ଜ୍ଞାନ କୌଶଳରେ ତିଆରି ଔଷଧ ଏବଂ ଆୟୁର୍ବୈଦିକ ଚିକିତ୍ସା ପଦ୍ଧତିକୁ ଆଗକୁ ନେବାକୁ ବ୍ୟବସ୍ଥା କରିବେ। ଗୁଜୁରାଟର ଆଇ-ହବ ଦ୍ୱାରା ମେଡ଼ିକାଲ ଶିକ୍ଷାରେ ଷ୍ଟାର୍ଟ ଅପ , ନବସୃଜନ, ଶିକ୍ଷାଦାନ ପ୍ରଣାଳୀକୁ ଉନ୍ନତ କରିବାକୁ ସମସ୍ତ ବ୍ୟବସ୍ଥା କରାଯିବ। କ୍ୟାଲିଟି କଂଟ୍ରୋଲ ଦ୍ୱାରା ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ଏବଂ ଉପଖଣ୍ଡ ହସ୍ପିଟାଲରେ ଥିବା ଲ୍ୟାବ ଗୁଡିକ ଏନଏବିଏଲ ମାନ୍ୟତା ଦ୍ୱାରା ଲ୍ୟାବ ଗୁଡିକ ମାନ ବଢିବ।

ଡ଼ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଏହା ଦ୍ୱାରା ଲୋକଙ୍କୁ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଏବଂ ଡାକ୍ତରୀ ଶିକ୍ଷାକୁ ଆଗକୁ ନେବା ପାଇଁ ସରକାରଙ୍କ ତରଫରୁ ଏହା ବଡ ପଦକ୍ଷେପ। ସେହିପରି ସେବାଦାନ ଫାଉଣ୍ଡେସନ ଦ୍ୱାରା ରାଜ୍ୟର ଛଅଟି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ବିଶ୍ରାମଗୃହ ପ୍ରତିଷ୍ଠା ହେବ ଏବଂ ରୋଗୀଙ୍କ ସହ ଆସୁଥିବା ସମ୍ପର୍କୀୟମାନେ ସୁରକ୍ଷିତ ଓ ସୁବିଧାଜନକ ରହଣି ବ୍ୟବସ୍ଥାର ଲାଭ ପାଇବେ। ଦୁର୍ଗମ ଅଂଚଳରେ ଛୋଟ ପିଲାଙ୍କ ହୃଦ ରୋଗ ଯାଞ୍ଚ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ହେବ, ଅମୃତା ହସ୍ପିଟାଲ, କୋଚି ସହ ହୋଇଥିବା ଚୁକ୍ତି ଅନୁଯାୟୀ ଓଡ଼ିଶାର ଜନ୍ମରୁ ଥିବା ହୃଦ୍ ରୋଗ ଆକ୍ରାନ୍ତ ଶିଶୁମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର, ଇଣ୍ଟରଭେନ୍ସନାଲ୍ କାର୍ଡିଆକ୍ ଚିକିତ୍ସା, ଅପରେସନ୍ ପରବର୍ତ୍ତୀ ଚିକିତ୍ସା ଏବଂ ଫଲୋ-ଅପ୍ ସେବା ଯୋଗାଇ ଦିଆଯିବ। ବିଶ୍ୱ ବ୍ୟାଙ୍କ ଗ୍ରୁପର ସଦସ୍ୟ ଆନ୍ତର୍ଜାତୀୟ ଅର୍ଥ ନିଗମ ସହିତ ରାଜ୍ୟସ୍ତରୀୟ ଜଳବାୟୁ-ସ୍ମାର୍ଟ ଔଷଧ ଗୋଦାମ ନେଟୱାର୍କ ବିକାଶ, ପ୍ରୋଜେକ୍ଟ ସ୍ୱସ୍ଥ ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ କୈବଲ୍ୟ ଶିକ୍ଷା ଫାଉଣ୍ଡେସନ୍ ସହ ଗୁରୁତ୍ୱପୂର୍ଣ୍ଣ ଏମ୍ ?ଓୟୁ ସ୍ୱାକ୍ଷର. ସେବା, ଗବେଷଣା ଓ ଭିତିଭୂମିରେ ଉନ୍ନତି ଆଣିବା ବୋଲି ମାନ୍ୟବର ମନ୍ତ୍ରୀ କହିଛନ୍ତି।



# ମା ମଙ୍ଗଳା ପୀଠର ଉନ୍ନତିକରଣ ନେଇ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର,୯।୮ (ମହାଭାରତ):** ପୁରୀ ଜିଲ୍ଲା କାକଟପୁର, ମା'ମଙ୍ଗଳା ପୀଠର ସାମଗ୍ରିକ ଉନ୍ନତିକରଣ ନେଇ ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମା'ମଙ୍ଗଳା ପୀଠର ବିଜେ ସ୍ଥଳୀ ଏବଂ ପାରିପାର୍ଶ୍ୱିକ ଅଂଚଳର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ନେଇ ଆଲୋଚନା ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ମନ୍ଦିରର ମରାମତି, ରୋଷଗୃହ ନିର୍ମାଣ, ପାର୍କିଂ ସ୍ଥଳୀର ଉନ୍ନତିକରଣ, ସେବାୟତ ଭବନ ନିର୍ମାଣ, ଯାତ୍ରୀନିବାସ ଓ ଚନ୍ଦନ ଘାଟର ଆଧୁନିକୀକରଣ, ଭୋଗ ଦୋକାନ ଓ ଐତିହ୍ୟ ଗେଟ୍ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଏଥି ସହିତ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ସମନ୍ୱିତ ଉନ୍ନତିକରଣ ପ୍ରକଳ୍ପ, ବଣଭୋଜି ଜୋନ୍, ପ୍ରାଚୀନଦୀରେ ଐତିହ୍ୟ ଘାଟ ନିର୍ମାଣ, ସ୍ୱତନ୍ତ୍ର ସେତୁ ନିର୍ମାଣ, ଛୋଟପିଲାଙ୍କ ଲାଗି ପାର୍କ ନିର୍ମାଣ, ମନ୍ଦିର କାର୍ଯ୍ୟାଳୟ ଓ ଜୋତାଷ୍ଟାଣ୍ଡ ନିର୍ମାଣ ଲାଗି ସର୍ଭେ କରି ରିପୋର୍ଟ ଦେବା ଲାଗି ଆଲୋଚନା ହୋଇଥିଲା। ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ ଆମ ଆସ୍ଥା ଓ ବିଶ୍ୱାସର ପ୍ରାଣକେନ୍ଦ୍ର କାକଟପୁରର ପ୍ରସିଦ୍ଧ ଶକ୍ତିପୀଠ ମା' ମଙ୍ଗଳାଙ୍କ ମନ୍ଦିରର ସାମଗ୍ରିକ ବିକାଶ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ଉନ୍ନତ ସୁବିଧା ସୁନିଶ୍ଚିତ କରିବା ଆମ ସରକାରଙ୍କ ପ୍ରାଥମିକତା ରହିଛି। ଏହାକୁ ଗୁରୁତ୍ୱ ଦେଇ ଆମେ ନିରନ୍ତର କାର୍ଯ୍ୟ କରୁଛୁ। ପର୍ଯ୍ୟଟନ ଓ ଐତିହ୍ୟର ସମନ୍ୱିତ ବିକାଶ ଦ୍ୱାରା ରାଜ୍ୟର ଅର୍ଥନୀତି ଓ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବ ବୋଲି ସେ ଆଶାପ୍ରକାଶ କରିଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମା'ମଙ୍ଗଳାଙ୍କ ପୀଠ ସମଗ୍ର ଓଡ଼ିଶାବାସୀଙ୍କ ସମେତ ଓଡ଼ିଶା ବାହାରର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭାବାବେଗ ସହ ଜଡ଼ିତ ବୋଲି ଉଲ୍ଲେଖ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ପୀଠର ଉନ୍ନତିକରଣ ଲାଗି ଏକ ସମ୍ପୂର୍ଣ୍ଣ ବିକାଶିତ ନକ୍ସା ପ୍ରସ୍ତୁତ କରି ସେପ୍ଟେମ୍ବର ଶେଷ ସୁଦ୍ଧା ବାକି ଥିବା କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହା, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଦେବୋତର କମିଶନର ସତ୍ୟନାରାୟଣ ଷଡ଼ଙ୍ଗୀ, ଇଆଇସି ସିଭିଲ ଇଂ ସତ୍ୟବ୍ରତ ବେହେରା, ଇଆଇସି ବିଲ୍ଡିଂ ଇଂ ପ୍ରିୟବ୍ରତ ସାମନ୍ତରାୟ ଓ ମୁଖ୍ୟଯନ୍ତ୍ରୀ ଇଂ ତ୍ରିନାଥ ବେହେରାଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତସମୂହ ଉପସ୍ଥିତ ଥିଲେ।



# ବନ୍ୟା ପୀଡିତଙ୍କୁ କ୍ଷତିପୂରଣରେ ସରକାର ବିଫଳ

**ଭୁବନେଶ୍ୱର,୯।୮ (ମହାଭାରତ):** ଓଡ଼ିଶାରେ ବନ୍ୟାର ପ୍ରକୋପ ବଢୁଥିବାବେଳେ ମୁଖ୍ୟମନ୍ତ୍ରୀ ଓ ଏମପିମାନେ ଦିଲ୍ଲୀରେ ଦଳୀୟ ରାଜନୀତିରେ ବ୍ୟସ୍ତଥିଲେ। ବନ୍ୟାହେବା ଜାଣି ମଧ୍ୟ ସରକାର ଆଦୌ କୌଣସି ପୂର୍ବ ପ୍ରସ୍ତୁତି କରିନଥିଲେ ବୋଲି ଓଡ଼ିଶା ଜନତା କଂଗ୍ରେସର ରାଜ୍ୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା କୃଷକ ଜନତା କଂଗ୍ରେସର ଅଧ୍ୟକ୍ଷ ସଂଗ୍ରାମ କିଶୋର ମାଝୀ ଅଭିଯୋଗ କରିଛନ୍ତି। ପୂର୍ବ ବିଜେଡି ସରକାରର ଅପାରଗତା ପାଇଁ ଛତିଶଗଡ଼ ମନମାନୀ କରିବା ସହ ମହାନଦୀ ପାଣିକୁ ବଡ଼ ବଡ଼ ବ୍ୟାରେଜ ଓ ଚେକଡ୍ୟାମ ଜରିଆରେ ଅଟକାଇ ରଖିଲା। ଏବେ ଛତିଶଗଡ଼ରେ ବିଜେପି, କେନ୍ଦ୍ରରେ ବିଜେପି ଏବଂ ଓଡ଼ିଶାରେ ବିଜେପି ସରକାର ଥିଲେ ମଧ୍ୟ ଉପରମୁଣ୍ଡରେ କ୍ୟାଚମେଣ୍ଟ ସମୟରେ କେତେ ପାଣି ଆସିବ ତାହାର କୌଣସି ପ୍ରାକ୍ ସୂଚନା ସମୟାନୁସାରେ ଦିଆଯାଉନାହିଁ। ମହାନଦୀ ଜଳ ପରିଚାଳନାରେ କୌଣସି ସମନ୍ୱୟ ନରହିବା କାରଣରୁ ଓଡ଼ିଶାରେ ବଡ଼ ବନ୍ୟା ହେଲା ଏବଂ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହେଲେ। ବନ୍ୟା ପରବର୍ତ୍ତୀ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ରିଲିଫ, ଶୁଖିଲା, ରନ୍ଧା ଖାଦ୍ୟ କିମ୍ବା ଗୋଖାଦ୍ୟର କୌଣସି ସୁବ୍ୟବସ୍ଥା ହେଲାନାହିଁ। ଯାହାଫଳରେ ରାଜ୍ୟର ୬ଟି ମୂଲ୍ୟବାନ ଜୀବନହାନୀ ହେଲା, ତାହାପାଇଁ ସରକାର ସଂପୂର୍ଣ୍ଣ ଦାୟୀ। ବନ୍ୟାପରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଗସ୍ତ ବାସ୍ତବରେ ବନ୍ୟା କ୍ଷୟକ୍ଷତି ଆକଳନ ପାଇଁ ଥିଲା ନା ଲୋକଦେଖାଣିଆ ପ୍ରହସନ କରୁଥିଲେ ? ସରକାର ଯେଉଁ କ୍ଷୟକ୍ଷତି ରାଶି ଦେବା ପାଇଁ ଘୋଷଣା କଲେ ତାହା ସମୁଦ୍ରକୁ ଶଙ୍ଖେ। ଓଜେସି ଦାବି କରିଛି ଯେ ସରକାର ତୁରନ୍ତ ଚାଷଜମିର କ୍ଷୟକ୍ଷତି ବାବଦରେ ଘୋଷିତ ନିଷ୍ପତ୍ତିରେ ପରିବର୍ତ୍ତନ କରନ୍ତୁ ଏବଂ ହେକ୍ଟର ପିଛା ସର୍ବନିମ୍ନ ୮୦ ହଜାର ପର୍ଯ୍ୟନ୍ତ ସହାୟତା ରାଶି ତୁରନ୍ତ ପ୍ରଦାନ କରନ୍ତୁ। କେବଳ ଧାନ ନୁହେଁ, ପନିପରିବା କ୍ଷୟକ୍ଷତିର ମଧ୍ୟ ଆକଳନ କରି କ୍ଷତି ଭରଣା କରନ୍ତୁ। ସରକାର ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କର ଅବିଳମ୍ବେ ଋଣ ଛାଡ଼ କରନ୍ତୁ।

# ମହିଳାମାନଙ୍କ ପାଇଁ ଆଇଆଇଏଫଏଲ ସ୍ୱତନ୍ତ୍ର ସ୍ୱର୍ଣ୍ଣ ଋଣ ଯୋଜନା

**ଭୁବନେଶ୍ୱର,୯।୮ (ମହାଭାରତ):** ଆଇଆଇଏଫଏଲ ଫାଇନାନ୍ସ, ଏକ ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନବିଏଫସି), ଆଜି ମହିଳା ଋଣ ଗ୍ରହୀତାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱର୍ଣ୍ଣ ଋଣ ପ୍ରସ୍ତାବ ଘୋଷଣା କରିଛି, ଯାହା ମହିଳା ଉଦଯୋଗୀ ଏବଂ ଗୃହିଣୀମାନଙ୍କୁ ଅବ୍ୟବହୃତ ଘରୋଇ ସୁନାକୁ ଉତ୍ପାଦନକ୍ଷମ ପୁଞ୍ଜିରେ ପରିଣତ କରିବାରେ ସାହାଯ୍ୟ କରିବା ପାଇଁ ଏକ ପରିକଳ୍ପନା କରାଯାଇଛି। ଏହି ଅଫର ସମଗ୍ର ଭାରତରେ ଆଇଆଇଏଫଏଲ ଫାଇନାନ୍ସ ସୁନା ଋଣ ଶାଖାରେ ଉପଲବ୍ଧ। ଏହି ଯୋଜନା ମହିଳା ଋଣ ଗ୍ରହୀତାମାନଙ୍କ ପାଇଁ ଶୂନ୍ୟ ପ୍ରକ୍ରିୟାକରଣ ଶୁଳ୍କରେ ପ୍ରତି ମାସରେ ୦.୮୧% (ବାର୍ଷିକ ୯.୭୨%) ରୁ ଆରମ୍ଭ କରି ଏକ ସ୍ୱତନ୍ତ୍ର ସୁଧ ହାର ପ୍ରଦାନ କରୁଛି। ଏହି ଯୋଜନା ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ଋଣ-ମୂଲ୍ୟ ସୀମା ମଧ୍ୟରେ ଗ୍ରାହକଙ୍କ ସୁନା ଉପରେ ସର୍ବାଧିକ ଅନୁମୋଦିତ ଋଣ ମୂଲ୍ୟ ମଧ୍ୟ ପ୍ରଦାନ କରୁଛି। 'ଲକ୍ଷ ଲକ୍ଷ ଭାରତୀୟ ମହିଳାଙ୍କ ପାଇଁ, ଆଲମାରୀରେ ଥିବା ସୁନା ହେଉଛି ସେମାନଙ୍କର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି, କିନ୍ତୁ ଭବିଷ୍ୟତନ ପିଢିଙ୍କ ପାଇଁ ଏହା କେବଳ ସନ୍ତକ ହୋଇ ରହିଯାଏ। ସମ୍ଭବତଃ ଏକ ସୁନା ଋଣ ଏହାକୁ ସମ୍ପୂର୍ଣ ପରିବର୍ତ୍ତନ କରି ବହୁମୂଲ୍ୟ ସନ୍ତକକୁ ସମ୍ପତ୍ତି ରେ ପରିଣତ କରିପାରେ। ଏବଂ ବିନା ଦ୍ୱିଧାରେ ସେ ଋଣ ନିଅନ୍ତି, ପରିଶୋଧ କରନ୍ତି, ଏବଂ ଠିକ ସମୟରେ ତାଙ୍କର ଅଳଙ୍କାର ମଧ୍ୟ ଘରକୁ ଫେରିଆସେ। ଏହି ଯୋଜନା ସହିତ ଆମେ ପ୍ରଥମ ଥର ପାଇଁ ୨ଟି ଅଫର ଆରମ୍ଭ କରିବାକୁ ଚେଷ୍ଟା କରିଛୁ, ଯାହା ମୁଖ୍ୟତଃ ଋଣଗ୍ରହୀତାକୁ ଫେରାଇ ନେଉଥିଲା। ସେଇ ଦୁଇଟି ଅଫର ହେଉଛି - ଋଣର ସଠିକ ମୂଲ୍ୟ ନିର୍ଦ୍ଧାରଣ ଏବଂ ଏଥିପାଇଁ ଆବେଦନ କରିବାର ମୂଲ୍ୟ। ଶୂନ୍ୟ ପ୍ରକ୍ରିୟାକରଣ ଶୁଳ୍କ ଜଣେ ମହିଳା ଋଣଗ୍ରହୀତାଙ୍କ ପାଇଁ ଏକ ସ୍ୱାଗତଯୋଗ୍ୟ ସଙ୍କେତ। ସ୍ୱାଧୀନତା ଦିବସ ପୂର୍ବରୁ, ଏହା ଏକ ସଠିକ୍ ପଦକ୍ଷେପ ବୋଲି କହିଲେ ଭୁଲ ହେବ ନାହିଁ। କାରଣ ଭାରତର ଅଧିକାଂଶ ପରିବାର ପାଇଁ ଆର୍ଥିକ ସ୍ୱାଧୀନତା, ଜଣେ ମହିଳା ନିଜସ୍ୱ ସମ୍ପତ୍ତିକୁ କାମରେ ଲଗାଇବା ନିଷ୍ପତ୍ତି ସହିତ ଆରମ୍ଭ ହୁଏ।' ଆଇଆଇଏଫଏଲ ଫାଇନାନ୍ସ ଲିମିଟେଡ୍ ହେଉଛି ଭାରତର ପ୍ରମୁଖ ଖୁଚୁରା-କେନ୍ଦ୍ରିତ ଏନ ବି ଏଫ ସି ମଧ୍ୟରୁ ଗୋଟିଏ, ଏକ ବ୍ୟାପକ ଦେଶବ୍ୟାପୀ ବଣ୍ଟନ ନେଟୱାର୍କ ମାଧ୍ୟମରେ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ସେବା ପ୍ରଦାନ କରିଥାଏ।

# ସୋଆରେ ବିକଶିତ ଭାରତ ପାଇଁ ନିଶାମୁକ୍ତ ଭାରତ ଅଭିଯାନ

**ଭୁବନେଶ୍ୱର,୯।୮ (ମହାଭାରତ):** ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ରେ ରବିବାର 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯୁବ ସମାଜକୁ ନିଶାଦ୍ରବ୍ୟର କୁପ୍ରଭାବ ସଂପର୍କରେ ସଚେତନ କରିବା ଏବଂ ନିଶାମୁକ୍ତ ଭାରତ ଗଠନରେ ସେମାନଙ୍କର ସକ୍ରିୟ ଭୂମିକାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଭାରତ ସରକାରଙ୍କ ଏନ୍‌ଏସ୍‌ଏସ୍ ଆଂଚଳିକ ନିର୍ଦ୍ଦେଶାଳୟର ଯୁବ ଅଧିକାରୀ ଶ୍ରୀ ଏ. ଏସ୍. କବୀର ଓ ଶ୍ରୀ ଅଜିତ କୁଶୱାହା ଏବଂ ସୋଆ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ ଉପସ୍ଥିତ ଥିଲେ। ନିଜ ଅଭିଭାଷଣରେ ଶ୍ରୀ କବୀର ଏପରି ଏକ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଥିବା ନିମନ୍ତେ ସୋଆ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିବା ସହିତ ନିଶାମୁକ୍ତ ସମାଜ ଗଠନରେ ଶିକ୍ଷାନୁଷ୍ଠାନ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କୁଳପତି ପ୍ରଫେସର ନନ୍ଦ ଛାତ୍ରଛାତ୍ରୀଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ଆହ୍ୱାନ ଜଣାଇଥିଲେ ଏବଂ 'ନିଶାମୁକ୍ତ ଭାରତ' ଶପଥ ପାଠ କରାଇଥିଲେ, ଯେଉଁଥିରେ ସମସ୍ତ ଉପସ୍ଥିତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଶାମୁକ୍ତ ଭାରତ ଗଠନର ସଂକଳ୍ପ ନେଇଥିଲେ। ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ଦାସ ସମଗ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିବାବେଳେ, ଡ଼କ୍ଟର ମହନ୍ତ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ 'ମାଇ ଭାରତ' ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ନିଶାମୁକ୍ତ ଭାରତ ଅଭିଯାନରେ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀମାନେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସିଧାସଳଖ ସମ୍ବୋଧନ ଶୁଣିଥିଲେ। ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ଦେଶର ଯୁବଶକ୍ତିଙ୍କୁ ନିଶା ବିରୋଧୀ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ନେବାକୁ ଆହ୍ୱାନ ଜଣାଇଥିଲେ ଏବଂ ନିଶାମୁକ୍ତ ଭାରତ ଓ ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସୋଆ କ୍ୟାମ୍ପସ-୨ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର, ଡିନ ଓ ୫୫୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଖଣ୍ଡଗିରି ବିଜେପି ମଣ୍ଡଳ ସଭାପତି ଶ୍ରୀମତି ଆରତୀ ଭୂୟାଁ ବିଧାୟକ ବାବୁ ସିଂ ଙ୍କ ପ୍ରତିନିଧି ଭାବରେ ଯୋଗ ଦେଇଥଲେ। ସଭାର ଶେଷରେ ଡକ୍ଟର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



# ସଂରକ୍ଷଣ ବ୍ୟବସ୍ଥା ବିବାଦ

ଏବେ ସଂଖ୍ୟାଲଘୁ ବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା ବିବାଦକୁ ନୂଆ ମୋଡ଼ ଦେଇଛି। ସେହିପରି ଜାତିଭିତ୍ତିକ ଜନଗଣନା ମଧ୍ୟ ନିଆଁରେ ଘିଅ ଢାଳିବା ପରି ହୋଇଛି। ସମ୍ବିଧାନରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ନିମନ୍ତେ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ରହିଛି। କିନ୍ତୁ ସମ୍ବିଧାନରେ ଏହା ଏକ ଅସ୍ଥାୟୀ ବ୍ୟବସ୍ଥା ଭାବେ ରହିଛି। କିଛି ବର୍ଷ ମଧ୍ୟରେ ଯେତେବେଳେ ସଂରକ୍ଷିତ ବର୍ଗର ଲୋକେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଯିବେ ଏବଂ ସେମାନଙ୍କର ଆର୍ଥିକ ତଥା ସାମାଜିକ ସ୍ଥିତିରେ ଉନ୍ନତି ଆସିବ ଏବଂ ସେମାନେ ଅନ୍ୟ ଉଚ୍ଚ ବର୍ଗର ଲୋକଙ୍କ ସହ ସମାନ ବୋଲି ଅନୁଭବ କରାଯିବ, ସେତେବେଳେ ଏହି ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯିବ ବୋଲି ସମ୍ବିଧାନରେ ରହିଛି। କିନ୍ତୁ ସଂରକ୍ଷଣ ବ୍ୟବସ୍ଥା କିଛି ବର୍ଗର ଲୋକଙ୍କ ପାଇଁ ଏତେ ଅନୁକୂଳ ହୋଇଯାଇଛି ଯେ, ସେମାନେ ଏହାର ପ୍ରତ୍ୟାହାର କଥା ଶୁଣିଲେ ଚିହିଁକି ଉଠୁଛନ୍ତି। ସେମାନେ ଚାହୁଁଛନ୍ତି ଯେ, ଏହା ଅନନ୍ତ କାଳ ପର୍ଯ୍ୟନ୍ତ ଚାଲିଥାଉ। କୌଣସି ଦଳର ସତସାହସ ନାହିଁ ଯେ, ସଂରକ୍ଷଣ ବ୍ୟବସ୍ଥାର ପ୍ରତ୍ୟାହାର ସମ୍ପର୍କରେ କହିବେ। ସବୁ ଦଳ ତୁଷ୍ଟିକରଣ ରାଜନୀତିରେ ମାତିଛନ୍ତି। ଯିଏ ସଂରକ୍ଷଣ ବ୍ୟବସ୍ଥା ହଟାଇବାକୁ ଦାବି କରିବ ଏବଂ କ୍ଷମତାକୁ ଆସିଲେ ଏହାକୁ ପ୍ରତ୍ୟାହାର କରିବ ବୋଲି କହିବ, ସେ ସଂରକ୍ଷିତ ବର୍ଗର ଭୋଟ ପାଇବ ନାହିଁ। ତା ଛଡ଼ା ଏହି ବର୍ଗର ସାଂସଦ ତଥା ବିଧାୟକମାନେ ଏଭଳି ପ୍ରସ୍ତାବକୁ ସଂସଦ ଓ ବିଧାନସଭାରେ ତୀବ୍ର ବିରୋଧ କରିବେ। ତେଣୁ ସଂରକ୍ଷଣ ବ୍ୟବସ୍ଥା ଭାରତରୁ ହଟିବ ଏକଥା ଚିନ୍ତା ବାହାରେ। କିଛି ବର୍ଷ ତଳେ ସୁପ୍ରିମକୋର୍ଟ ଏସଟି/ଏସଟି ଅତ୍ୟାଚାର ନିରୋଧ ଆଇନରେ ସାମାନ୍ୟ ସଂଶୋଧନ ନିମନ୍ତେ ପ୍ରସ୍ତାବ ଦେଲେ। କେବଳ ଅଭିଯୋଗ ଆସିଲେ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବନି, ଜଣେ ଡିଏସପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରି ଅଭିଯୋଗର ପ୍ରାଥମିକ ପ୍ରମାଣ ରହିଛି ବୋଲି ରିପୋର୍ଟ ଦେଲେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଲେ। ଉଦ୍ଦେଶ୍ୟ ଥିଲା ଏସଟି/ଏସସି ଅତ୍ୟାଚାର ନିରାକରଣ ଆଇନର ଦୁରୂପଯୋଗ ନହେଉ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟ ବିରୋଧରେ ଦେଶବ୍ୟାପୀ ହିଂସାତ୍ମକ ଆନ୍ଦୋଳନ ହେଲା। ଫଳରେ ସୁପ୍ରିମକୋର୍ଟଙ୍କ ଏହି ରାୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥିରୁ ଅନୁମାନ କରାଯାଇପାରେ ଯଦି ସଂରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦୂର କଥା, ଯଦି ଏହାକୁ ହ୍ରାସ କରିବା ପାଇଁ ମଧ୍ୟ କୁହାଯିବ ତେବେ ଭାରତରେ କିଭଳି ହିଂସାକାଣ୍ଡ ସୃଷ୍ଟି ହେବ। ନବେ ଦଶକ ପ୍ରାରମ୍ଭରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି ପି ସିଂହ ମଣ୍ଡଳ କମିଶନଙ୍କ ସୁପାରିସ ଆଧାରରେ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ୨୭% ସ୍ଥାନ ସଂରକ୍ଷଣ କରିବାକୁ ନିଷ୍ପତ୍ତି ନେଲେ। ଏହା ବିରୋଧରେ ସାରା ଦେଶରେ ଭୟଙ୍କର ଆନ୍ଦୋଳନ ହେଲା। ଅନେକ ଯୁବକ ଯୁବତୀ ପ୍ରାଣ ହରାଇଲେ। ତଥାପି ସରକାର କେବଳ ଭୋଟ ରାଜନୀତି ପାଇଁ ନିଜ ଯିଦରେ ଅଟଳ ରହିଲେ। ଶେଷରେ ଓବିସି ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କାଏମ ରହିଲା। ସମ୍ବିଧାନରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି ଯେ, କୌଣସି ପରିସ୍ଥିତିରେ ବି ମୋଟ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତରୁ ଅଧିକ ହେବ ନାହିଁ। କିନ୍ତୁ କିଛି ରାଜନୈତିକ ଦଳ ଏବେ ଓବିସି ବର୍ଗଙ୍କ ସଂଖ୍ୟା ଦୃଷ୍ଟିରୁ ସଂରକ୍ଷଣ ବ୍ୟବସ୍ଥାକୁ ୫୦%ରୁ ଅଧିକ କରିବା ନିମନ୍ତେ ଦାବି କରୁଛନ୍ତି। ଅର୍ଥାତ ଓବିସି ବର୍ଗଙ୍କ ପାଇଁ ୨୭%ରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା ହେଉ ବୋଲି ସେମାନେ ଦାବି କରୁଛନ୍ତି। ଏଥିପାଇଁ କେତେକ ରାଜ୍ୟରେ ଓବିସି ଜନଗଣନା ଆରମ୍ଭ ହୋଇଛି। ଜାତିଭିତ୍ତିକ ଜନଗଣନା ପାଇଁ ବିଭିନ୍ନ ରାଜନୈତିକ ଦଳ ଦାବି କରୁଛନ୍ତି। ଏହା ଏକ ମାରାତ୍ମକ ଚିନ୍ତାଧାରା। ଏହା ଦ୍ୱାରା ଜାତି ଭେଦ ଆହୁରି ଉତ୍କଟ ହେବ। ଏକ ନିର୍ଦ୍ଦିଷ୍ଟ ବର୍ଗର ଜନସଂଖ୍ୟା ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଚିନ୍ତାଧାରା ରୁଗ୍ଣ ଚିନ୍ତାଧାରା। ସେଭଳି ହେଲେ ଉଚ୍ଚ ବର୍ଗର ଅନେକ ମେଧାବୀ ଏବଂ ଯୋଗ୍ୟ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେବେ।

“

*ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ।*

# ବିଶ୍ୱ ସମସ୍ୟା

**॥ ଅଲେଖ ଚନ୍ଦ୍ର ସାମଲ ॥**

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାସଟିକ, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କଣ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବ ଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ। ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମଗ୍ର ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ। ଭାରତରେ ଆଶ୍ରମ, ଧର୍ମ, ସଂପ୍ରଦାୟର ମୁଖ୍ୟ, ଆଧ୍ୟାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ। ସେମାନେ ମଧ୍ୟ ବହୁ ସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧ୍ୟାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷର ମନ ନିରନ୍ତର ନିମ୍ନଗାମୀ ହେଉଛି। ଏହି ଅଧଃପତନ କାହିଁକି?

ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧ୍ୟରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି। ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି। ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ? ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର, ଏବଂ ବିଶ୍ୱରେ ମଧ୍ୟ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ।

ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ। ଏହି ଦୁର୍ଗୁଣ ଗୁଡ଼ିକ କେବେ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି, ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି। ଏସବୁ ମଧ୍ୟରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି? ସେମାନେ କେବଳ ଦୂଷୀକରଣ ବୃଦ୍ଧି କରିପାରିବେ।

ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତାର ଆସ୍ଥା ନାହିଁ। ମିଥ୍ୟା ଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ। ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ। ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ। ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି। ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେ ନାହିଁ।

ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ। ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ। ସେ ଦିଗକୁ ସେ ଦୃଷ୍ଟି ଦିଏ ନାହିଁ। ଦୃଷ୍ଟ ହେଲେ ମଧ୍ୟ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସ ଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ। ଏହା ସତ୍ୟ ନୁହେଁ ମିଥ୍ୟା। ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ୍ୟ ରହିବ ନାହିଁ। ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ। ଏହା ସାମୟିକ ଏବଂ ସୀମିତ। ଅପରିବର୍ତ୍ତନୀୟ ହୋଇପାରିବ ନାହିଁ। ଏହି ସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ୍ୟ ଏହା ଏଠାରେ ରହିବ ନାହିଁ। ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛି କ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି। ପାତ୍ର ହେଉଛି କେବଳ କୃତ୍ରିମ ଉପାୟରେ ଏହାକୁ ନାମ ରୂପ ପ୍ରଦାନ କରାଯାଇଛି। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ, ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧ୍ୟରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତ୍ରୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିଦ୍ଧୁଏ ହେଲେ ନିଚ୍ଛକ ସୁଖ ମିଳିବ ନାହିଁ। ମଣିଷ ମାନଙ୍କ ମଧ୍ୟରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧ୍ୟମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେଡ଼ା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।

**ପୂର୍ବତନ ଡିଏଫଓ (କେନ୍ଦୁଲିଫ) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩**

# ଜୀବନ ଚଳଣୀର ମୂଳ ମନ୍ତ୍ର

**॥ ଯଶସ୍ୱିନୀ ପଟ୍ଟନାୟକ ॥**

ଜୀବନ କ'ଣ? ଜୀବନର ଅନ୍ତର୍ନିହିତ ଉପଲବ୍ଧି ଓ ଚେତନା କ'ଣ? ଏପରି ଅନେକ ଅନୁଚାରିତ ପ୍ରଶ୍ନ ଆମ ମାନଙ୍କ ଭିତରେ ଅନେକ ସମୟରେ ଉଠିଥାଏ। କିଛି ସମୟ ପାଇଁ ଆମେ ଭାବୁକ ବା କେହି କେହି ଭାବ ପ୍ରବଣ ଆଧ୍ୟାତ୍ମିକତା ଭିତରକୁ କିଛି ସମୟ ପାଇଁ ଚାଲିଯାଆନ୍ତି। ଦେବ ଦର୍ଶନ କରନ୍ତି, ଦାନ ଧର୍ମ କରନ୍ତି, କେହି କେହି ପିତାମାତଙ୍କୁ ନିଜ ପ୍ରକୃତ ଈଶ୍ୱର ଭାବି କିଛି ଦାୟିତ୍ୱ ନିର୍ବାହ କରନ୍ତି। କେହି କେହି ପୁଣି ନିଜ ତେଲଲୁଣ ଜୀବନକୁ ନେଇ ଫେରି ଯାଆନ୍ତି ନିଜ ଦାନାପାଣିର ଝିନଝଟ ଭିତରକୁ। ଦାନଧର୍ମ କରିବା, ସତସଙ୍ଗରେ ବସିବା, ପରୋପକାରରେ ଲିପ୍ତ ରହିବା ଠାରୁ ସର୍ବଶ୍ରେଷ୍ଠ ଚେତନା ହେଉଛି ନିଜକୁ ଚିହ୍ନିବା। ସତରେ ଆମେ କ'ଣ ଏ ଯାଏଁ ନିଜକୁ ଚିହ୍ନି ପାରିଛେ? ତାହାଲେ ଆମ ଭିତର ମଣିଷ ପଣିଆ ଅନେକ ସମୟରେ ହଜି ଯାଉଛି କିପରି? ଆଜିର ମଣିଷ ଏଭଳି ପରିସ୍ଥିତିରେ ପହଞ୍ଚିଲାଣି ଯେ ନିଜର ସମ୍ପତ୍ତି ବ୍ୟତୀତ ଅନ୍ୟର ସମ୍ପତ୍ତିକୁ ବି ନିଜର ମନେକରୁଛି। ଆଉ ତାକୁ ଉପଭୋଗ କରିବାକୁ ମଧ୍ୟ କୁଣ୍ଠାକରୁନାହିଁ । ଭୋଗର ଶେଷ ପରିଣତି ଯେ ଦୁଃଖ ତାହା ମଣିଷ ସହଜରେ ବୁଝେନା । ଆବଶ୍ୟକତା ଠାରୁ ବହୁଅଧିକ ସଞ୍ଚୟକରିବା, କାରବାର ଠାରୁ ଅତିଅଧିକ ଜମିକୁ ଦଖଲ କରିବା, ଚଳପ୍ରଚଳ କରିବା ଠାରୁ ଖୁବ୍‌ବେଶୀ ଘର ତିଆରି କରିବା ଆଦି ମଣିଷର ଗୋଟାଏ ନିଶାରେ ପରିଣତ ହୋଇଛି । ଅନ୍ୟମାନେ ଉପଯୁକ୍ତ ରୋଜଗାର କରି ଏପରି ସୌଖୀନରେ ରହୁଛନ୍ତି ତାଙ୍କୁ ଦେଖି କମ୍ ରୋଜଗାର କରୁଥିବା ଲୋକ ବି ସେହି ପଥର ଯାତ୍ରୀ ହେଉଛି । ଯାହାଫଳରେ ସୁଖ ମିଳିବା ପରିବର୍ତ୍ତେ ଦୁଃଖ ଭୋଗ କରୁଛି । ଆହୁରି ଅନେକ ଅଛନ୍ତି ଯେଉଁମାନେ ନିଜ ଜିନିଷକୁ କାରବାର ବା ବ୍ୟବହାର ନକରି ଅନ୍ୟର ଜିନିଷରେ କାମ ଚଳାଇବାକୁ ଇଚ୍ଛା କରନ୍ତି । ଯାହାଫଳରେ ସମାଜରେ ସୃଷ୍ଟିହୁଏ ଅଭାବ । ଏ କଥା ବୁଝିବାକୁ ରାଜି ହୁଅନ୍ତି ନାହିଁ ଅନେକ । ସେମାନେ ପ୍ରକାଶ କରନ୍ତି ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ, ତେଣୁ ଆହୁରି ଆବଶ୍ୟକ । ନିଜପାଇଁ ସଂଗ୍ରହ କରୁଛେ । ତା ସହିତ ପରପିଢ଼ୀମାନଙ୍କ ପାଇଁ ବି ସଂଗ୍ରହ କରୁଛେ। ଥରେ ଭାବି ଦେଖିଲେ ଆମେ ଅଯଥାରେ ଯେତିକି ସଞ୍ଚୟ କରୁଛେ, ତାହା ବର୍ତ୍ତମାନ ଲୋକ ପାଇଲେ କେତେ ଆନନ୍ଦରେ ରହନ୍ତେ । ଆମେ ଭାବୁଛେ ନିଜେ କେବଳ ଆନନ୍ଦରେ ରହିଲେ ଆରାମ୍‌ରେ ରହିପାରିବା । ଏତିକି ବୁଝୁନେ ଅନ୍ୟର ଦୁଃଖ ମଧ୍ୟ ଆମ ପାଇଁ ଦୁଃଖର କାରଣ ହୋଇଯାଏ । ଥରୁଟିଏ ଉପବାସ ରହି ସେହି ଖାଦ୍ୟ କାହାକୁ ବି ଦାନ ଦେଲେ ଦେଖିବ କେତେ ଆନନ୍ଦ ମିଳିବ । ଥରୁଟିଏ ନିଜ ପାଇଁ ସାଇତି ଥିବା ଦ୍ରବ୍ୟକୁ ଅନ୍ୟକୁ ଅର୍ପଣ କରି ଦେଖ କେତେ ସୁଖ ମିଳୁଛି । ବାସ୍ତବରେ ତ୍ୟାଗ ଭିତରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନଥାଏ । ସେଥିପାଇଁ ଆମ ପୂର୍ବଜମାନେ କହିଛନ୍ତି ତେନ ତ୍ୟକ୍ତେନ ଭୁଞ୍ଜିଥାଃ । ନିଜର ସୁଖ ଭୋଗ ସହିତ ଅନ୍ୟକୁ ସାମିଲ୍ କରିବା ଉଚିତ୍ । ଟ୍ରେନ୍ ବା ବସ୍‌ରେ ଦୂର ଯାତ୍ରା କଲାବେଳେ ଦୁଇଜଣ ଅଚିହ୍ନା ବ୍ୟକ୍ତି ପାଖାପାଖି ବସିବାର ନଜିର ଅଛି । ଅତୀତରେ ସେପରି ବି ହେଉଥିଲା । ନିଜ ସମ୍ପର୍କୀୟ ଯେତିକି ବନ୍ଧୁ ବାନ୍ଧବ ଥିଲେ ଦୂର ତୀର୍ଥ ବା ଯାତ୍ରାରୁ ବହୁ ବନ୍ଧୁ ସୃଷ୍ଟି ହେଉଥିଲେ । ପରସ୍ପର ସହିତ ଭାବବିନିମୟ କରି ନୂଆ ବନ୍ଧୁଟିଏ ସୃଷ୍ଟିହେବା କଥା ଖୁବ୍ ଜଣାଶୁଣା । ଏହି ବନ୍ଧୁ ଖୁବ୍ ଆପଣାର ପାଲଟି ଯାଆନ୍ତି । ଭଲରେ ମନ୍ଦରେ ଠିଆହୁଅନ୍ତି । ଏମାନଙ୍କୁ କୁହାଯାଏ ସୁରୁଜବନ୍ଧୁ । ତେଣୁ ଅନେକ ପରିବାରରେ ଏବେ ବି ସୁରୁଜୁ ବନ୍ଧୁଙ୍କୁ ଲୋଡାଯାଏ । ଏପରି ବନ୍ଧୁ ସୃଷ୍ଟି ହେଉଥିଲା ପରସ୍ପରର ଭାବର ଆଦାନ ପ୍ରଦାନରୁ । ଏବେ କିନ୍ତୁ ଦୁଇ ଅପରିଚିତ ଏକାଠି ବସିଲେ ଦୀର୍ଘ ସମୟ ଧରି ପରସ୍ପର ସହିତ ଆଳାପ ଆଲୋଚନା ହେବାର ଦେଖାଯାଏନାହିଁ । କାହାର ଠିକଣା କେହି ରଖେନାହିଁ । ନିଜେ ନିଜେ କେବଳ ମୋବାଇଲ୍‌ରେ କଥା ହେବା, ଗେମ୍ ଖେଳିବା ବା ଅନ୍ୟ ଭାବନାରେ ମାତିଯିବାରେ ସମୟ ଅତିବାହିତ ହୋଇଯାଏ । ଯାହା ଫଳରେ ସୃଷ୍ଟିହୋଇପାରେ ନା ଆତ୍ମିୟତା ଭାବ । ପରସ୍ପର ସହିତ କଥା ହେଲେ ବା ଆଳାପ ଆଲୋଚନା କଲେ ନିଜର ଭାବକୁ ଅନ୍ୟକୁ ପ୍ରଦାନ କରି ଅନ୍ୟର ଭାବକୁ ଗ୍ରହଣ କଲେ ମନ ଫୁର୍ତ୍ତିରହେ । ଚିନ୍ତାମୁକ୍ତ ହୁଏ । ହେଲେ ଆଜିର ମଣିଷ ଏମିତି ବସ୍ତୁବାଦରେ ମାତିଯାଇଛି ଯେ କାହାରି ସହିତ ଭଲରେ କଥାପଦେ ହେବାକୁ ପସନ୍ଦ କରୁନାହିଁ । ମୋବାଇଲ୍‌ରେ ବହୁ ପ୍ରକାର ସଙ୍ଗୀତ ବା କାର୍ଯ୍ୟକ୍ରମକୁ ଉପଭୋଗ କରୁଛି । ସେ ଭାବେ ଏଥିରେ ମାନସିକ ଶାନ୍ତି ମିଳେ, ହେଲେ ବାସ୍ତବରେ ଶାନ୍ତି ମିଳେନାହିଁ । ଗୀତ ସରିଗଲାପରେ ପୂର୍ବର ଚିନ୍ତା ପୁଣି ମାଡିଆସେ । ବନ୍ଧୁଟିଏ କରିଥିଲେ ତା' ସହ ହସଖୁସି ହୋଇଥିଲେ ପରବର୍ତ୍ତି କ୍ଷଣରେ ସେହି ବନ୍ଧୁର ଚିନ୍ତା ଆସେ ଆଉ ମନ ହାଲ୍‌କା ହୋଇଯାଏ । କେବଳ ସେତିକି ନୁହେଁ ଦୂରଯାତ୍ରା ସମୟରେ ଅପରିଚିତ ଜଣେ ନିରବରେ ବସିରହିଥିବା ବେଳେ ଆମେ ବିଭିନ୍ନ ଜିନିଷ କିଣି କରି ଖାଇଥାଉ । ସେ ନିରବରେ ବସିଥାଆନ୍ତି । ଥରେ କେବେ ପାଖରେ ବସିଥିବା ଲୋକଟିକୁ ବା ବଲବଲ କରି ଚାହିଁଥିବା ନିରିହ ପିଲାଟିକୁ ନିଜ ଭାଗରୁ କିଛି ଦାନକର । ଦେଖିବ ତୁମ ଖାଇବାରେ ଯେତିକି ଆନନ୍ଦ ପାଉଛ, ଅନ୍ୟର ଖାଇବାରେ ତା'ଠାରୁ ଅଧିକ ଆନନ୍ଦ ପାଇବ । କେବଳ ମଣିଷ ବ୍ୟକ୍ତି କୈନ୍ଦ୍ରିକ ସ୍ୱାର୍ଥରେ ମାତି ଏପରି କରିଥାଏ । ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ବ୍ୟଷ୍ଟିଗତ ସ୍ୱାର୍ଥକୁ ଆଖିରେ ରଖିଲେ ବହୁ ଆନନ୍ଦ ମିଳେ । ଆମେ ମୋବାଇଲ୍ ବ୍ୟବହାର କରୁଛେ ତାହା ଆମ ପାଇଁ ଆବଶ୍ୟକ କିନ୍ତୁ ଯେତିକି ଦରକାର ତାହା ଠାରୁ ଅଧିକ ଆବଶ୍ୟକ କଲେ ତାହା ଦୁଃଖର କାରଣ ହୁଏ । ସେହିପରି ବନ୍ଧୁ ବାନ୍ଧବ ସୃଷ୍ଟିକରିବା ଉଚିତ୍ କିନ୍ତୁ ଲୋକ ଠିକ୍ ନା ଭୁଲ୍ ନିଜର ହୃଦୟ ଭାବକୁ ବୁଝୁଥିବା ଲୋକ ଦେଖି ବନ୍ଧୁ ବାନ୍ଧିବା ଦରକାର । ଯଦି ନିଜର ସର୍ବସ୍ୱ ଭୁଲି ବନ୍ଧୁଙ୍କ ସହିତ ସମ୍ପର୍କ ଜମେଇ ବସିଲେ ନିଜର ଜୀବନ ନଷ୍ଟ ହୋଇଯିବ। ଜୀବନର ତତ୍ତ୍ୱ ହେଉଛି ନିଜକୁ ଚିହ୍ନିବା ସହ ଅନ୍ୟ ମାନଙ୍କୁ ଚିହ୍ନିବା। ଯଥା ସମ୍ଭବ ପରୋପକାର କରିବା, ସମାଜ, ରାଜ୍ୟ, ଦେଶ ପ୍ରତି ନିଜ ସତତ୍ ଦାୟିତ୍ୱ ନିର୍ବାହ କରିବା। ମାନବୀୟ ମୂଲ୍ୟବୋଧକୁ ଜୀବନର ପ୍ରତିଟି କ୍ଷେତ୍ରରେ କାର୍ଯ୍ୟକାରୀ କରି ଜୀବନର ଚେତନାକୁ ଅନ୍ୟ ମାନଙ୍କ ଠାରେ ବାଣ୍ଟିବା। ତେବେ ଅନ୍ତତଃ ଶାନ୍ତି ଟିକିଏ ପାଇବାକୁ ଯାଇ ମଣିଷ ଅଶାନ୍ତିକୁ ଆବାହନ ନକରୁ । ଏହା ହିଁ ଜୀବନ ଚଳଣୀର ମୂଳ ମନ୍ତ୍ର ।

# ମନ ମୋହର ଶ୍ରେଷ୍ଠ ଗୁରୁ

**॥ ପ୍ରଦୀପ୍ତ କୁମାର ମିଶ୍ର ॥**

ଏକଦା ଯଦି ପ୍ରଶ୍ନ କରାଯାଏ ଏ ପୃଥିବୀରେ ସବୁଠାରୁ କ୍ଷିପ୍ର କିଏ,ତେବେ ତାର ଉତ୍ତର କେଳ ମନ ହିଁ ଆସିବ। ମଣିଷର ମନ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସବୁଠାରୁ ଚଳଚଞ୍ଚଳ ଏକଥା ସମସ୍ତେ ସ୍ୱୀକାର କରିବେ। ତେବେ ଏହି ମନର ଶକ୍ତିକୁ ପରିବର୍ଦ୍ଧିତ କରି ଜଣେ ମହାପୁରୁଷ ଆଖ୍ୟା ପାଇଥାଏ। ମଣିଷ ପାଇଁ ଏହି ମନ ହିଁ ଈଶ୍ୱରଙ୍କର ଶ୍ରେଷ୍ଠ ଆଶୀର୍ବାଦ। ଏଇଠି ଅଛି ପୁଣି ଏଇଠି ନାହିଁ କେଳ ଏହି ମନ। ମନନଶୀଳ ହେଲେ ସବୁଭଲ ମନକୁ ଆୟରେ ନରଖି ପାରିଲେ ସବୁ କେମିତି ଅବାସ୍ତବ ହୋଇଯାଏ। ମନର ପରିବର୍ତ୍ତନ ହେଲେ ସୁନା, ପିତ୍ତଳ ହୋଇଯାଏ, ମନ ରହିଗଲେ ଗଡ଼ିଆ ପାଣି ଗଙ୍ଗାଜଳ ହୋଇଯାଏ। ତେବେ ଏଥିରୁ ସ୍ପଷ୍ଟ ମନହିଁ ସବୁକିଛି ଓ ମନର ମୁଳରେ ହିଁ ଏ ସାରା ଜଗତ।



ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଅର୍ଜୁନଙ୍କ ରଥରେ ଭଗବାନ ଶ୍ରୀକୃଷ୍ଣ ସାରଥୀ ଥାଆନ୍ତି। ଏହି ସମୟରେ ଯୁଦ୍ଧକ୍ଷେତ୍ରରେ ସମସ୍ତ ନିଜଲୋକ ସଖା ସହୋଦରଙ୍କୁ ଯୁଦ୍ଧରେ ଅବତୀର୍ଣ୍ଣ ହେବାର ଦେଖି ଅର୍ଜୁନଙ୍କର ମନରେ ବିଷାଦ ଭରିଗଲା। ଏ ଯୁଦ୍ଧକଣ ରୋକି ହେବ ନାହିଁ ବୋଲି ତାଙ୍କମନରେ ସଂଶୟ ଭରିଗଲା। ସେ ତାଙ୍କର ଗାଣ୍ଡିବ ଥୋଇଦେଇ ଅନ୍ୟମନସ୍କ ହୋଇଗଲେ। କୃଷ୍ଣ ଏହାର କାରଣ ପଚାରନ୍ତେ ସେ ଯୁଦ୍ଧକଣ ଏକାନ୍ତ ଆବଶ୍ୟକ ଏହାର ଅନ୍ୟ କିଛି ପଦକ୍ଷେପ ନାହିଁ। ତେବେ ମୁଁ ମୋରି ନିଜମାନଙ୍କ ସହ ଯୁଦ୍ଧ ଅବା କେମିତି କରିପାରିବି। ବାଧହୋଇ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ ତାଙ୍କର ଅତୀତର ତିକ୍ତ ଅନୁଭୂତି କଥା ସୁରଇଦେଲେ। କିନ୍ତୁ ତଥାପି ଅର୍ଜୁନଙ୍କ ମୋହଭଙ୍ଗ ହୋଇପାରିନଥିଲା ତେବେ ତାହାପରେ ସେ ବିଶ୍ୱରୂପ ଦେଖାଇଥିଲେ। ସେହି ବିଶ୍ୱରୂପ ଦେଖି ଅର୍ଜୁନଙ୍କର ସଚେତନ ହୋଇଥିଲେ। ତେବେ ମନକୁ ଶାନ୍ତସରଳ ରଖିପାରିଲେ ଅନେକ ବଡ ବଡ କଥା ଛୋଟ ହୋଇଯାଏ। ଅନେକ ମତାନ୍ତର ମନାନ୍ତରକୁ ଏଡ଼ାଇ ସବୁଗୁଡିକ ସହଜଢଙ୍ଗରେ କରିହୁଏ।

ଏହିମନକୁ ନେଇ ଯେତେ ମହାପୁରୁଷ ମାନେ ନିଜକୁ ଶାନ୍ତ ସ୍ୱଭାବର ରଖି ଅନେକ ଅସାଧକୁ ସାଧ କରିପାରିଥିଲେ। ସାଧନା ପାଇଁ ଗୋଟିଏ ଉନ୍ନତ ମନର ଆବଶ୍ୟକତା ଥାଏ। ତେଣୁ ମନର ଶାନ୍ତିହିଁ ପରମ ଗୁଣର ଆବାହକ। ମଣିଷର ମନ ଏକ ଆଶ୍ଚର୍ଯ୍ୟ ସମ୍ପଦ ଏହାର ନିୟନ୍ତ୍ରଣ ମଣିଷର ଶ୍ରେଷ୍ଠ ଗୁଣର ପରିଚୟକ ଏହାର ସନ୍ଦେହ ନାହିଁ।

**ଅରେଇ, ଯାଜପୁର ୯୬୫୮୬୨୪୬୨୮**



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





# ନିମ୍ନମାନର ଛତୁଆ ଓ ପୋକଡ଼ା ଲଡୁକୁ ନେଇ ଅଭିଯୋଗ

ରାଇଘର:(ମହାଭାରତ)ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ କିଶୋରୀ ବାଳିକା ଓ ଗର୍ଭବତୀ ମହିଳାଙ୍କୁ ଦିଆଯାଉଥିବା ଛତୁଆ ଏବଂ ପକଡ଼ା ଲଡୁର ମାନକୁ ନେଇ ଅଭିଯୋଗ ଉଠିଛି। ଖାଦ୍ୟର ଗୁଣବତ୍ତା ଠିକ୍ ନଥିବା ନେଇ କିଛି ଅଞ୍ଚଳବାସୀ ରାଇଘର ସିଡିପିଓ ଦାଇଥରେ ଥିବା ବିଡିଓଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି।ଅଭିଯୋଗ ପରେ ଘଟଣାଟିକୁ ନେଇ ପ୍ରଶାସନିକ ସ୍ତରରେ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି। ରାଇଘର ସିଡିପିଓ ଚର୍ଚ୍ଚାରେ ଥିବା ବିଡିଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇ ଛତୁଆ ଓ ପକଡ଼ା ଲଡୁର ଗୁଣବତ୍ତା ସମ୍ପର୍କରେ ଯାଞ୍ଚ କରିଥିବା ଦେଖିବାକୁ ମିଳିଥିଲା।ଯାଞ୍ଚ ସମୟରେ ଲଡୁ ଓ ମୁଡ଼ି ମୁଡି ନିମ୍ନମାନର ହୋଇଥିବା କିମ୍ବା ଆକାର ନଷ୍ଟ ହୋଇଥିବା ନେଇ ମଧ୍ୟ ଆଲୋଚନା ହୋଇଥିବା ସୂଚନା ମିଳିଛି। ତେବେ ଏହି ଖାଦ୍ୟର ଗୁଣବତ୍ତା ପ୍ରକୃତରେ ମାନକ ଅନୁଯାୟୀ ଅଛି କି ନାହିଁ ତାହାର ବୈଜ୍ଞାନିକ ଯାଞ୍ଚ ଆବଶ୍ୟକ ବୋଲି ଅଞ୍ଚଳବାସୀ ଦାବି




କରିଛନ୍ତି।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ 'ଆଦର୍ଶ' ନାମକ ଗ୍ରୁପ୍‌କୁ ନେଇ ପୂର୍ବରୁ ମଧ୍ୟ ଏକାଧିକ ଥର ଅଭିଯୋଗ ହୋଇଥିବା ସତ୍ତ୍ୱେ ସେହି ଗ୍ରୁପ୍‌କୁ ହିଁ ଦାୟିତ୍ୱ ଦିଆଯାଉଥିବା କୁହାଯାଉଛି। ଅନ୍ୟ ଯୋଗ୍ୟ ଗ୍ରୁପ୍ ?କୁ ସୁଯୋଗ ଦିଆଯାଉନଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି।ଅଭିଯୋଗକାରୀମାନେ ପ୍ରଶ୍ନ କରିଛନ୍ତି ଯଦି ଖାଦ୍ୟର ଗୁଣବତ୍ତାକୁ ନେଇ ବାରମ୍ବାର ଅଭିଯୋଗ ଆସୁଛି ତେବେ ସମ୍ପୃକ୍ତ ଯୋଗାଣକାରୀ କିମ୍ବା ଗ୍ରୁପ୍‌ର କାର୍ଯ୍ୟପ୍ରଣାଳୀ ଉପରେ ବିଭାଗ ପକ୍ଷରୁ କଠୋର ଯାଞ୍ଚ କାହିଁକି କରାଯାଉନାହିଁ ?ରାଇଘର ବ୍ଲକର କିଶୋରୀ ବାଳିକା ଏବଂ ଗର୍ଭବତୀ ମହିଳାମାନଙ୍କୁ ଏଭଳି ଖାଦ୍ୟ ଯୋଗାଇ ଦିଆଯାଉଥିବା ନେଇ ମଧ୍ୟ କିଛି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହା ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ଖାଦ୍ୟର ଗୁଣବତ୍ତା ପରିମାଣ ପ୍ରସ୍ତୁତି ପ୍ରକ୍ରିୟା ଏବଂ ଯୋଗାଣ ବ୍ୟବସ୍ଥାକୁ ନେଇ ସ୍ୱଚ୍ଛ ତଦନ୍ତ ହେବା ଆବଶ୍ୟକ ବୋଲି ଦାବି ହେଉଛି।ଅଞ୍ଚଳବାସୀଙ୍କ ଦାବି କେବଳ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇ ଖାଦ୍ୟ ଦେଖିବାରେ ତଦନ୍ତ ସୀମିତ ନ ରହି ଯେଉଁଠାରେ ଛତୁଆ ଓ ଲଡୁ ପ୍ରସ୍ତୁତ ହେଉଛି ସେଠାରେ ମଧ୍ୟ ଯାଞ୍ଚ କରାଯାଉ। ଆବଶ୍ୟକ ହେଲେ ଖାଦ୍ୟର ନମୁନା ସଂଗ୍ରହ କରି ଲାବରେଟୋରିରେ ପରୀକ୍ଷା କରାଯାଉ। ଏହାଦ୍ୱାରା ଖାଦ୍ୟର ଗୁଣବତ୍ତା ନେଇ ଥିବା ସନ୍ଦେହର ପ୍ରକୃତ ତଥ୍ୟ ସାମ୍ନାକୁ ଆସିପାରିବ।ଏହି ଘଟଣାରେ ଅଙ୍ଗନୱାଡ଼ି କର୍ମୀଙ୍କ ଭୂମିକା ସମ୍ପୃକ୍ତ ଗ୍ରୁପ୍ ?ର ଦାୟିତ୍ୱ ଖାଦ୍ୟ ପ୍ରସ୍ତୁତି ଓ ଯୋଗାଣ ବ୍ୟବସ୍ଥା ସହିତ ସମସ୍ତ ପକ୍ଷକୁ ନେଇ ନିରପେକ୍ଷ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।ଏବେ ପ୍ରଶ୍ନ ହେଉଛି ଅଭିଯୋଗର ସତ୍ୟତା କ'ଣ ? ଛତୁଆ ଓ ଲଡୁର ଗୁଣବତ୍ତା ପ୍ରକୃତରେ ମାନକ ଅନୁଯାୟୀ ଅଛି କି ? ପୂର୍ବରୁ ହୋଇଥିବା ଅଭିଯୋଗ ଉପରେ କ'ଣ ପଦକ୍ଷେପ ନିଆଯାଇଥିଲା ? ଏବଂ ଯଦି ଅନିୟମିତତା ପ୍ରମାଣିତ ହୁଏ, ତେବେ ଦାୟୀ କିଏ ?ଏହି ସମସ୍ତ ପ୍ରଶ୍ନର ଉତ୍ତର ଏକ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପରେ ହିଁ ସ୍ପଷ୍ଟ ହୋଇପାରିବ। ତେଣୁ ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ସହିତ ଦୋଷୀ ପ୍ରମାଣିତ ହେଲେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଉ।

# ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରେସ କ୍ଲବ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ପାଟଣାଗଡ, (ମହାଭାରତ) : ସାମ୍ବାଦିକ ମାନଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସାମ୍ବାଦିକ ମାନଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଯ୍ୟକାରୀ କରାଯାଇଛି। ଯାହାକି ୨୦୨୦ ମସିହାରୁ ଏହି ଯୋଜନା ଆରମ୍ଭ ହୋଇଛି ଏବଂ ଏହି ଯୋଜନାରେ ଅନେକ ଗୁଡ଼ିଏ ସାମ୍ବାଦିକ ଫାଇଦା ପାଇଛନ୍ତି। କିନ୍ତୁ ବର୍ତ୍ତମାନ ସରକାର ଏହାକୁ ସର୍ବସାଧାରଣ ପାଇଁ କାମ କରୁଥିବା ଆୟୁଷ୍ମାନ ଆରୋଗ୍ୟ ଯୋଜନା ରେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା କୁ ସାମିଲ କରାଯିବ ବୋଲି ଯୋଜନା ଚଳାଇଥିବା ଜଣାପଡିଛି। ଏହା ହେବା ଯୋଗୁଁ ସାମ୍ବାଦିକ ମାନଙ୍କ ସ୍ୱତନ୍ତ୍ର ପରିଚୟ ନଷ୍ଟ ହେବା ସହ ସ୍ୱାସ୍ଥ୍ୟ ସେବା ରେ ମଧ୍ୟ ବାଧାପ୍ରାପ୍ତ ହେବ । ସେଥିପାଇଁ ସମଗ୍ର ଓଡ଼ିଶାର ସାମ୍ବାଦିକ ମାନେ ବିରୋଧ କରି ରାଜ୍ୟ ସରକାରଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା କୁ ପ୍ରଚଳିତ କରାଯାଉ ବୋଲି ଦାବି କରିଛନ୍ତି। ଏହି ପରିପ୍ରେକ୍ଷିରେ ଆଜି ପ୍ରେସ କ୍ଲବ୍ ପାଟଣାଗଡ଼ ପକ୍ଷରୁ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ପ୍ରେସ କ୍ଲବର ସଭାପତି ଅଜିତ କୁମାର ପୁରୋହିତ, ସମ୍ପାଦକ ଭୋଜରାଜ ଦଣ୍ଡସେନା,ଉପ ସଭାପତି ପୁର୍ଣ୍ଣ ଶଶୀ ଶେଖର ରାଓ, ଉପ ସଭାପତି ଜପିନ୍ଦ୍ର ସୁନା, ବରିଷ୍ଠ ସାମ୍ବାଦିକ ବିଭୁତି ଭୁଷଣ ବଡୁ, ଅଭିନାଶ ବିଶ୍ୱାଳ, ଶତ୍ରୁଘ୍ନ ନାଏକ, ଜଗନ୍ନାଥ ଧରୁଆ, ସନ୍ତୋଷ ପୁଟେଲ, ସମ୍ପଦ ଯାଦବ, ରୁପେନ୍ଦ୍ର ମୁଣ୍ଡା

# ଜାତୀୟ ମଞ୍ଚରେ ଗଜପତିର ଛାତ୍ରୀ ଅନନ୍ୟାଙ୍କ କମାଲ



ରା.ଉଦୟଗିରି, (ମହାଭାରତ) : ଜାତୀୟସ୍ତରୀୟ ପ୍ରେରଣା ଉତ୍ସବରେ ଯୋଗଦେଇ ଗଜପତି ଜିଲ୍ଲା ସମେତ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ରା.ଉଦୟଗିରି ବ୍ଲକ୍ ?ର ଛାତ୍ରୀ ଅନନ୍ୟା ଷଡ଼ଙ୍ଗୀ। ପାରଳାଖେମୁଣ୍ଡିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଆୟୋଜିତ ପ୍ରେରଣ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରି ସ୍ୱରଚିତ କବିତା ଓ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଏଥିରେ କୃତିତ୍ୱ ହାସଲ କରିବା ପରେ ଅନନ୍ୟା ଅଗଷ୍ଟ ୨ରୁ ୮ ତାରିଖ ପର୍ଯ୍ୟନ୍ତ ଗୁଜରାଟର ଭଦନଗରଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ସଫଳତାର ସହ କାର୍ଯ୍ୟକ୍ରମ ସମ୍ପନ୍ନ କରି ମାନପତ୍ର ହାସଲ କରିଛନ୍ତି। ଅନନ୍ୟା ବର୍ତ୍ତମାନ ଛେଳିଗଡ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀରେ ଅଧ୍ୟୟନରତ। ତାଙ୍କ ସହ ଯାଇଥିବା ତତ୍ତ୍ୱାବଧାରିକା ଶିକ୍ଷୟିତ୍ରୀ ସୁଶ୍ରୀ ରଞ୍ଜିତା ମହାନ୍ତିଙ୍କୁ ଏହି ସମ୍ମାନ ସମର୍ପଣ କରିଥିବା ଅନନ୍ୟା କହିଛନ୍ତି। ତାଙ୍କ ଏହି ସଫଳତାରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

# ଟିଟିଲାଗଡ଼ରେ ଯୁଗ୍ମ ଜନ ଶୁଣାଣି ଶିବିର

ଟିଟିଲାଗଡ଼, (ମହାଭାରତ) : ଟିଟିଲାଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସୋମବାର ବଲାଙ୍ଗିର ଜିଲ୍ଲାପାଳ ଏବଂ ବଲାଙ୍ଗିର ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଟିଟିଲାଗଡ଼ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ଜନସାଧାରଣ ଉପସ୍ଥିତ ହୋଇ ନିଜ ନିଜ ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଜନସାଧାରଣଙ୍କ ଅଭିଯୋଗଗୁଡ଼ିକୁ ଜିଲ୍ଲାପାଳ ଗୁରୁତ୍ୱର ସହ ଶୁଣାଣି କରିବା ସହ ସମସ୍ୟାଗୁଡ଼ିକର ସ୍ୱରୂପ ଓ ତାହାର ସମାଧାନ ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଲୋକଙ୍କ ଅଭିଯୋଗର ତୁରନ୍ତ ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ସହ ଅଭିଯୋଗଗୁଡ଼ିକୁ ଅଯଥା ବିଳମ୍ବ ନକରି ନିୟମାନୁସାରେ ସମାଧାନ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବିଭିନ୍ନ ସରକାରୀ ବିଭାଗ ସମ୍ପର୍କିତ ସମସ୍ୟା, ଜନକଲ୍ୟାଣକାରୀ ଯୋଜନାର ସୁବିଧା ପାଇବାରେ ଅସୁବିଧା, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ପ୍ରକାରର ଅଭିଯୋଗ ଜନସାଧାରଣଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ପ୍ରତ୍ୟେକ ଅଭିଯୋଗକୁ ଧୈର୍ଯ୍ୟର ସହ ଶୁଣିବା ସହ ଏହାର ଆଇନଗତ ଓ ପ୍ରଶାସନିକ ପ୍ରକ୍ରିୟା ଅନୁଯାୟୀ ସମାଧାନ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ।
ଏହି ଜନ ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ଜିଲ୍ଲା ପ୍ରଶାସନ ସିଧାସଳଖ ଭାବେ ଜନସାଧାରଣଙ୍କ ନିକଟରୁ ସମସ୍ୟା ଶୁଣିବାର ସୁଯୋଗ ପାଇଥିଲା। ଏହା ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ନିଜ ସମସ୍ୟା ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଅବଗତ କରିବା ସହ ସମାଧାନ ପାଇଁ ଆଶା ପ୍ରକାଶ କରିଥିଲେ। ଶିବିରରେ ଉପସ୍ଥିତ ଥିବା ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଜନସାଧାରଣଙ୍କ ଅଭିଯୋଗଗୁଡ଼ିକୁ ଲିପିବଦ୍ଧ କରିବା ସହ ଆବଶ୍ୟକୀୟ ପଦକ୍ଷେପ ନେବା ଦିଗରେ ପ୍ରକ୍ରିୟା ଆରମ୍ଭ କରିଥିଲେ। ଜନସାଧାରଣଙ୍କ ସମସ୍ୟାର ଶୀଘ୍ର ସମାଧାନ ଏବଂ ସରକାରୀ ସେବାକୁ ସାଧାରଣ ଲୋକଙ୍କ ନିକଟରେ ସହଜରେ ପହଞ୍ଚାଇବା ଉପରେ ଏହି ଶିବିରରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏଭଳି ଜନ ଅଭିଯୋଗ ଶୁଣାଣି ଶିବିର ଦ୍ୱାରା ଲୋକଙ୍କ ସମସ୍ୟା ସିଧାସଳଖ ଭାବେ ପ୍ରଶାସନ ନିକଟରେ ପହଞ୍ଚୁଥିବାରୁ ଏହା ଜନସାଧାରଣଙ୍କ ପାଇଁ ଏକ ଉପଯୋଗୀ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଉଦଳା ୧୦/୦୮( ମହାଭାରତ ) – ରାଜ୍ୟ ସରକାର ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତିତ କରାଯିବାର ପ୍ରୟାସକୁ ଓଡିଶା ଜୋର୍ନାଲିଷ୍ଟ ୟୁନିୟନ(ଓଜେୟୁ) ଦୃଢ ବିରୋଧ କରିଛି । ସୋମବାର ଦିନ ଏ ନେଇ ଏକ ସ୍ମାରକପତ୍ର ଉଦଳା ଡେପୁଟି କଲେକ୍ଟର ଦିଲ୍ଲୀପ କୁମାର ନାଏକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଏଣୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବବତ ଅପରିବର୍ତ୍ତିତ ରଖାଯିବା ସହିତ ଏଥିରେ ସାମ୍ବାଦିକଙ୍କ ପିତାମାତାଙ୍କୁ ତାଲିକା ଭୁକ୍ତ କରାଯିବା ପାଇଁ ଦାବି କରାଯାଇଛି । ଯଦି ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତିତ କରାଯିବାର ପ୍ରୟାସରୁ ଓହରି ସରକାର ତୁରନ୍ତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ କାର୍ଯ୍ୟକାରୀ ନ କରନ୍ତି ତେବେ ଆଗାମୀ ଦିନରେ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଏହି ଦାବିପତ୍ର ପ୍ରଦାନ କରିବା ସମୟରେ ଦୀନବନ୍ଧୁ ବାରିକ, କୃଷ୍ଣଚୈତନ୍ୟ ସଦୁଆଳ, ଶଶୀକାନ୍ତ ମିଶ୍ର,ଦିଲ୍ଲୀପ କଲିଆ, ଆନନ୍ଦ କୁମାର ଦାସ, ଦୀପକ କୁମାର ମିଶ୍ର, ଯଶୋବନ୍ତ ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଓଡିଶା ଜନତା କଂଗ୍ରେସର ପାର୍ଟିର ତିନିଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦଯାପିତ



ବାଲିଚନ୍ଦ୍ରପୁର, (ମହାଭାରତ) : ଯୁବଶକ୍ତିକୁ ଗୁରୁତ୍ୱ ପ୍ରଦାନ କରି ଦଳୀୟ ସଙ୍ଗଠନକୁ ଆଗକୁ ବଢିବାକୁ ଉଦ୍ୟମ କରୁଛୁ,ସେବା ଓ ଶୃଙ୍ଖଳା ମନୋଭାବ ନେଇ କାର୍ଯ୍ୟକରି ସାଧାରଣ ଲୋକଙ୍କ ସ୍ୱର ହେବାକୁ ଓଡ଼ିଶା ଜନତା କଂଗ୍ରେସର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରର ଉଦଯାପନୀ ଦିବସରେ ଦଳର ପ୍ରତିଷ୍ଠାତା ତଥା ପ୍ରାକ୍ତନ ବିଧାୟକ ମହମ୍ମଦ ମୋକିମ ପ୍ରକାଶ କରିଛନ୍ତି, ଯାଜପୁର ଜିଲା ବଡଚଣା ବ୍ଲକ ପଲାଇ ପଞ୍ଚାୟତ ଅନ୍ତର୍ଗତ ଓଳାଶୁଣୀ ପାହାଡ ସ୍ଥିତ ମଣ୍ଡପ ଠାରେ ସେବା ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ମନୋଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଉଥିବା ତିନି ଦିନିଆ ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିବସରେ ଓଡିଶା ସାମ୍ବାଦିକ ୟୁନୀୟନର ସଭାପତି ପ୍ରସନ୍ନ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ଯୁବକ, ଛାତ୍ର ମାନେ ସବୁଠାରୁ ଅଧିକ ଅବହେଳିତ, ସେମାନଙ୍କୁ ସଠିକ ମାର୍ଗଦର୍ଶନ କରାଗଲେ ସେମାନେ ଦେଶକୁ ବଦଳାଇ ପାରିବେ ବୋଲି କହିଥିଲେ,ଅନ୍ୟ ମାନଙ୍କ ମଧ୍ୟରେ ଓଜେସିର ରାଜ୍ୟ ଉପସଭାପତି ନିକୁଞ୍ଜ ପଶାୟତ, ପ୍ରଦୀପ ପ୍ରଧାନ, ଗିରିବଳା ବେହେରା, ପ୍ରାକ୍ତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ରଞ୍ଜିତା ରାଉତ, ସାଧାରଣ ସମ୍ପାଦକ ସଞ୍ଜୟ ରାୟ, ସୋମନାଥ ରାଉତରାୟ, ସୁଜିତ ସ୍ୱାଇଁ, ନରେଶ ମହାନ୍ତି , ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଶୈଳବାଳା ଜେନା, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଆର୍ଯ୍ୟବିର ଲେଙ୍କା, କୃଷକ ମୋର୍ଚ୍ଚା ସଭାପତି ସଂଗ୍ରାମ ମାଝୀ, ରାଜ୍ୟ ସମ୍ପାଦକ ଦିଲୀପ କୁମାର ରାଉତ, ପ୍ରତିଷ୍ଠାତା ସଭ୍ୟ ସୁରେଶ ସାହାଣୀ, ଜିଲା ସଭାପତି ବିଦ୍ୟାଧର ମହାନ୍ତି, ଅନିଲ ବେହେରା ପ୍ରମୁଖ ସମସ୍ତ ରାଜ୍ୟ ଓ ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ମାନେ ଯୋଗଦେଇ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରଯାଇଥିଲା, ସଙ୍ଗଠନ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଦୀପ୍ତ କୁମାର ଧଳ ଧନ୍ୟବାଦ ପ୍ରଦାନ କରିଥିଲେ।

# ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ପାରାଦୀପବାସୀଙ୍କ ସହ ସାମିଲ ହେଲେ ଶିକ୍ଷମନ୍ତ୍ରୀ




ପାରାଦୀପ, (ମହାଭାରତ) : ସମଗ୍ର ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମର ଉଦ୍ରେକ କରିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ଆହ୍ୱାନ ଦେଇଥିଲେ । ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି କାର୍ଯ୍ୟକ୍ରମ ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଅଛି । ସୋମବାର ଦିନ ପାରାଦୀପ ସହରରେ ତ୍ରିରଙ୍ଗା ଶୋଭାଯାତ୍ରାରେ ଛାତ୍ରଛାତ୍ରୀ,ମହିଳା, ସମାଜସେବୀ, ଅଧିକାରୀ, ରାଜନେତାସାମିଲ ହୋଇଥିଲେ । ସମସ୍ତଙ୍କୁ ଉତ୍ସାହିତ କରିବାକୁ ସାମିଲ ହୋଇଥିଲେ ପାରାଦୀପ ବିଧାୟକ ତଥା ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା, ଏଏସପି ଆଜିଙ୍କ୍ୟ ମାଣେ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ ମହାବିଦ୍ୟାଳୟ ଅଧଖ୍ୟା ଡ. ସସ୍ମିତା ଶତପଥି, ବିଧାୟକଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ବିଜେପି ମଣ୍ଡଳ ସଭାପତି ସୁବ୍ରତ କୁମାର ପ୍ରଧାନଙ୍କ ସମେତ ପୌର ପାଳିକାର ପାରିଷଦମାନେ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପାରାଦୀପ ସମୁଦ୍ରକୂଳରେ ପୌର ପାଳିକା ଦ୍ୱାରା ସ୍ଥାପିତ ହୋଇଥିବା ସୁଦ୍ଧ ପାନୀୟ ଜଳ କେନ୍ଦ୍ରକୁ ମନ୍ତ୍ରୀ ଲୋକାର୍ପଣ କରିଥିଲେ ।

# ଜଳାଭିଷେକ ପାଇଁ ଲଡୁ ବାବାଙ୍କ ପାଖରେ ପ୍ରବଳ ଭିଡ଼




ନୟାଗଡ଼, (ମହାଭାରତ) : ଆଜି ଶ୍ରାବଣ ମାସର ଦ୍ୱିତୀୟ ସୋମବାର। ମହାଦେବଙ୍କ ପାଖରେ ପବିତ୍ର ଜଳାଭିଷେକ ପାଇଁ ନୟାଗଡ଼ ପ୍ରସିଦ୍ଧ ଶୈବପୀଠ ଶରଣକୁଳ ର ଲୁଡୁକେଶ ମହେଶ ( ଲଡୁବାବା ) ଏବଂ ଦୁତିକେଶ୍ୱର ପୀଠରେ ଜଳ ଲାଗି ପାଇଁ ୨୯ ହଜାରରୁ ଉର୍ଦ୍ଧ କାଉଡ଼ିଆଙ୍କ ସମାଗମ ହୋଇଛି। କାଉଡ଼ିଆ ଭକ୍ତ ଦଣ୍ଡ ମାରି ମାରି ଲୁଡୁ ବାବା ଙ୍କ ପାଖରେ ମଧ୍ୟ ଜଳାଭିଷେକ କରୁଥିବା ଦେଖିବାକୁ ମିଳିଥିବା ବେଳେ ନିଆରା ଢଙ୍ଗରେ କାଉଡ଼ିଆ ମାନେ ନାଚ ଗୀତ କରି ଲଡୁବାବାଙ୍କ ପାଖରେ ଜଳ ଲାଗି କରିଛନ୍ତି। କାଉଡ଼ିଆଙ୍କ ସଂଖ୍ୟା ଅଧିକ ଥିବାରୁ ଲଡୁବାବାଙ୍କ ପାଖରେ ଜଳ ଲାଗି ପାଇଁ ମନ୍ଦିର ବାହାରୁ କାଉଡ଼ିଆଙ୍କ ଲମ୍ବା ଲାଇନ ଲାଗିଛି। ସେହି ଭଳି ଦୁତିକେଶ୍ୱର ପୀଠରେ ମଧ୍ୟ କାଉଡ଼ିଆଙ୍କ ସମାଗମ ଲାଗି ରହିଛି। ମହାଦେବଙ୍କ ପାଖରେ ଜଳ ଲାଗି ପାଇଁ ବୋଲବମ୍ ଭକ୍ତଙ୍କ ମଧ୍ୟରେ ଉତ୍ସାହ ପରିବେଶକୁ ଭକ୍ତିମୟ କରିଛି। ସୁସଜ୍ଜିତ କାଉଡ଼ି ସାଙ୍ଗକୁ ହାତରେ ପବିତ୍ର ଜଳ ଭାର , ମନରେ ରହିଛି ଉତ୍ସାହ। ମୁହଁରେ ଭକ୍ତିର ଭାବ, ଓଠରେ 'ବୋଲବମ୍... ହର ହର ବମ୍' ଧ୍ୱନିରେ କମ୍ପୁଛି ପରିବେଶ। ଏହି ଦୃଶ୍ୟ ଶୈବ ପୀଠର ଆକର୍ଷଣର କେନ୍ଦ୍ର ପାଲଟିଛି। ଦ୍ୱିତୀୟ ପାଳି ପାଇଁ ଲଡୁବାବା ଏବଂ ଦୁତିକେଶ୍ୱର ଶୈବ ପୀଠ କାଉଡ଼ିଆଙ୍କ ସମାଗମ ଲାଗି ରହିଥିବାରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବ୍ୟାରିକେଟ ସହ ପୋଲିସ ମୃତୟନ କରାଯାଇଛି। ରାତି ଦୁଇ ଟାରୁ ମହାଦେବଙ୍କ ନୀତିକାନ୍ତି ପରେ କାଉଡ଼ିଆ ମାନେ ଲମ୍ବା ଲାଇନରେ ଯାଇ ଜଳ ଲାଗି କରୁଛନ୍ତି।

## ଜିଲ୍ଲାପାଳଙ୍କ ଜଣାଶୁଣାଣି ଶିବିର

ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ଆଜି ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ବ୍ଲକ ପ୍ରଶାସନ ତତ୍ତ୍ୱାବଧାନରେ ବିଜୁ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାପାଳ ଆଶିଷଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣୀ ଶିବିରରେ ସର୍ବମୋଟ ୫୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୪୬ଟି, ଗ୍ରାମସମସ୍ୟା ଜନିତ ୫ଟି, ମୁଖ୍ୟମନ୍ତ୍ରୀ ରିଲିଫଫଣ୍ଡ ୪ଟି,ରେଡ଼କ୍ରସ ୧ଟି ହୋଇଥିବାବେଳେ ତୁରନ୍ତ ୧୨ଟି ଅଭିଯୋଗ ସମାଧାନ କରାଯାଇଥିଲା। ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନାକର,ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ବେଉରା, ତହସିଲଦାର ଦିଲୀପ ସେଠି,ବିଡ଼ିଓ କଲ୍ୟାଣ ସୌରଭ ଦାସ,ଜିଲ୍ଲା ଡ଼ିଏଫଓ, ମୁଖ୍ୟ ଚିକିତ୍ସାଧିକାରୀ ଙ୍କ ସମେତ ସମସ୍ତ ଜିଲ୍ଲା ଓ ଉପଖଣ୍ଡ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ।

# ଉଦଳା ମହାବିଦ୍ୟାଳୟର ୬୧ ତମ ପ୍ରତିଷ୍ଠା ଦିବସ ପାଳିତ

ଉଦଳା , (ମହାଭାରତ ) : ଉଦଳା ମହାବିଦ୍ୟାଳୟର ୭୧ ତମ ପ୍ରତିଷ୍ଠା ଦିବସ ଅଧକ୍ଷ ବସନ୍ତ କୁମାର ପାତ୍ରଙ୍କ ଅଧକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାସ୍କର ମଢେଇ ଯୋଗ ଦେଇ ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନ କିପରି ସ୍ୱୟଂଶାସିତ ହୋଇପାରିବ ସେ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଡକ୍ଟର ସୁବ୍ରତ କୁମାର ରଣା ଯୋଗ ଦେଇ ଆଜିର ଏହି ପ୍ରତିଷ୍ଠା ଦିବସର ମହତ୍ତ୍ୱ ସହିତ ପିଲାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଉଦଳା




ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା ଏବଂ ଉଦଳା ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ଡକ୍ଟର ସଚ୍ଚିଦାନନ୍ଦ ପରିଡା ପ୍ରମୁଖ ଯୋଗ ଦେଇ ମହାବିଦ୍ୟାଳୟର ଦୀର୍ଘ ସ୍ୱର୍ଣ୍ଣିମ ଇତିହାସକୁ ଉତଥାପନ କରି ବର୍ତ୍ତମାନ ମହାବିଦ୍ୟାଳୟକୁ ଉଚ୍ଚ ଶିକ୍ଷାର ଉତ୍କର୍ଷ କେନ୍ଦ୍ର ଭାବରେ ପ୍ରତିପାଦନ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ସକାଳେ ଅଧକ୍ଷ ବସନ୍ତ କୁମାର ପାତ୍ର ଏବଂ ପୁରାତନ ଛାତ୍ର ସଂଘର ସଭାପତି ଡକ୍ଟର ସଚ୍ଚିଦାନନ୍ଦ ପରିଡାଙ୍କ କରକମଳରେ ପ୍ରତିଷ୍ଠା ଦିବସର ପତାକା ଉତ୍ତୋଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏହା ସହିତ ଅତିଥିମାନେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିଲେ । ଏଥିରେ ସମସ୍ତ ଛାତ୍ରଛାତ୍ରୀ, ଏନଏସଏସ, ଏନସିସି, ୟୁଥ ରେଡକ୍ରସର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ । ଅଧାପକ ସୁଧାକର ଆଚାର୍ଯ୍ୟ, ଅଧାପକ ସନ୍ତୋଷ କୁମାର ଜେନାଙ୍କ ସଂଯୋଜନାରେ ସଭା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଶିକ୍ଷାର୍ଥୀ କଳାରେ ବର୍ଷା ସିଂ, ବିଜ୍ଞାନରେ ଜୟଦୀପ ପରିଡା ଓ ବାଣିଜ୍ୟରେ ଶ୍ରୀଜିତ୍ କର୍ମକାର ଏବଂ ଯୁକ୍ତ ୩ ସ୍ତରରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ଇଂରାଜୀ ବିଭାଗର ଛାତ୍ରୀ ତପସ୍ୟା ସାହୁ, ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ର ଅଭିଷେକ ପାଣିଗ୍ରାହୀ ଏବଂ ଯୁକ୍ତ ୩ ବିଜ୍ଞାନରେ ସର୍ବୋଚ୍ଚ ଅଙ୍କ ରଖିଥିବା ଅଭିଷେକ ପାଣିଗ୍ରାହୀଙ୍କୁ ପ୍ରାଧାପିକା କଳ୍ପନା ମହାନ୍ତ ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିସହିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗୀୟ ମୁଖ୍ୟ ଅଧାପକ ହରିଶ ଚନ୍ଦ୍ର ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ସହଯୋଗ କରିଥିଲେ । ପରିଶେଷରେ ଡକ୍ଟର ସତ୍ୟଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ନାଲକୋ ନଗର ଅନୁଗୋଳଠାରେ ବିଶ୍ୱ ଆଦିବାସୀ ଦିବସ




**ଅନୁଗୋଳ(ମହାଭାରତ):**ନାଲକୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ କାର୍ଯାଳୟ ପରିସରରେ ଉତ୍ସାହ ଓ ଉଦ୍ଦିପନାରେ ବିଶ୍ୱ ଆଦିବାସୀ ଦିବସ  ସଂଘର ଭାରପ୍ରାପ୍ତ ସଭାପତି ଶ୍ରୀ ଅକ୍ଷୟ କୁମାର ବଦ୍ରାଙ୍କ ସଭାପତିତ୍ୱ ରେ ପାଳିତହୋଇଯାଇଛି। ମୁଖ୍ୟ ଅତିଥି  ରମେନ୍ଦ୍ର କୁମାର ପ୍ରଧାନ (ମହାପ୍ରବନ୍ଧକ )ଯାନ୍ତିକ, ସି ପି ପି ଆଦିବାସୀ ସଂସ୍କୃତି ଓ ପରମ୍ପରା, ଜଳ ଜଙ୍ଗଲ ଅଧିକାର ଉପରେ ବକ୍‌ତବ୍ୟ ପ୍ରଦାନ କରି ଥିଲେ। ମୁଖ୍ୟବକ୍ତା  ରତିକାନ୍ତ ପାତ୍ର ଇଲେକ୍ଟ୍ରିକାଲ ଶିକ୍ଷା, ସଂସ୍କୃତି କାର୍ଯ୍ୟ ଧାରା ଓ ଜୀବନ ଶୈଳୀ କୁ ଗୁରୁତ୍ୱ ଦବା ପାଇଁ ମତବ୍ୟକ୍‌ତ କରିଥିଲେ। ସମ୍ମାନିତ ଅତିଥି ଶ୍ରୀଯୁକ୍‌ତ ଆଶେ କିସ୍କୁ  ଆଦିବାସୀ ସଂସ୍କୃତି, ପରମ୍ପରା ଓ ସ୍ୱାସ୍ଥ୍ୟ ଉପରେ ମତବ୍ୟକ୍ତ କରିଥିଲେ।ଲକ୍ଷ୍ମୀ ମାରିଆ  ଆଦିବାସୀ ଦିବସ ରେ ମା ମାନଙ୍କ ସ୍ୱଦେଶୀ ପାରମ୍ପରିକ ଧାଇ ମାଙ୍କ ସମ୍ମାନ, ଜୀବନ ଓ କଲ୍ୟାଣ ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ।

## କଳାହାଣ୍ଡି କଲେକ୍ଟରଙ୍କ ପ୍ରେସ୍ ବ୍ରିଫିଂ ଘରେ ଘରେ ତ୍ରିରଙ୍ଗା ଅଭିଯାନ

**କଳାହାଣ୍ଡି,(ମହାଭାରତ):**'ଘରେ ଘରେ ତ୍ରିରଙ୍ଗା' ଅଭିଯାନକୁ ନେଇ କଳାହାଣ୍ଡି ଜିଲ୍ଲାପାଳଙ୍କ ପକ୍ଷରୁ ଆଜି ପ୍ରେସ୍ ବ୍ରିଫିଂ ଆୟୋଜିତ ହୋଇଥିଲା। ଅଗଷ୍ଟ ୧୦ ତାରିଖ ଅପରାହ୍ନ ୪ଟା ସମୟରେ କଲେକ୍ଟରଙ୍କ ଚାମ୍ବର ସମ୍ମୁଖସ୍ଥିତ ଓଏସଡବ୍ଲୁଏଏନ ହଲରେ ଏହି ବ୍ରିଫିଂ ଅନୁଷ୍ଠିତ ହୋଇଥିଲା। 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଲକ୍ଷ୍ୟ, ଆୟୋଜନ ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାପାଳ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଘରେ ଘରେ ତ୍ରିରଙ୍ଗା ଅଭିଯାନ ସ୍ୱାଧୀନତା ଦିବସକୁ ନେଇ ସାରା ଦେଶରେ ଦେଶପ୍ରେମର ମାହୋଲ। 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଜରିଆରେ ପ୍ରତ୍ୟେକ ଘରେ ଜାତୀୟ ପତାକା ଉଡ଼ାଇବାକୁ ଆହ୍ୱାନ ଦିଆଯାଇଛି। ଏହି ଅଭିଯାନକୁ ନେଇ କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅଭିଯାନ ସମ୍ପର୍କରେ ଜିଲ୍ଲାବାସୀଙ୍କୁ ସଚେତନ କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ଏଥିରେ ସାମିଲ କରିବା ନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

## ଜିଲ୍ଲାରେ ରକ୍ତ ସଙ୍କଟ ଥମିବାର ନାଁ ନେଉନି,ଆଗେଇ ଆସିଛି ମାରୁତି ସେନା

**ପରଜଙ୍ଗ,(ମହାଭାରତ):**ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପ୍ରମୁଖ ଅଙ୍ଗ ଟି ହେଉଛି ଜରୁରୀ ରକ୍ତ, ଯାହା କି ଢ଼େଙ୍କାନାଳ ଜିଲ୍ଲାରେ ବର୍ତ୍ତମାନ୍ ସ୍ଥିତିରେ ଘୋର ସଙ୍କଟ ଦେଖା ଦେଇଛି । ଗରୀବ ଅସହାୟ ରୋଗୀଟିଏ ରକ୍‌ତ ଟିକେ ପାଇଁ ଡହଳ ବିକଳ ହେଉଛନ୍ତି, ବିଶେଷ କରି ଗର୍ଭବତୀ ମହିଳା, ସିକ୍ଲିନ୍ ରୋଗୀ, ଥାଲା ସେମିଆ ରୋଗୀ, ପ୍ରସୂତୀ ମହିଳା ଙ୍କ କ୍ଷେତ୍ରରେ ବେଶି ପ୍ରଭାବ ପକାଉଛି। ତେଣୁ ଏ ସଙ୍କଟରେ ସାହସ ର ସହିତ ଆଗେଇ ଆସିଛି ଓଡ଼ିଶାର ଢ଼େଙ୍କାନାଳ ଜିଲ୍ଲା ଶାଖା ଅଗ୍ରଣୀ ସାମାଜିକ ସଙ୍ଗଠନ ମାରୁତି ସେନା । ଢ଼େଙ୍କାନାଳ ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ସଙ୍ଗଠନ ପକ୍ଷରୁ , ରୁଦ୍ର ସାହୁ, ଶ୍ରୀତମ କୁମାର ନାୟକ, ରାକେଶ୍ ସାହୁ, ବିନୟ ପରିଡା, ଚନ୍ଦନ ସାସମଲ୍, ସୁଧାଂଶୁ ପରିଡା, ରଞ୍ଜିତ କୁମାର ପରିଡା, ନିବେଦିତା ଓଝା, ମଙ୍ଗରାଜ ବେହେରା, ବିକାଶ ମହା ଭୋଇ,ପ୍ରମୁଖ ଜରୁରୀ କାଳୀନ ସ୍ଥିତି ଉପରେ ନଜର ରଖିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ ଦିଗରେ ମାରୁତି ସେନା ଛୋଟିଆ ପ୍ରୟାସ ସଦା ସର୍ବଦା ଜାରି ରହିବ ବୋଲି କହିଛନ୍ତି ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା । ତେବେ ସଙ୍ଗଠନର ମାରୁତି ସେନା ପକ୍ଷରୁ ଜିଲ୍ଲା ର ବିଭିନ୍ନ ଅନୁଷ୍ଠାନ, ଶିକ୍ଷିତ ଯୁବ ବର୍ଗ ଓ ସହୃଦୟ ବ୍ୟକ୍ତିମାନେ ଟିକେ ଆଗେଇ ଆସିବାକୁ ନିବେଦନ କରିଛି ମାରୁତି ସେନା ଢ଼େଙ୍କାନାଳ ଜିଲ୍ଲା ଶାଖା ।

## ଲିଙ୍ଗିରା ଜୋରରେ ଭାସି ଗଲେ ଦୁଇ କାଉଡିଆ, ଜଣେ ନିଖୋଜ ଓ ଜଣେ ଉଦ୍ଧାର



**ଅନୁଗୋଳ,(ମହାଭାରତ):**ଅନୁଗୋଳ ସହର ନିକଟ ଟିପିରସିଙ୍ଗା ମନ୍ଦିର ନିକଟରୁ ଦୁଇ କାଉଡିଆ ଜୋରରୁ ପାଣି ଉଠାଇଥିବା ବେଳେ ଭାସିଯାଇ ଜଣେ ନିଖୋଜ ଥିବା ବେଳେ ଜଣେ ଉଦ୍ଧାର ହୋଇଛି। ସୁଚନା ମୁତାବକ ଆଜି ଶ୍ରାବଣ ମାସ ଦ୍ୱିତୀୟ ପାଳି ପାଇଁ କାଉଡ଼ିଆ ମାନେ ବିଭିନ୍ନ ଶୈବପୀଠ କୁ ପୂଜାର୍ଚ୍ଚନା କରି ପାଣି ଉଠାଉଥିଲେ।କିନ୍ତୁ ପୂର୍ବରୁ ଡେରେଜାଙ୍ଗ ଡ୍ୟାମରୁ ରାତି ୧୨ଟା ସମୟରେ ଜଳ ନିଷ୍କାସନ ପାଇଁ ଡ଼ାକବାଜି ଯନ୍ତ୍ର ରେ ସୁଚନା ଦିଆଯାଇଥିଲା। କାଉଡିଆ ମାନେ ପାଣି ଉଠାଉଥିବା ବେଳେ ଭାସି ଯାଇଥିଲେ। ଦୁହେଁ କାଉଡିଆ ହେଲେ ଅନୁଗୋଳ ସଦର ଥାନା ଅନ୍ତର୍ଗତ ବେନ୍ତପୁର ଗ୍ରାମର ସୁଧିର ରଥଙ୍କ ପୁଅ ସୁମିତ ସୈରବ ରଥ(୧୬)ଓ ତାଙ୍କ ଦଦାପୁଅ ରୁଚିର କୁମାର ରଥଙ୍କ ପୁଅ ଆୟୁଷ କୁମାର ରଥ (୧୬)। ଉଭୟ ଟିପିରିସିଙ୍ଗା ଗ୍ରାମର ଶିବ ମନ୍ଦିର ନିକଟ ଜୋରରୁ ପାଣି ଉଠାଉଥିବା ବେଳେ ହଠା ପାଣି ମାଡି ଆସିଥିଲାହ ଯାହା ଫଳରେ ଦୁଇ କାଉଡିଆ ପାଣିରେ ଭାସି ଯାଇ ଥିଲେ ହସେଠାରୁ ଦୁଇ କିଲୋମିଟର ଦୂରରେ ସୁମିତସୈରବଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ଓ ଆୟୁଷ ଙ୍କର ଏପର୍ଯ୍ୟନ୍ତ ପତା ମିଳି ପାରିନାହିଁୟ ଉଧାର କାର୍ଯ୍ୟରେ ଅନୁଗୋଳ ଦମକଳବାହିନୀ ନିୟୋଜିତ ହୋଇଛନ୍ତି।

### ସୁଶୁବା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ

# ଦୁଇ ଶିକ୍ଷକଙ୍କ ଭରସାରେ ଚାଲିଛି ଶିକ୍ଷାଦାନ

**କଣିହାଁ, (ମହାଭାରତ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ସୁଶୁବାସ୍ଥିତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ମାତ୍ର ଦୁଇ ଜଣ ଶିକ୍ଷକଙ୍କ ଜରିଆରେ ଶିକ୍ଷାଦାନ ଚାଲିଥିବା ଜଣାପଡ଼ିଛି। ଏଭଳି ପରିସ୍ଥିତିରେ ବିଦ୍ୟାଳୟରେ ପାଠପଢ଼ାର ମାନ ଓ ଛାତ୍ରଛାତ୍ରୀଙ୍କ ଶିକ୍ଷା ନେଇ ଅଭିଭାବକମାନଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି।ସ୍ଥାନୀୟ ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ଏକ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ବିଷୟର ପାଠପଢ଼ା ପାଇଁ ଆବଶ୍ୟକ ଶିକ୍ଷକ ରହିବା ଦରକାର। କିନ୍ତୁ ସୁଶୁବା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ଯୋଗୁଁ ମାତ୍ର ଦୁଇ ଜଣ ଶିକ୍ଷକଙ୍କ ଉପରେ ଅଧିକ ଦାୟିତ୍ୱ ପଡୁଛି। ଏହା ଫଳରେ ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ମାତ୍ରାରେ ଶିକ୍ଷାଦାନ କରିବା କଷ୍ଟକର ହେଉଥିବା ଅଭିଭାବକମାନେ କହିଛନ୍ତି।ବିଦ୍ୟାଳୟରେ ଶିକ୍ଷକ ଅଭାବ ଦୀର୍ଘଦିନ ଧରି ରହିଥିଲେ ମଧ୍ୟ ଏହାର ସମାଧାନ ହୋଇନଥିବା ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଉଚ୍ଚ ବିଦ୍ୟାଳୟ ସ୍ତରରେ ବିଭିନ୍ନ ବିଷୟରେ ପାଠପଢ଼ା ଆବଶ୍ୟକ ହୋଇଥିବା ବେଳେ ଶିକ୍ଷକ ଅଭାବ ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ପ୍ରଭାବିତ କରିପାରେ ବୋଲି ଅଭିଭାବକମାନେ ଆଶଙ୍କା ପ୍ରକାଶ କରିଛନ୍ତି।ଏହା ସହିତ ବିଦ୍ୟାଳୟର ଦୈନନ୍ଦିନ ଶିକ୍ଷାଦାନ ବ୍ୟବସ୍ଥା ମଧ୍ୟ ଏହି ଶିକ୍ଷକ ଅଭାବ ଯୋଗୁଁ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ମାତ୍ର ଦୁଇ ଜଣ ଶିକ୍ଷକଙ୍କ ଉପରେ ଏକାଧିକ ଶ୍ରେଣୀ ଓ ବିଭିନ୍ନ ବିଷୟର ପାଠପଢ଼ା ଦାୟିତ୍ୱ ରହିବା ଫଳରେ ଶିକ୍ଷକ ଓ ଛାତ୍ରଛାତ୍ରୀ- ଉଭୟଙ୍କ ଉପରେ ଅତିରିକ୍ତ ଚାପ ପଡୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଶିକ୍ଷା ହେଉଛି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ମୁଖ୍ୟ ମାଧ୍ୟମ। ଏଭଳି ସ୍ଥିତିରେ ଏକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବା ଘଟଣାକୁ ଗୁରୁତ୍ୱର ସହ ନେବା ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ପାଠପଢ଼ା ଯେପରି ପ୍ରଭାବିତ ନହୁଏ, ସେଥିପାଇଁ ତୁରନ୍ତ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି କିମ୍ବା ପଦାୟନ କରିବାକୁ ଦାବି ହୋଇଛି।ଅଭିଭାବକ ଓ ଅଞ୍ଚଳବାସୀଙ୍କ ପକ୍ଷରୁ କଣିହାଁ ବ୍ଲକ ଶିକ୍ଷା ବିଭାଗ ଏବଂ ଜିଲ୍ଲା ଶିକ୍ଷା ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।ବିଦ୍ୟାଳୟରେ କେତେ ଶିକ୍ଷକ ପଦବୀ ମଞ୍ଜୁର ହୋଇଛି, କେତେ ପଦବୀ ଖାଲି ରହିଛି ଏବଂ ବର୍ତ୍ତମାନ କେବଳ ଦୁଇ ଜଣ ଶିକ୍ଷକଙ୍କ ଦ୍ୱାରା କିପରି ଶିକ୍ଷାଦାନ ଚାଲିଛି- ଏସବୁ ବିଷୟରେ ବିଭାଗୀୟ ସ୍ତରରେ ଯାଞ୍ଚ କରି ଶୀଘ୍ର ପଦକ୍ଷେପ ନେବାକୁ ଦାବି କରାଯାଇଛି।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଶିକ୍ଷକ ଅଭାବର ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ଏହା ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରଗତି ଉପରେ ପ୍ରଭାବ ପକାଇପାରେ। ତେଣୁ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ପଦାୟନ କରି ସ୍ୱାଭାବିକ ଶିକ୍ଷାଦାନ ବ୍ୟବସ୍ଥା ଫେରାଇ ଆଣିବାକୁ ଅଭିଭାବକ ମହଲରୁ ଜୋରଦାର ଦାବି ହୋଇଛି।ଏବେ ପ୍ରଶ୍ନ ଉଠୁଛି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପ୍ରତି ଶିକ୍ଷା ବିଭାଗ କେବେ ଦୃଷ୍ଟି ଦେବ ଏବଂ ସୁଶୁବା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁଚି କେବେ ହେବ। ଅଭିଭାବକ ଓ ଅଞ୍ଚଳବାସୀଙ୍କ ଦାବି ଉପରେ ବିଭାଗ ତୁରନ୍ତ ପଦକ୍ଷେପ ନେବା ଆଶା କରାଯାଉଛି।

## ପ୍ରଶାସନର ଅବହେଳାରେ ଅଟକିଛି ରୁବାଲର ଭୋଟ ଅଧିକାର



**ଆର୍.ଉଦୟଗିରି (ମହାଭାରତ)**

ଗଣତନ୍ତ୍ରର ମହାପର୍ବରେ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଭୋଟ ହେଉଛି ତାଙ୍କର ଅଧିକାର। ହେଲେ ଗଜପତି ଜିଲ୍ଲାର ଏକ ଦୁର୍ଗମ ଗାଁର ଲୋକଙ୍କ ପାଇଁ ଏହି ଅଧିକାର ଯେପରି ସ୍ୱପ୍ନ ପାଲଟିଛି। ବୟସ ୬୦ ଟପିଲାଣି, କିନ୍ତୁ ଆଜି ବି ଭୋଟର ତାଲିକାରେ ନାଁ ନାହିଁ। ଭୋଟର କାର୍ଡ ନଥିବାରୁ ନିର୍ବାଚନ ଆସିଲେ ବି ମତଦାନ କରିପାରୁନାହାନ୍ତି ଗାଁର ଅନେକ ଲୋକ। ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକ ପୁରୁଣାପାଣି ପଞ୍ଚାୟତର ରୁବାଲ ଗ୍ରାମରେ ପ୍ରାୟ ୩୫ରୁ ୪୦ ପରିବାର ବସବାସ କରୁଛନ୍ତି।ଦୁର୍ଗମ ପାହାଡ଼ିଆ ଅଞ୍ଚଳର ଏହି ଗାଁରେ ଆଜି ବି ମୌଳିକ ସୁବିଧାର ଅଭାବ ଥିବାବେଳେ ଏବେ ଭୋଟର ତାଲିକାରେ ନାଁ ନଥିବା ଅଭିଯୋଗ ସାମ୍ନାକୁ ଆସିଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ୧୯୯୫ ମସିହାରେ ଗାଁର କିଛି ବୟସ୍କ ବ୍ୟକ୍ତି ଭୋଟର ପରିଚୟପତ୍ର ପାଇଥିଲେ। ସେତେବେଳେ ରୁବାଲ ଗ୍ରାମ ଶିଆଳିଲଟି ପଞ୍ଚାୟତ ଅଧୀନରେ ଥିଲା ଏବଂ ଲୋକେ ନିର୍ବାଚନରେ ଭୋଟ ଦେଉଥିଲେ। ପରେ ପଞ୍ଚାୟତ ବିଭାଜନ ହେବା ପରଠାରୁ ସମସ୍ୟା ଆରମ୍ଭ ହୋଇଥିବା ଗ୍ରାମବାସୀ କହିଛନ୍ତି। ପୁରୁଣା ଭୋଟର କାର୍ଡ ଥିଲେ ମଧ୍ୟ ତାହା ଏବେ ନିର୍ବାଚନ ସମୟରେ କାମରେ ଆସୁନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ନୂଆ ପିଢ଼ିର ଅନେକ ଯୁବକ-ଯୁବତୀ ଭୋଟ ଦେବାକୁ ଯୋଗ୍ୟ ହୋଇସାରିଥିଲେ ମଧ୍ୟ ସେମାନଙ୍କ ନାଁ ଭୋଟର ତାଲିକାରେ ସାମିଲ ହୋଇପାରୁନାହିଁ। ସବୁଠାରୁ ଗୁରୁତର ଅଭିଯୋଗ ହେଉଛି-ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ଅନେକଥର ଚେଷ୍ଟା କରିଥିଲେ ମଧ୍ୟ ଦାୟିତ୍ୱ ନେବାକୁ କେହି ଆଗେଇ ଆସୁନାହାନ୍ତି। ବି ଏଲ ଓ ଙ୍କୁ ପଚାରିଲେ ରୁବାଲ ଗ୍ରାମ ତାଙ୍କ ଅନୁଭାଗ ଅଧୀନରେ ନଥିବା କହୁଥିବାବେଳେ, ନିର୍ବାଚନୀ ଅଧିକାରୀଙ୍କ ନିକଟକୁ ଗଲେ ଏହା ବି ଏଲ ଓ ଙ୍କ ଦାୟିତ୍ୱ ବୋଲି କୁହାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି 'ତୁମ ଦାୟିତ୍ୱ ନୁହେଁ, ତାଙ୍କ ଦାୟିତ୍ୱ' ଭିତରେ ଫସି ରହିଛି ରୁବାଲ ଗାଁର ଭୋଟ ଅଧିକାରୟ ଅଭିଯୋଗ ସମ୍ପର୍କରେ ସରକାରୀ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିନଥିବା ଜଣାପଡ଼ିଛି। ଏକପଟେ ଦେଶରେ ଡିଜିଟାଲ ମାଧ୍ୟମରେ ଭୋଟର ପଞ୍ଜୀକରଣ ଓ ସଂଶୋଧନର ସୁବିଧା ଉପଲବ୍ଧ ଥିବା କୁହାଯାଉଛି, ଅନ୍ୟପଟେ ଏହି ଦୁର୍ଗମ ଗାଁର ଲୋକେ ନିଜର ନାଁ ଭୋଟର ତାଲିକାରେ ସାମିଲ କରାଇବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରୁଛନ୍ତି। ଗଣତନ୍ତ୍ରରେ ଯେଉଁଠି ପ୍ରତ୍ୟେକ ଭୋଟର ମୂଲ୍ୟବାନ, ସେଠାରେ ରୁବାଲର ଏହି ଲୋକଙ୍କ ଭୋଟ ଅଧିକାର କାହିଁକି ଅଟକିଛି? ପ୍ରଶାସନ ଏହାର ଉ□ର ଦେବ କି? ଏବେ ଏହି ପ୍ରଶ୍ନ ଉଠାଇଛନ୍ତି ରୁବାଲ ଗ୍ରାମବାସୀ।

## ବିଶ୍ୱ ଆଦିବାସୀ ଦିବସ ପାଳିତ



**ନୂଆଗାଁ ,(ମହାଭାରତ):**ନୂଆଗାଁ ବ୍ଲକ ଅନ୍ତର୍ଗତ ଜାକେଡ଼ା ଗ୍ରାମ ପଞ୍ଚାୟତ ସଭା ଗୃହରେ ରବିବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ସରୋଜିନୀ ମଳିକଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ସ୍ଥାନୀୟ ନାଏବ ସରପଞ୍ଚ ପ୍ରହଲ୍ଲାଦ ମଳିକଙ୍କ ପୌରାହିତ୍ୟରେ ସଭା କାର୍ଯ୍ୟ ହୋଇଥିଲା।ଅନ୍ୟ ମାନଙ୍କ ମଧ୍ୟରେ ଏମ. ବି. କେ. ଶ୍ରୀମତୀ ସରସ୍ୱତୀ ଜାନି ଏବଂ ସି ଆର ପି ଶ୍ରୀମତୀ ମଞ୍ଜୁଲତା ମଳିକଙ୍କ ସମେତ ବିଭିନ୍ନ ଗ୍ରାମରୁ ଶତାଧିକ ଗ୍ରାମୀଣ ଆଦିମ ଅଧିବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଆଦିମ ସଭ୍ୟତା ଓ ସଂସ୍କୃତି,ପ୍ରକୃତି ଓ ପରିବେଶ ସୁରକ୍ଷା ଓ ସଂରକ୍ଷଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଆଦିବାସୀ ଓ ମୂଳବାସୀ ସମୁଦାୟଙ୍କର ଅଧିକାର, ସଂସ୍କୃତି, ପରମ୍ପରା, ଭାଷା, ଜୀବନଶୈଳୀ ଓ ସାମାଜିକ-ଆର୍ଥିକ ବିକାଶ ପାଇଁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏ ଆଦିବାସୀ ସଭା ଅନୁଷ୍ଠିତ ହୋଇଥିବା କଥା ଅଧିକାର ମିତ୍ର ଅଭିମନ୍ୟୁ ସାହୁ କହିଥିବା ବେଳେ ପ୍ରକାଶ ମଣ୍ଡଳ ଆଦିବାସୀ ସାମ୍ପ୍ରଦାୟର ଜୀବନ ଜୀବିକା ଜଳ ଜମି ଜଙ୍ଗଲ ସୁରକ୍ଷା କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ।ଆଦିବାସୀଙ୍କ ମାନବାଧିକାର ଓ ମୌଳିକ ଅଧିକାର ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବା,ଭାଷା, କଳା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଓ ସମ୍ମାନ ରକ୍ଷା କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ସମାନ ସୁଯୋଗ କୁ ସୁନିଶ୍ଚିତ କରିବା ପାଇଁ ପ୍ରକଳ୍ପ ଅଧିକାରୀ ପ୍ରଭାତ କୁମାର ସାହୁ ଅନୁରୋଧ କରିଥିଲେ।ଆଦିବାସୀଙ୍କ ପାରମ୍ପରିକ ଜ୍ଞାନ କୌଶଳ, ପରିବେଶ ସୁରକ୍ଷା, ଜୈବ ବିବିଧତାର ସଂରକ୍ଷଣ ଇତ୍ୟାଦି ଅତ୍ୟନ୍ତ ମୂଲ୍ୟବାନ ବୋଲି ଅଧିକାର ମିତ୍ର ବବିତା ନାୟକ, ପ୍ରତିମା ପ୍ରଧାନ ଓ ଉର୍ମିଳା ଯାନୀ କହିଥିଲେ।ଅଧିକାର ମିତ୍ର ପ୍ରଦୀପ ସାହୁ ଓ ମନୋରଞ୍ଜନ ସ୍ୱାଇଁ ସମସ୍ତଙ୍କୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ କବିତା ପାଠୋତ୍ସବ

**ନାଚୁଣୀ:**ଚିଲିକା ବ୍ଲକ ଅନ୍ତର୍ଗତ ହରିପୁରସ୍ଥିତ ପଶ୍ଚିମାଭିମୁଖୀ ଶ୍ରୀ ଶ୍ରୀ ପ୍ରତାପେଶ୍ୱର ଦେବଙ୍କ ପୀଠରେ ଶମ୍ଭୁ ମିଳନ ଅବସରରେ ମେଳନ ପଡ଼ିଆ ମଞ୍ଚରେ ନିଶିଗନ୍ଧା ସାହିତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ଆଧାତ୍ମିକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଚିଲିକା ଭାଷା ସୁରକ୍ଷା ମଞ୍ଚ ସଭାପତି ରଙ୍କନାଥ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କବିତା  ପାଠୋତ୍ସବକୁ ସଂଯୋଜନା କରିଥିଲେ ବିଶିଷ୍ଟ ନାରୀ ବ୍ୟଙ୍ଗ କବି ରୋଜି ମିଶ୍ରୟ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ନାଟ୍ୟକାର ଡାକ୍‌ତର ସୁରେନ୍ଦ୍ର ନାଥ ଦାସ, ମୁଖ୍ୟ ବକ୍‌ତା ଭାବେ ସାହିତ୍ୟ ସିନ୍ଦୂରାର ସମ୍ପାଦକ ଗୋଲକ ବିହାରୀ ପରିଡ଼ା ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗାୟକ ବଳରାମ ବେହେରା ଉଦ୍ବୋଧନ ଦେଇଥିଲେ । ନିଶିଗନ୍ଧା ସାହିତ୍ୟ ପ୍ରତିଷ୍ଠାନର ସମ୍ପାଦକ ବଳରାମ ତରେଇ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ଅତିଥି ଓ କବି କବୟିତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କବି ସୁରେନ୍ଦ୍ର ନାଥ ଦାସ, ଭିକାରୀଚରଣ ପ୍ରଧାନ, ଦିଗମ୍ବର ବିଶ୍ୱାଳ, ଅଶୋକ କୁମାର ପ୍ରଧାନ, ବିଚିତ୍ରାନନ୍ଦ ବେହେରା ସସ୍ମିତା ପାଣିଗ୍ରାହୀ,ଶେଷଦେବ ମହାରଣା, ବିଷ୍ଣୁପ୍ରିୟା ବାରିକ, ନବକିଶୋର ପ୍ରଧାନ ପ୍ରମୁଖ ପଚାଶ ରୁ ଉର୍ଦ୍ଧ୍ କବି ଓ କବିୟିତ୍ରୀ କବିତା ଆବୃତ୍ତି କରିଥିଲେ।

## ଡେଙ୍ଗୁ ସଚେତନତା

**ଝାରସୁଗୁଡ଼ା,:** ଜିଲ୍ଲାରେ ଡେଙ୍ଗୁ, ମ୍ୟାଲେରିଆ ଏବଂ ଅନ୍ୟାନ୍ୟ ରୋଗର ପ୍ରାଦୁର୍ଭାବକୁ ରୋକିବା ପାଇଁ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ସ୍ୱତନ୍ତ୍ର ମାର୍ଗଦର୍ଶନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସହରାଞ୍ଚଳ ସ୍ୱାସ୍ଥ୍ୟ, ପୋଷଣ ଓ ସ୍ୱଚ୍ଛତା ଦିବସ କାର୍ଯ୍ୟକ୍ରମ ଗୁଡ଼ିକରେ ମଧ୍ୟ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ସାଧାରଣ ଜନସାଧାରଣଙ୍କୁ ଡେଙ୍ଗୁ ଏବଂ ଅନ୍ୟାନ୍ୟ ଜଳ ଓ ମଶାବାହିତ ରୋଗରୁ ବର୍ତ୍ତିବା ନେଇ ବ୍ୟାପକ ପରାମର୍ଶ ଓ ସଚେତନତା ପ୍ରଦାନ କରୁଛନ୍ତି। ଏହି ସଚେତନତା ଅଭିଯାନ କ୍ରମରେ ଝାରସୁଗୁଡ଼ା ସହରାଞ୍ଚଳର ପାହାଡ଼ି ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଟିମ୍ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କୁ ଡେଙ୍ଗୁ ଓ ମଲେରିଆ ନିୟନ୍ତ୍ରଣ ସମ୍ପର୍କରେ ସଚେତନ କରାଇଛନ୍ତି। ଏଥିସହିତ ଜନଗହଳିପୂର୍ଣ୍ଣ ମଙ୍ଗଳ ବଜାର ଏବଂ କୁକ୍ରିପଡ଼ା ଅଞ୍ଚଳରେ ସ୍ୱତନ୍ତ୍ର ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଗୁଡ଼ିକରେ ଘର ପାଖରେ ଜଳ ଜମିବାକୁ ନଦେବା, ପ୍ରତ୍ୟେକ ସପ୍ତାହରେ କୁଲର, ଫ୍ରିଜ୍ ଟ୍ରେ, ଟାୟାର ଓ ପାତ୍ରଗୁଡ଼ିକୁ ସଫା କରି ଶୁଖିଲା ରଖିବା ଏବଂ ମଶାରୀ ବ୍ୟବହାର କରିବା ପାଇଁ ଶପଥ ପାଠ କରାଯାଉଛି। ଝାରସୁଗୁଡ଼ା ପୌରାଞ୍ଚଳରେ ଡେଙ୍ଗୁ ନିୟନ୍ତ୍ରଣ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ 'ଡେଙ୍ଗୁ ଭଲିଅଫିଅର୍ସ'/ ଡେଙ୍ଗୁ ସ୍ୱେଚ୍ଛାସେବୀ ସାଥୀ ମାନେ ସମ୍ପୂର୍ଣ୍ଣ ସହରରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ମଶା ବଂଶବୃଦ୍ଧି ହେଉଥିବା ସ୍ଥାନଗୁଡ଼ିକୁ ଯାଞ୍ଚ କରିବା ସହ ଲୋକଙ୍କୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ବୁଝାଉଛନ୍ତି।

## ସୁନାମଧନ୍ୟା ସ୍ୱାସ୍ଥ୍ୟସେବିକା ପଦ୍ମାବତୀ ଦେବୀଙ୍କ ଏକାଦଶାହ ସ୍ମୃତିସଭା

**ବାଣପୁର,(ମହାଭାରତ):**ଦେବଜାନୀ ସ୍ମାରକୀ ପାଠାଗାର ଓ ମହ୍ଲାର ନୃତ୍ୟସଂଗୀତ ବିଦ୍ୟାଳୟର ପ୍ରତିଷ୍ଠାତା  ଶିଳ୍ପୀ ସାମ୍ବାଦିକ ରବି ମହାରଣାଙ୍କ ଧର୍ମପତ୍ନୀ ସୁନାମଧନ୍ୟା ସ୍ୱାସ୍ଥ୍ୟ ସେବିକା ସାହିତ୍ୟ ଅନୁରାଗିଣି ସମଗ୍ରବାଣପୁର ବାସୀଙ୍କ ଅତି ପରିଚିତ ଭାଉଜ ପଦ୍ମାବତୀ ଦେବୀଙ୍କ ଏକାଦଶାହ ସ୍ମୃତିସଭା କଲେଜ ରୋଡ଼ର ନିଜ ବାସଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର  ସଂପାଦକ ବିଶିଷ୍ଟ ସାହିତ୍ୟିକ ବାଳମୁକୁନ୍ଦ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଏହି ସ୍ମୃତି ସଭାରେ ନେହେରୁ ସେବା ସଂଘର ସମ୍ପାଦିକା ସରୋଜିନୀ ଦାଶ , ଏକତା ପରିଷଦ ଟ୍ରଷ୍ଟର ପ୍ରମୁଖ ସଂଧ୍ୟାଦେବୀ , କବି ପୁରୁଷୋତ୍ତମ ମହାପାତ୍ର, ରଙ୍କନାଥ ସେଠୀ, ଦିଗମ୍ବର ବିଶ୍ୱାଳ,ଶିକ୍ଷାବିତ ଡ଼ଃ ଚିନ୍ତାମଣି ମିଶ୍ର, ଡ଼ଃ ଲକ୍ଷ୍ମୀଧର ସୁବୁଦ୍ଧି,ଶିଶିରକୁମାର ଦାସ, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ଆନନ୍ଦଚନ୍ଦ୍ର ସେନାପତି, ରମେଶ କୁମାର ମହାପାତ୍ର, ବୈରାଗୀ ଚରଣ ବଳ, ମାଧବଚନ୍ଦ୍ର ବାରିକି, ଜୟକୃଷ୍ଣ ଦାସ, ବ୍ରଜକିଶୋର ଜେନା, ନାଟ୍ୟକାର ଭିକାରୀଚରଣ ପ୍ରଧାନ,ମହେଶ୍ୱର ଜେନା, ଗବେଷକ ମଦନ ମହାପାତ୍ର, ସମାଜସେବୀ ଦୁଷ୍ମନ୍ତ ହରିଚ୍ଛନ୍ଦନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଡାକ୍ତର ସୁରେନ୍ଦ୍ର କୁମାର ସାହୁ,ଗୋବିନ୍ଦ ଚନ୍ଦ୍ର ବେହେରା, ଜାମାତା ଅଭିରାମ ଟୁଡୁ,  ଦୟାନିଧି ମହାରଣା,ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ଗାୟକ କଳାକାରପ୍ରଦୀପ କୁମାର ନନ୍ଦ, ଚିରଞ୍ଜି ପରୀଡ଼ା ଙ୍କ ସହିତ ବହୁ ସାମ୍ବାଦିକ, ସାହିତ୍ୟିକ, ଆଇନଜୀବି , ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ନୀରବ ପ୍ରାର୍ଥନା କରି ବାଣପୁରର ସ୍ୱାସ୍ଥ୍ୟ ସେବା ସହିତ କଳା, ସାହିତ୍ୟ, ସଂସ୍କୃତି , ଏବଂ କନ୍ୟା ଦେବଜାନୀ ସ୍ମାରକୀ ପାଠାଗାର ଓ ମହ୍ଲାର କଳାନୁଷ୍ଠାନ ପ୍ରତିଷ୍ଠାରେ  ତାଙ୍କର ଅବଦାନ ସଂପର୍କରେ ଆଲୋକପାତ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ମୌଳିକ ସୁବିଧାରୁ ବଞ୍ଚିତ 'ତଳମିଟିଂ'

**କୋରାପୁଟ,:** ପ୍ରାକୃତିକ ଶୋଭାରାଜି ମଧ୍ୟରେ ରହିଛି ତଳମିଟିଂ। ଗାଁକୁ ଲାଗି ପଥୁରିଆ ଝରଣା ଦେଇ ବହିଯାଇଛି ଜଳପ୍ରପାତ, ଯାହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଜଳପ୍ରପାତର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ଦୂରଦୂରାନ୍ତରୁ ଛୁଟି ଆସୁଛନ୍ତି ପର୍ଯ୍ୟଟକ। କିନ୍ତୁ ଗାଁରେ ମୌଳିକ ସୁବିଧା ସୁଯୋଗ ଏଯାଏଁ ପହଞ୍ଚି ପାରିନି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ ମୋବାଇଲ୍ ଭଳି ସୁବିଧାରୁ ବଞ୍ଚିତ ହୋଇ ଡିଜିଟାଲ୍ ଦୁନିଆ ବାହାରେ ରହିଛନ୍ତି ଗ୍ରାମବାସୀ। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଗେଡ଼ଗୁଡ଼ା ପଞ୍ଚାୟତରେ ରହିଛି ତଳମିଟିଂ ଗାଁ। ଖଣି ଅଞ୍ଚଳରୁ ମାତ୍ର ୨ କିମି ଦୂରରେ ରହିଥିବା ଏହି ଗାଁରେ ରହୁଛନ୍ତି ୫୦ ପରିବାର। ପିଢ଼ି ପରେ ପିଢ଼ି ଜଙ୍ଗଲ ଓ ପାହାଡ଼ଘେରା ମଧ୍ୟରେ ରହିଥିଲେ ମଧ୍ୟ ପ୍ରଶାସନର ଶୁଭଦୃଷ୍ଟି ପଡୁନି ସେମାନଙ୍କ ଉପରେ। ଆଜି ପର୍ଯ୍ୟନ୍ତ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇନି। ୨୦୧୭ ମସିହାରେ ଉକ୍ତ ଗାଁକୁ ସେଉରଚାଳିତ ପ୍ରକଳ୍ପ ମାଧ୍ୟମରେ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଥିଲା। ମରାମତି ଅଭାବରୁ ଅଧା ସୋଲାର ଲାଇଟ୍ ଜଳୁଥିବା ବେଳେ ଅଧା ଅଚଳ ହୋଇ ରହିଥିବା କହିଛନ୍ତି ଗ୍ରାମବାସୀ। ଗାଁରେ ବିଏସ୍ଏନ୍ଏଲ୍ ମୋବାଇଲ୍ ଟାୱାର ସ୍ଥାପନ ହେବାର ବର୍ଷେ ବିତିଲାଣି। ଅଦ୍ୟାବଧି ତାହା କାର୍ଯ୍ୟକ୍ଷମ ହୋଇନାହିଁ। ଗ୍ରାମବାସୀ ମୋବାଇଲ୍ ନେଟୱର୍କ ପାଇଁ ପାହାଡ଼ ଚଢ଼ୁଛନ୍ତି। ଗାଁରେ ଥିବା ପ୍ରାଥମିକ ସ୍କୁଲକୁ କମ୍ ଉପସ୍ଥାନ ଦର୍ଶାଇ ଶିକ୍ଷା ବିଭାଗ ବନ୍ଦ କରିଦେବା ପରେ ଗାଁରୁ ୪ କିମି ଦୂରରେ ଥିବା ଲଛମଣି ଗାଁ ସ୍କୁଲକୁ ପଢ଼ିବାକୁ ଯାଉଛନ୍ତି ଛାତ୍ରଛାତ୍ରୀ। ପ୍ରତିଦିନ ୪ କିମି ଯିବା ଆସିବା ସମ୍ଭବ ନଥିବାରୁ ସେବାଶ୍ରମରେ ରହିବା ଅନୁମତି ନ ମିଳିଲେ ପିଲା ବାଧ୍ୟ ହୋଇ ପାଠ ଛାଡୁଛନ୍ତି। ପାହାଡ଼ଘେରା ଗାଁରେ ଚାଷ ଜମି ଅଭାବ ଯୋଗୁଁ ବାଉଁଶ ତିଆରି ସାମଗ୍ରୀ ଗ୍ରାମବାସୀଙ୍କୁ ରୋଜଗାର ପ୍ରଦାନ କରୁଥିଲା। ସମୟକ୍ରମେ ଜଙ୍ଗଲ ନଷ୍ଟ କାରଣରୁ ବାଉଁଶ ବି ପର୍ଯ୍ୟାପ୍ତ ପରିମାଣରେ ମିଳୁନି। ଗାଁଠାରୁ ୫୦୦ ମିଟର ଦୂରରେ ଜଳପ୍ରପାତ ରହିଛି। ଅଥଚ ସେଠାକୁ ଯିବା ପାଇଁ ପକ୍କା ରାସ୍ତା ନ ଥିବାବେଳେ ପର୍ଯ୍ୟଟକଙ୍କ ଲାଗି ବିଶ୍ରାମଗୃହ ଓ ପାର୍କିଂ ବ୍ୟବସ୍ଥା ନାହିଁ। ପର୍ଯ୍ୟଟନର ଅନନ୍ୟ ସମ୍ଭାର ତଳମିଟିଂ ସହ ଗାଁର ବିକାଶ ଦିଗରେ ତୁରନ୍ତ ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ପଦକ୍ଷେପ ନେବା ପାଇଁ ପୂର୍ବତନ ସରପଞ୍ଚ ଡମ୍ବରୁଧର ମୁଦୁଲି ଦାବି କରିଛନ୍ତି।



## ଇଥାନଲ୍ ପାଇଁ ଆଖୁ ଯୋଗାଣ ଉପରେ ରୋକ ଲାଗିବ



ନୂଆଦିଲ୍ଲୀ: ଦେଶରେ ଚିନି ଦର ହୁ ହୁ ହୋଇ ବଢୁଥିବାରୁ ଇଥାନଲ୍ ଉତ୍ପାଦନ ପାଇଁ ଆଖୁ ଯୋଗାଣ ଉପରେ ରୋକ ଲଗାଇବା ସଂକ୍ରାନ୍ତରେ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଏହାଦ୍ୱାରା ଦେଶରେ ଚିନି ଉତ୍ପାଦନ ବଢ଼ିବା ସହ ଦର ନିୟନ୍ତ୍ରଣକୁ ଆସିପାରିବ ଏବଂ ଘରୋଇ ଚାହିଦା ପୂରଣ କରିବା ପାଇଁ ସରକାରଙ୍କୁ ଚିନି ଆମଦାନି କରିବାକୁ ପଡ଼ିବନି। ମହାରାଷ୍ଟ୍ର ଓ କର୍ଣ୍ଣାଟକରେ କମ୍ ବର୍ଷା ହେବାରୁ ଆଖୁ ଉତ୍ପାଦନ କମ୍ ହେବା ଆଶଙ୍କା କରାଯାଉଛି। ଏଭଳି ସ୍ଥିତିରେ ଇଥାନଲ୍ ପାଇଁ ଆଖୁ ନ ଯୋଗାଇ ତାହାକୁ ଚିନି କଳଗୁଡ଼ିକୁ ଦେବା ଉପରେ ସରକାର ବିଚାର କରୁଛନ୍ତି। ଏ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଆସନ୍ତା ମାସ ଶେଷ ସୁଦ୍ଧା ନେବାର ସମ୍ଭାବନା ରହିଛି। ଇଥାନଲ ଉତ୍ପାଦନ ପାଇଁ ଆଖୁ ଯୋଗାଣ ଉପରେ ରୋକ ଲଗାଗଲେ ଚିନି ଉତ୍ପାଦନ ୩୦ ଲକ୍ଷ ଟନ୍ ବଢ଼ିବା ଆଶା କରାଯାଉଛି। ଦେଶରେ ଚିନି ଚାହିଦା ବୃଦ୍ଧି ପାଉଥିବାରୁ ଅଳ୍ପ ଦିନ ଭିତରେ ଏହାର ଦର ୧୦ ପ୍ରତିଶତ ବଢ଼ିଛି। ଉତ୍ସବ ଋତୁ ପାଖେଇ ଆସୁଥିବା ବେଳେ ଚିନି ଦରରେ ଏଭଳି ବୃଦ୍ଧି ଚିନ୍ତାର କାରଣ ହୋଇଛି। ଯୋଗାଣ ହ୍ରାସ ଓ ଚାହିଦାରେ ବୃଦ୍ଧି ଜାରି ରହିଥିବାରୁ ଆସନ୍ତା ତିନି ମାସ ପର୍ଯ୍ୟନ୍ତ ଚିନି ଦର ଉଚ୍ଚା ରହିବା ଆଶଙ୍କା କରାଯାଉଛି। ଯଦିଓ ଇଥାନଲ୍ ଉତ୍ପାଦନ ପାଇଁ ଆଖୁ ଯୋଗାଣ ବନ୍ଦ ହେବ, କିନ୍ତୁ ସେହି ଇନ୍ଧନ ଉତ୍ପାଦନ ଯେଭଳି ସ୍ୱାଭାବିକ ରହିପାରିବ ସେଥିପାଇଁ ଅଧିକ ପରିମାଣର ମକା ଓ ଚାଉଳ ଯୋଗାଇ ଦିଆଯିବ। ଦେଶରେ ଏହି ଦୁଇ ସାମଗ୍ରୀର ପର୍ଯ୍ୟାପ୍ତ ଷ୍ଟକ୍ ରହିଛି।

## ସୁରତ ମେଡିକାଲ କଲେଜ ହଷ୍ଟେଲରେ ଡାକ୍ତରଙ୍କ ଆତ୍ମହତ୍ୟା ହଇରାଣ କରିବା ଅଭିଯୋଗରେ ୪ ବରିଷ୍ଠ ଡାକ୍ତର ନିଲମ୍ବିତ

ଅହମଦାବାଦ: ଗୁଜରାଟର ସୁରତସ୍ଥିତ ସରକାରୀ ମେଡିକାଲ କଲେଜ ହଷ୍ଟେଲରେ ରବିବାର ଜଣେ ୨୯ ବର୍ଷୀୟ ସ୍ନାତକୋତ୍ତର ଡାକ୍ତରଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ହଇରାଣ ଓ ରାଗିଂ ଅଭିଯୋଗ ସାମ୍ନାକୁ ଆସିଛି। ମୃତ ଡାକ୍ତରଙ୍କ ନାମ ହର୍ଷ ପାଣ୍ଡ୍ୟା। ସେ ସୁରତ ସରକାରୀ ମେଡିକାଲ କଲେଜରେ ପ୍ରଥମ ବର୍ଷ ଏମ୍‌ଡି ମାଇକ୍ରୋବାୟୋଲୋଜି ପଢୁଥିଲେ ଏବଂ ନ୍ୟୁ ସିଭିଲ୍ ହସ୍ପିଟାଲର ମାଇକ୍ରୋବାୟୋଲୋଜି ବିଭାଗରେ ରେସିଡେଣ୍ଟ ଡାକ୍ତର ଭାବେ କାମ କରୁଥିଲେ। ସେ ପ୍ରାୟ ୬ ମାସ ହେଲା ସେଠାରେ କାର୍ଯ୍ୟରତ ଥିଲେ।

ରବିବାର ସକାଳ ପ୍ରାୟ ୯ଟାରେ ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ମିଳିଥିଲା। ହର୍ଷ ନିର୍ଦ୍ଧାରିତ ଡ୍ୟୁଟିରେ ନ ପହଞ୍ଚିବାରୁ ତାଙ୍କ ସହକର୍ମୀ ଡାକ୍ତର ଅଙ୍କୁର ଓ ଅନ୍ୟମାନେ ତାଙ୍କୁ ଫୋନ୍ କରିଥିଲେ। ଉତ୍ତର ନ ମିଳିବାରୁ ସେମାନେ ହଷ୍ଟେଲ୍ ରୁମ୍‌କୁ ଯାଇ ସୁରକ୍ଷାକର୍ମୀଙ୍କୁ ଜଣାଇଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଖାଟୋଦରା ଥାନା ପୁଲିସ ଏହି ଘଟଣାରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ କୌଣସି ଚିଠି ମିଳିନଥିବା ପୁଲିସ କହିଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଫରେନ୍‌ସିକ୍ ପୋଷ୍ଟମର୍ଟମ୍ କରାଯାଇଛି। ଘଟଣା ପରେ ହର୍ଷଙ୍କ ବାପା ସୁଭାଷ ପାଣ୍ଡ୍ୟା, ଯିଏ ନିଜେ ମଧ୍ୟ ଜଣେ ଡାକ୍ତର, ତାଙ୍କ ପୁଅ କେତେକ ବରିଷ୍ଠଙ୍କ ଦ୍ୱାରା ହଇରାଣ ହେଉଥିବା ପୂର୍ବରୁ ଅଭିଯୋଗ କରିଥିଲେ। ଗୁଜରାଟର ସ୍ୱାସ୍ଥ୍ୟମନ୍ତ୍ରୀପ୍ରଫୁଲ୍ଲ ପାନସେରିୟା ଆଭ୍ୟନ୍ତରୀଣ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ ମଧ୍ୟରେ ଚାରିଜଣ ରେସିଡେଣ୍ଟ ଡାକ୍ତର—ଡାକ୍ତର ନିରାଲି ବାସାଭେ, ଡାକ୍ତର ଅନୁଜ ମହେଶ୍ୱରୀ, ଡାକ୍ତର ଦୀକ୍ଷିତା ଘେଭାରିୟା ଓ ଡାକ୍ତର ହିନା ଭୁଟଙ୍କୁ ୬ ମାସ ପାଇଁ ନିଲମ୍ବିତ କରାଯାଇଛି। ସେମାନଙ୍କୁ ତୁରନ୍ତ ହଷ୍ଟେଲ୍ ଖାଲି କରିବା ସହ ଶିକ୍ଷାଗତ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ କୁହାଯାଇଛି। ଅନ୍ୟପକ୍ଷରେ ମାଇକ୍ରୋବାୟୋଲୋଜି ବିଭାଗର ମୁଖ୍ୟ ଡାକ୍ତର ସୁମୈୟା ମୁଲ୍ଲାଙ୍କ ସମେତ ୪ ଜଣ ଅଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି।

## ସ୍ଲୋଭେନିଆରେ ଭାରତୀୟ ଦୂତାବାସ ବିକୃତୀକରଣକୁ ଏମ୍‌ଇଏର ନିନ୍ଦା



ନୂଆଦିଲ୍ଲୀ: ସ୍ଲୋଭେନିଆସ୍ଥିତ ଭାରତୀୟ ଦୂତାବାସକୁ ବିକୃତ କରାଯିବା ଘଟଣାକୁ ଭାରତ ନିନ୍ଦା କରିଛି। ଏହି ଘଟଣା ପଛରେ ଖଲିସ୍ତାନୀ ଗୋଷ୍ଠୀ ଥିବା ଦାବି ହେଉଥିବାବେଳେ ଭାରତ ଏହି ଘଟଣାରେ ଦୋଷୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଲୋଭେନିଆ କର୍ତ୍ତୃପକ୍ଷଙ୍କୁ କହିଛି। ବିଦେଶ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ସ୍ଲୋଭେନିଆର ଲଜୁବଲଜାନାସ୍ଥିତ ଆମ ଦୂତାବାସ ପରିସରକୁ ଭାରତ ବିରୋଧୀ ତତ୍ତ୍ୱମାନେ ବିକୃତ କରିଥିବା ଘଟଣାକୁ ଆମେ ନିନ୍ଦା କରୁଛୁ। ତେବେ ଏହି ଘଟଣା ପାଇଁ କିଏ ଦାୟୀ, ସେ ସମ୍ପର୍କରେ ମନ୍ତ୍ରାଳୟ ବିସ୍ତୃତ ସୂଚନା ପ୍ରଦାନ କରିନି। ମିଳିଥିବା ସୂଚନା ଅନୁଯାୟୀ, ଦୂତାବାସରେ ଭାରତ ବିରୋଧୀ ସ୍ଲୋଗାନ ଲେଖି ଏହାକୁ ବିକୃତ କରିବା ପଛରେ ଖଲିସ୍ତାନୀ ସମର୍ଥକଙ୍କ ହାତ ରହିଛି। ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି ଯେ, ଭିଏନା କନଭେନସନ୍ ଅନୁଯାୟୀ କୂଟନୈତିକ ପରିସରଗୁଡ଼ିକ ସୁରକ୍ଷିତ ରହିବା ଆବଶ୍ୟକ। ଏହି ମାମଲାକୁ ଭାରତ ସ୍ଲୋଭେନିଆ କର୍ତ୍ତୃପକ୍ଷଙ୍କ ନିକଟରେ ଉଠାଇଛି, ଯାହାଦ୍ୱାରା ଏଭଳି ନିନ୍ଦନୀୟ କାର୍ଯ୍ୟ ପଛରେ ଥିବା ଦୋଷୀମାନଙ୍କୁ ଦାୟୀ କରାଯାଇପାରିବ। ମନ୍ତ୍ରାଳୟ କହିଛି ଆମେ ଅନ୍ୟ ଦେଶର ଆଇନ ପ୍ରବର୍ତ୍ତନକାରୀ କର୍ତ୍ତୃପକ୍ଷମାନଙ୍କୁ ମଧ୍ୟ ଏଭଳି ଗୋଷ୍ଠୀର ଘୃଣାପୂର୍ଣ୍ଣ ପ୍ରଚାର ଓ ମିଥ୍ୟା ସୂଚନା ଉପରେ ଧ୍ୟାନ ଦେବାକୁ ଆହ୍ୱାନ କରୁଛୁ। ତେବେ ଗତ କିଛି ବର୍ଷ ହେଲା ଖଲିସ୍ତାନୀ ସମର୍ଥିତ ଗୋଷ୍ଠୀମାନେ ବ୍ରିଟେନ୍, ଆମେରିକା ଓ କାନାଡା ଭଳି ଦେଶରେ ଭାରତର କୂଟନୈତିକ ମିସନଗୁଡ଼ିକୁ ବିକୃତ କରିବା ଓ ଭଙ୍ଗାରୁଜା କରିବା ଘଟଣାରେ ଜଡ଼ିତ ଥିବା ଅଭିଯୋଗ ହୋଇଆସୁଛି।

# ୟୁପିଆଇ ଟିକସ ବିଲ୍ ସଂସଦରେ ଗୃହୀତ, ୟୁପିଆଇରେ ଲାଗିବନି ଟିକସ: ନିର୍ମଳା



ନୂଆଦିଲ୍ଲୀ: ୟୁନିଫାଏଡ୍ ପେମେଣ୍ଟ୍ ଇଣ୍ଟରଫେସ୍ (ୟୁପିଆଇ) ଉପରେ ଟିକସ ଲଗାଇବା ସମ୍ପର୍କିତ ଟିକସ ଓ ଅନ୍ୟାନ୍ୟ ନିୟମ (ସଂଶୋଧନ) ୨୦୨୬ ବିଲ୍ ସଂସଦରେ ଗୃହୀତ ହୋଇଛି। ଗତ ସପ୍ତାହରେ ଏହି ବିଲ୍ ଲୋକସଭାରେ ଗୃହୀତ ହୋଇଥିଲା। ଆଜି ରାଜ୍ୟସଭାରେ ଏହା ଉପରେ ଆଲୋଚନା ହୋଇଥିଲା। ସେଥିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଭାଗ ନେଇ ୟୁପିଆଇ ଉପରେ ଟିକସ ଲଗାଇବାର କେଣସି ପ୍ରସ୍ତାବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ବାଚନିକ ଭୋଟ୍ ସହ ଏହି ବିଲ୍‌କୁ ରାଜ୍ୟସଭା ଫେରାଇ ଦେଇଥିଲା। ବିଲ୍ ସଂକ୍ରାନ୍ତରେ ହେଉଥିବା ଆଲୋଚନାକୁ ଖଣ୍ଡନ କରି ଶ୍ରୀମତୀ ସୀତାରମଣ କହିଥିଲେ ଯେ ୟୁପିଆଇ ଆରମ୍ଭ ହେବା ଦିନଠାରୁ ଗ୍ରାହକମାନଙ୍କ ପାଇଁ ନିଃଶୁଳ୍କ ରହିଛି। ସମସ୍ତ ଭାରତୀୟ କେଣସି ଶୁଳ୍କ ନ ଦେଇ ଏହି ଡିଜିଟାଲ ପେମେଣ୍ଟ୍ ସୁବିଧାକୁ ବ୍ୟବହାର କରିବା ଜାରି ରଖିବେ। ପେମେଣ୍ଟ୍ ଆଣ୍ଡ୍ ସେଟଲ୍‌ମେଣ୍ଟ୍ ଆକ୍ଟ ଓ ଆୟକର ନିୟମ ମଧ୍ୟରେ ରହୁଥିବା ସମ୍ପର୍କକୁ ଏହି ସଂଶୋଧିତ ବିଲ୍‌ରେ ହଟାଇ ଦିଆଯାଇଛି। ୟୁପିଆଇ ଓ ରୁପେ କାର୍ଡ କାରବାର ପାଇଁ ଶୂନ ମର୍ଚ୍ଚାଣ୍ଟ୍ ଡିସ୍‌କାଉଣ୍ଟ୍ ରେଟ୍ (ଜିରୋ ଏମ୍‌ଡିଆର) ଫ୍ରେମ୍‌ୱର୍କକୁ ବଦଳାଇବା ପାଇଁ ଏଥିରେ ସରକାରଙ୍କୁ କ୍ଷମତା ଦିଆଯାଇଛି। ବର୍ତ୍ତମାନ ୟୁପିଆଇ ଓ ରୁପେ କାର୍ଡ କାରବାର ଉପରେ ବ୍ୟାଙ୍କ କିମ୍ବା ପେମେଣ୍ଟ୍ ସେବା ପ୍ରଦାନକାରୀ ସଂସ୍ଥା କେଣସି ଶୁଳ୍କ ଲଗାଉ ନାହାନ୍ତି। କିନ୍ତୁ ସଂସଦରେ ପାରିତ ହୋଇଥିବା ବିଲ୍‌ରେ ସରକାରଙ୍କୁ ଶୁଳ୍କ ଲଗାଇବା ଅନୁମତି ଦେବାର କ୍ଷମତା ପ୍ରଦାନ କରାଯାଇଛି। ଏହି ବିଲ୍‌ରେ ଅଧିକ ବିଦେଶୀ ପୁଞ୍ଜି ହାସଲ କରିବା, ଘରୋଇ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ପ୍ରୋତ୍ସାହିତ କରିବା ଓ ଭାରତୀୟ ଡାଟା ସେଣ୍ଟରକୁ ବ୍ୟବହାର କରିବା ପାଇଁ ବିଦେଶୀ କ୍ଲାଉଡ୍ କମ୍ପାନିଗୁଡ଼ିକୁ ଅନୁମତି ଦେବାକୁ ଲକ୍ଷ୍ୟ ରଖାଯାଇଛି। ଭାରତକୁ ଆସିବାକୁ ଚାହୁଥିବା ଫଣ୍ଡ ମ୍ୟାନେଜରମାନଙ୍କ ଲାଗି ରହିଥିବା କଠୋର ସର୍ତ୍ତଗୁଡ଼ିକୁ ମଧ୍ୟ ଏହି ବିଲ୍ ଜରିଆରେ କୋହଳ କରାଯାଇଛି।

## ଲୋକଙ୍କ ସ୍ୱର ଶୁଣାଯାଉ, ସଂସଦ ଚାଲୁ: ବିର୍ଲାଙ୍କ ଭାବପୂର୍ଣ୍ଣ ଆହ୍ୱାନ



ନୂଆଦିଲ୍ଲୀ: ଲଗାତାର ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭା କାର୍ଯ୍ୟ ଅଚଳ ହୋଇପଡ଼ିଥିବା ବେଳେ ଆଜି ସବୁ ଦଳର ନେତାଙ୍କୁ ସଂସଦ ଚଳାଇବା ପାଇଁ ସହଯୋଗ କରିବାକୁ ଭାବପୂର୍ଣ୍ଣ ଆହ୍ୱାନ ଦେଇଛନ୍ତି ବାଚସ୍ପତି ଓମ୍ ବିର୍ଲା। ସୋମବାର ଲୋକସଭାର ବିଜ୍‌ନେସ ଆଡ୍‌ଭାଇଜରି କମିଟି ବୈଠକରେ ସେ କହିଛନ୍ତି, ଲୋକଙ୍କ ସ୍ୱର ସଂସଦରେ ଶୁଣାଯିବା ଦରକାର। ସଂସଦରେ ଆଲୋଚନା ଓ ସାର୍ଥକ ତର୍କ ମାଧ୍ୟମରେ ଜନସାଧାରଣଙ୍କ ସମସ୍ୟା ଉପସ୍ଥାପିତ ହେବା ଉଚିତ ବୋଲି ସେ କହିଛନ୍ତି।

ବାଚସ୍ପତି ସବୁ ଦଳର ନେତାଙ୍କୁ ଆହ୍ୱାନ କରି କହିଛନ୍ତି, ସଂସଦୀୟ ପରମ୍ପରାର ସର୍ବୋଚ୍ଚ ମର୍ଯ୍ୟାଦା ବଜାୟ ରଖି ଗୃହର କାର୍ଯ୍ୟ ସୁଚାରୁ ଭାବେ ଚାଲିବାକୁ ସହଯୋଗ କରାଯାଉ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ସାଂସଦମାନେ ନିଜ ମତ ରଖିବାର ସୁଯୋଗ ପାଇବା ଆବଶ୍ୟକ। ହଟ୍ଟଗୋଳ ଯୋଗୁଁ ଆଲୋଚନା ବନ୍ଦ ହେଲେ ଲୋକଙ୍କ ସମସ୍ୟା ଉପରେ ସଂସଦରେ ବିସ୍ତୃତ ଓ ଫଳପ୍ରଦ ଚର୍ଚ୍ଚା ହୋଇପାରିବ ନାହିଁ ବୋଲି ସେ କହିଛନ୍ତି। ଚଳିତ ମୌସୁମୀ ଅଧିବେଶନରେ ବିରୋଧୀ ଦଳଗୁଡ଼ିକର ଲଗାତାର ପ୍ରତିବାଦ ମଧ୍ୟରେ ଆଜି ୧୬ଶ ଦିନ ପାଇଁ ଲୋକସଭା ପ୍ରଶ୍ନକାଳ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଛାତ୍ରମାନଙ୍କ ଉପରେ ପୁଲିସର କଥିତ ଅତ୍ୟାଚାର ଓ ଦେଶର ବିଭିନ୍ନ ସ୍ଥାନରେ ନିଟ୍ ପ୍ରଶ୍ନପତ୍ର ଲିକ୍ ନେଇ ବିରୋଧୀ ଦଳଗୁଡ଼ିକ ଗୃହମନ୍ତ୍ରୀ ଅମିତ ଶାହଙ୍କ ଜବାବ ଦାବି କରୁଛନ୍ତି। ଏହା ସହ ଅଯୋଧ୍ୟାର ରାମମନ୍ଦିର ପାଇଁ ସଂଗୃହୀତ ଦାନରେ ଅନିୟମିତତା ନେଇ ମଧ୍ୟ ଆଲୋଚନା ଦାବି କରାଯାଉଛି। ଏପର୍ଯ୍ୟନ୍ତ ଚଳିତ ଅଧିବେଶନରେ ଲୋକସଭା ୯ଟି ବିଲ୍ ପାରିତ କରିଥିବା ବେଳେ ମାତ୍ର ୨ଟି ବିଲ୍ ଉପରେ ଆଲୋଚନା ହୋଇଛି। ଆଜି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଛାତ୍ର ଆନ୍ଦୋଳନ ଓ ପୁଲିସ କାର୍ଯ୍ୟାନୁଷ୍ଠାନ ଉପରେ ଲୋକସଭାରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ବୋଲି କହିଥିଲେ। ଗୃହମନ୍ତ୍ରୀ ଏହାର ଜବାବ ଦେବେ ବୋଲି ସେ କହିଥିଲେ। ବିରୋଧୀ ଦଳ ଆଲୋଚନା ସମୟରେ ହଟ୍ଟଗୋଳ ନକରି ଶାନ୍ତିପୂର୍ଣ୍ଣ ଭାବେ ଶୁଣିବାକୁ ନିଶ୍ଚିତ କରୁ ବୋଲି ରିଜିଜୁ ଆହ୍ୱାନ ଦେଇଥିଲେ। ସରକାରଙ୍କ ଏହି ଆଶ୍ୱାସନ ସତ୍ତ୍ୱେ ବିରୋଧୀ ସାଂସଦଙ୍କ ହଟ୍ଟଗୋଳ ମଧ୍ୟରେ ଜାତୀୟ ଟ୍ରିବ୍ୟୁନାଲ କମିସନ ଗଠନ ସମ୍ପର୍କିତ ବିଲ୍ ଆଲୋଚନା ବିନା ପାରିତ ହୋଇଛି।

## ଅମିତ ଶାହଙ୍କ ପ୍ରତି ରାହୁଲଙ୍କ କଟାକ୍ଷ: 'ଅବାସ୍ତବ ଆଲୋଚନାରେ ଆମର ଆଗ୍ରହ ନାହିଁ'




ନୂଆଦିଲ୍ଲୀ: ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ସମୟରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ସଂସଦରେ ଜାରି ରହିଥିବା ଅଚଳାବସ୍ଥା ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୃହମନ୍ତ୍ରୀ ଅମିତ ଶାହ ଛାତ୍ର ପ୍ରସଙ୍ଗରେ ଆଲୋଚନାର ଉତ୍ତର ଦେବେ ବୋଲି କୁହାଯିବା ପରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହାକୁ ନେଇ କଟାକ୍ଷ କରିଛନ୍ତି। ସେ କହିଛନ୍ତି, 'ଅବାସ୍ତବ ଆଲୋଚନାରେ ଆମର ଆଗ୍ରହ ନାହିଁ।' ତାଙ୍କ ଦାବି ହେଉଛି, ସାଧାରଣ ଛାତ୍ର ପ୍ରସଙ୍ଗ ଉପରେ ଆଲୋଚନା ନୁହେଁ, ଜୁନ୍ ୨୦ରେ ଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଙ୍କ ବିରୋଧରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ କିଏ ଅନୁମତି ଦେଇଥିଲେ, ତାହାର ସିଧାସଳଖ ଉତ୍ତର ଦରକାର।

ଜୁନ୍ ୨୦ରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ବ୍ୟାନର୍‌ରେ ଛାତ୍ରମାନେ ଦିଲ୍ଲୀରେ ପ୍ରତିବାଦ କରିଥିଲେ। ଏହି ସମୟରେ ଦିଲ୍ଲୀ ପୁଲିସ ଅତ୍ୟଧିକ ବଳ ପ୍ରୟୋଗ କରିଥିବା ଏବଂ ପେଲେଟ୍ ଗନ୍ ବ୍ୟବହାର ହୋଇଥିବା ନେଇ ବିରୋଧୀ ଦଳ ଅଭିଯୋଗ କରିଛି। ରାହୁଲ ଗାନ୍ଧୀ ଏହି କାର୍ଯ୍ୟାନୁଷ୍ଠାନ ଅମିତ ଶାହଙ୍କ ନିର୍ଦ୍ଦେଶରେ ହୋଇଥିବା ଅଭିଯୋଗ କରିଆସୁଛନ୍ତି। ତେବେ ସରକାର ଏହି ଅଭିଯୋଗକୁ ସ୍ୱୀକାର କରିନାହାନ୍ତି। ରାହୁଲ କହିଛନ୍ତି, ଘଟଣାର ୧୫ ଦିନ ପରେ ମଧ୍ୟ ସରକାର ନିଜ ଉତ୍ତରଦାୟିତ୍ୱ ସ୍ୱୀକାର କରିନାହାନ୍ତି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଭୂମିକା ଏବଂ ଉତ୍ତରଦାୟିତ୍ୱକୁ ନେଇ ସେ ପ୍ରଶ୍ନ କରିଛନ୍ତି।

ଏହା ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ, ଛାତ୍ରମାନଙ୍କ ସମ୍ପର୍କିତ ସମସ୍ତ ପ୍ରସଙ୍ଗରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଏବଂ ବିରୋଧୀ ଦଳ ଉଠାଇବାକୁ ଥିବା ସମସ୍ତ ପ୍ରଶ୍ନର ଉତ୍ତର ଦିଆଯିବ। ଗୃହମନ୍ତ୍ରୀ ଅମିତ ଶାହ ଏହାର ଉତ୍ତର ଦେବେ ବୋଲି ସେ କହିଥିଲେ। ଆଲୋଚନା ସମୟରେ ବିରୋଧୀ ସାଂସଦମାନେ ଗୃହରେ ବାଧା ସୃଷ୍ଟି ନକରି ସରକାରଙ୍କ ଉତ୍ତର ଶୁଣନ୍ତୁ ବୋଲି ରିଜିଜୁ ଅନୁରୋଧ କରିଥିଲେ।

## ଅତିକଙ୍କ ପୁଅ ଉମରଙ୍କ କାରକେଡ୍ ଦେଲାନି ଟୋଲ୍ ଶୁଳ୍କ, ୩୦ ଗାଡ଼ି ଉପରେ ମାମଲା

ପ୍ରୟାଗରାଜ: ମାଫିଆ ଅତିକ ଅହମ୍ମଦଙ୍କ ପୁଅ ଉମର ଅହମଦ ଏବେ ଲକ୍ଷ୍ନୌ ଜେଲରେ ବନ୍ଦୀ ରହିଛନ୍ତି। ଭାଇ ଅଲ୍ଲୀ ଅହମଦର ଦୁର୍ଘଟଣାରେ ମୃତ୍ୟୁ ହେବା ପରେ ସାମିଲ ହୋଇଥିଲେ ଉମର ଅହମଦ। ଉମର ଅହମଦ ଲକ୍ଷ୍ନୌ ଜିଲ୍ଲାରୁ ପ୍ରୟାଗରାଜ ନେବା ସମୟରେ ନୱାବଗଞ୍ଜ ଟୋଲ ଗେଟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ କାରକେଡରେ ସାମିଲ ଥିବା ୨୫ରୁ ୩୦ ବ୍ୟକ୍ତିଗତ ଗାଡ଼ି ବିନା ଟୋଲ୍ ଟ୍ୟାକ୍ସ ଦେଇ ଯାଇଥିବା ଅଭିଯୋଗ ହୋଇଛି। ଖବର ମୁତାବକ, ଭାଇ ଅଲ୍ଲୀ ଅହମଦଙ୍କ ଅନ୍ତିମ ସଂସ୍କାର ପାଇଁ ଉମର ଅହମଦଙ୍କୁ ଜେଲରୁ କିଛି ସମୟ ପାଇଁ ପାରୋଲ ମିଳିଥିଲା। ଉମରଙ୍କୁ ଲକ୍ଷ୍ନୌ ଜେଲ୍ରୁ ନେଇଯାଉଥିବା ବେଳେ ତାଙ୍କ ସହ ପୋଲିସ ଏସ୍କର୍ଟ ମଧ୍ୟ ଥିଲା। ନୱାବଗଞ୍ଜ ଟୋଲ୍ ପ୍ଲାଜାରେ ପୋଲିସ ଏସ୍କର୍ଟ ଗାଡ଼ି ପଛରେ ଆସୁଥିବା ପ୍ରାୟ ୨୫ରୁ ୩୦ଟି ଘରୋଇ ଗାଡ଼ି ବିନା ଟୋଲ୍ ଦେୟରେ ଚାଲିଯାଇଥିବା ଅଭିଯୋଗ ହୋଇଛି। ଘଟଣାଟି ଅଗଷ୍ଟ ୮ ତାରିଖ ଦିନ ପ୍ରାୟ ୩ଟା ୫୦ ସମୟର ବୋଲି ରିପୋର୍ଟରେ କୁହାଯାଇଛି। ଟୋଲ୍ ପ୍ଲାଜା ପ୍ରବନ୍ଧନର ଅଭିଯୋଗ ଅନୁସାରେ, ଏହି ଗାଡ଼ିଗୁଡ଼ିକ ଟୋଲ୍ ଦେୟ ନଦେଇ ଦ୍ରୁତ ଗତିରେ ଟୋଲ୍ ଲେନ୍ ପାର୍ ହେବାକୁ ଚେଷ୍ଟା କରିଥିଲେ। ଏହି ସମୟରେ କର୍ମଚାରୀମାନେ ଗାଡ଼ିଗୁଡ଼ିକୁ ରୋକିବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ ଅଭଦ୍ରତା କରିବା ସହିତ ଧମକ ମଧ୍ୟ ଦେଇଥିଲେ। ଏହାକୁ ନେଇ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, କିଛି ଗାଡ଼ି ଟୋଲ୍ ବୁମ୍ ବ୍ୟାରିୟର ଭାଙ୍ଗି ଆଗକୁ ବାହାରିଯାଇଥିଲା। ଏହାସହ ଟୋଲ୍ କର୍ମଚାରୀଙ୍କ ସହ ଦୁର୍ବ୍ୟବହାର ଓ ଧମକ ଦେବା ଭଳି ଅଭିଯୋଗ ହୋଇଛି। ଟୋଲ୍ ପ୍ଲାଜା ପ୍ରବନ୍ଧନ ନବାବଗଞ୍ଜ ଥାନାରେ ଏନେଇ ଅଭିଯୋଗ ଦାଖଲ କରିଛନ୍ତି। ମାମଲାରେ କିଛି ଗାଡ଼ିର ନମ୍ବର ମଧ୍ୟ ପୋଲିସକୁ ଦିଆଯାଇଛି। ଏବେ ସେନେଇ ତଦନ୍ତ କରିବ ପୋଲିସ। ଘଟଣାର ସତ୍ୟତା ଜାଣିବା ପାଇଁ ଟୋଲ୍ ପ୍ଲାଜାର ସିସିଟିଭି ଫୁଟେଜ୍ ମଧ୍ୟ ଯାଞ୍ଚ କରାଯାଇପାରେ।

## ଚୀନରେ ଡଲଫିନ୍ ତାଣ୍ଡବ

ଚୀନ: ଚୀନ୍ ରେ ତାଣ୍ଡବ ରଚିଲା 'ଡଲଫିନ୍'। ୧୫୦ କିମି ବେଗରେ ପବନ ବହିଛି। ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଜାପାନର ଓକିନାୱା ଓ ତାଇୱାନ ନିକଟବର୍ତ୍ତୀ ଅଞ୍ଚଳକୁ ପ୍ରଭାବିତ କରିବା ପରେ ଶକ୍ତିଶାଳୀ ଟାଇଫୁନ୍ 'ଡଲଫିନ୍' ରବିବାର ଚୀନ୍ ର ପୂର୍ବ ଉପକୂଳରେ ସ୍ଥଳଭାଗ ଛୁଇଁଛି। ଝେଜିଆଙ୍ଗ ପ୍ରଦେଶରେ ଏହାର ପ୍ରଭାବରେ ପ୍ରବଳ ପବନ ସହ ମୂଷଳଧାରା ବର୍ଷା ହୋଇଛି। ଏଥିଯୋଗୁ ବନ୍ୟା ଓ ଭୂସ୍ଖଳନ ଆଶଙ୍କା ବଢ଼ିଛି। 'ଡଲଫିନ୍' ସ୍ଥାନୀୟ ସମୟ ଅପରାହ୍ଣ ପ୍ରାୟ ୫ଟା ୩୦ରେ ଝେଜିଆଙ୍ଗର ତାଇଝୋଉ ସହର ଅନ୍ତର୍ଗତ ୟୁହୁଆନ୍ ନିକଟରେ ପ୍ରଥମେ ସ୍ଥଳଭାଗ ଛୁଇଁଥିଲା। ସେତେବେଳେ ଝଡ଼ର କେନ୍ଦ୍ର ନିକଟରେ ପବନର ବେଗ ଘଣ୍ଟାପ୍ରତି ପ୍ରାୟ ୧୫୧ କିଲୋମିଟର ଓ କେନ୍ଦ୍ରୀୟ ବାୟୁଚାପ ପ୍ରାୟ ୯୪୫ ହେକ୍ଟୋପାସ୍କାଲ ରହିଥିଲା।

## ଝାଡ଼ଖଣ୍ଡରେ ଛାତ୍ର ଆନ୍ଦୋଳନ ଉଗ୍ର, ପୋଲିସ ସହ ମୁହାଁମୁହିଁ

ଝାଡ଼ଖଣ୍ଡ : ଦିଲ୍ଲୀ ଜନ୍ତରମନ୍ତର ପରେ ଏବେ ଝାଡ଼ଖଣ୍ଡ ରାଞ୍ଚିରେ ଉଗ୍ର ରୂପ ନେଇଛି ଛାତ୍ର ଆନ୍ଦୋଳନ। ଜେପିଏସ୍‌ସି ଓ ଜେଏସ୍‌ଏସ୍‌ସି ପରୀକ୍ଷାରେ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଅଭିଯୋଗରେ ସିବିଆଇ ତଦନ୍ତ ଦାବି କରି ରାଜରାସ୍ତାକୁ ଓହ୍ଲାଇଛନ୍ତି ହଜାର ହଜାର ଛାତ୍ର। ବିଧାନସଭା ଘେରାଉ ପାଇଁ ଆଗକୁ ବଢ଼ିବା ବେଳେ ପୁଲିସ ସହ ହୋଇଛି ମୁହାଁମୁହିଁ ସ୍ଥିତି। ରାଞ୍ଚିରେ ଛାତ୍ର ଆନ୍ଦୋଳନ ବେଳେ ପୁଲିସ-ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ସୁରକ୍ଷା ଦୃଷ୍ଟିରୁ ବିଧାନସଭାର ୭୫୦ ମିଟର ପରିସରରେ ବିଏନ୍‌ଏସ୍‌ର ଧାରା ୧୬୩ ଲାଗୁ କରାଯାଇଥିଲା। ହେଲେ ଆନ୍ଦୋଳନକାରୀ ପଛକୁ ନହଟିବାରୁ ପୁଲିସ ପକ୍ଷରୁ ଲାଠିଚାର୍ଜ, ପାଣିମାଡ଼ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଇଥିଲା। ଆନ୍ଦୋଳନରେ ଅନଶନରେ ଥିବା ଦେବେନ୍ଦ୍ରନାଥ





ମାହାତୋ ମଧ୍ୟ ଆମ୍ବୁଲାନ୍ସରେ ପହଞ୍ଚିଥିଲେ। ପୁଲିସର ପାଣିମାଡ଼ ପରେ କିଛି ଛାତ୍ର ନାଚୁଥିବା ବେଳେ ଲାଠିଚାର୍ଜ ସମୟରେ ଜାତୀୟ ସଙ୍ଗୀତ ଗାନ କରୁଥିବା ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। ଜେପିଏସ୍‌ସି ଓ ଜେଏସ୍‌ଏସ୍‌ସି ପରୀକ୍ଷାରେ ଅନିୟମିତତା ଅଭିଯୋଗକୁ ନେଇ ଗତକାଲି ସରକାର ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ତୃତୀୟ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଦିନସାରା ଆଲୋଚନା ସତ୍ତ୍ୱେ କୌଣସି ସମାଧାନ ବାହାରିନଥିଲା। ଫଳରେ ଆଜି ଆନ୍ଦୋଳନ ଆହୁରି ତୀବ୍ର ହୋଇଛି। ସରକାର ଜେପିଏସ୍‌ସି ପରୀକ୍ଷା ବାତିଲ କରିବା ସହ କମିସନ୍‌ର ୩ ଜଣ ସଦସ୍ୟ ଇସ୍ତଫା ଦେଇଛନ୍ତି। ଏହାସହ ପରୀକ୍ଷା ଅନିୟମିତତା ଅଭିଯୋଗର ସିଆଇଡି ତଦନ୍ତ ନିର୍ଦ୍ଦେଶ ହୋଇଛି। ହେଲେ ଆନ୍ଦୋଳନକାରୀ ଏଥିରେ ସନ୍ତୁଷ୍ଟ ନୁହନ୍ତି। ସେମାନେ ନିରପେକ୍ଷ ସିବିଆଇ ତଦନ୍ତ ଦାବିରେ ଅଡ଼ି ବସିଛନ୍ତି।

ସେପଟେ ଆନ୍ଦୋଳନ ପରେ ଜେପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ଏଲ୍. ଖିଆଙ୍ଗଟେଙ୍କୁ ସିଆଇଡି ଗିରଫ କରିଛି। ଛାତ୍ର ଆନ୍ଦୋଳନକୁ ନେଇ ଝାଡ଼ଖଣ୍ଡ ରାଜନୀତି ମଧ୍ୟ ସରଗରମ ହୋଇଛି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବାସଭବନ ବାହାରେ ବିଜେପି ପ୍ରତିବାଦ କରି ସରକାରକୁ ଯୁବ ବିରୋଧୀ ବୋଲି ଟାର୍ଗେଟ କରିଛି। ଅନ୍ୟପକ୍ଷରେ ଜେଏମ୍‌ଏମ୍ ଅଭିଯୋଗ କରିଛି, ରାଜନୈତିକ ଫାଇଦା ପାଇଁ ବିଜେପି ଛାତ୍ର ଆନ୍ଦୋଳନକୁ ହାଇଜ୍ୟାକ୍ କରି ଅରାଜକତା ସୃଷ୍ଟି କରୁଛି। ପରୀକ୍ଷାରେ ସ୍ୱଚ୍ଛତା ଓ ନିରପେକ୍ଷ ତଦନ୍ତ ଦାବିରେ ଆନ୍ଦୋଳନ ଜାରି ରହିଥିବା ବେଳେ, ଏହା ଆଗକୁ କେଉଁ ମୋଡ଼ ନେଉଛି ତା' ଉପରେ ଏବେ ସମସ୍ତଙ୍କ ନଜର।

### ବିଶ୍ୱ ୨୦ବର୍ଷରୁ କମ୍ ଦୌଡ଼କୁଦ ଉଦ୍ଯାପିତ

# ୩ ପଦକ ସହ ୨୭ତମ ସ୍ଥାନରେ ଭାରତ




ଓରେଗାନ (ଆମେରିକା), ୧୦।୮ (ଏଜେନ୍ସି):: ବିଶ୍ୱ ୨୦ବର୍ଷରୁ କମ୍ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତ ୩ ପଦକ ସହ ପଦକ ତାଲିକାରେ ୨୭ତମ ସ୍ଥାନରେ ରହିଛି। ପ୍ରତିଯୋଗିତାର ଶେଷ ଦିନରେ ଭାରତ କୌଣସି ପଦକ ଜିତିପାରିନଥିବାରୁ ମୋଟ ପଦକ ସଂଖ୍ୟା ୩ରେ ସୀମିତ ରହିଛି। ଏହି ୩ ପଦକ ମଧ୍ୟରେ ୨ଟି ରୌପ୍ୟ ଓ ୧ଟି କାଂସ୍ୟ ରହିଛି। ପୁରୁଷ ହାଇଜମ୍ପରେ ବସନ୍ତ କୁମାର ମେଘୱାଲ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ଲଙ୍ଗଜମ୍ପରେ ଶାହନୱାଜ ଖାଁ କାଂସ୍ୟ ପଦକ ହାସଲ କରିଛନ୍ତି। ଏହାପୂର୍ବରୁ ଶୁକ୍ରବାର ପୁରୁଷ ଜାଭେଲିନ୍ ଥ୍ରୋ'ରେ ଆଶିଷ ଯାଦବ ରୌପ୍ୟ ପଦକ ଜିତି ଭାରତର ପଦକ ଖାତା ଖୋଲିଥିଲେ। ଶେଷ ଦିନରେ ଅନୁଷ୍ଠିତ ମହିଳା ହାଇଜମ୍ପ ଫାଇନାଲ୍‌ରେ ଭାରତର ପୂଜା ସିଂହ ୭ମ ସ୍ଥାନରେ ରହିଥିଲେ। ସେ ନିଜର ଜାତୀୟ ରେକର୍ଡର ମଧ୍ୟ ନିକଟବର୍ତ୍ତୀ ହୋଇପାରି ନଥିଲେ। ସେହିପରି ଭାରତର ୪୪୦୦ପଦକ ତାଲିକାରେ ଆୟୋଜକ ଆମେରିକା ୨୪ଟି ପଦକ ସହ ଶୀର୍ଷ ସ୍ଥାନରେ ରହିଛି। କେନିଆ ୧୧ଟି ପଦକ ସହ ଦ୍ୱିତୀୟ ଏବଂ ଇଟାଲୀ ୫ଟି ପଦକ ସହ ତୃତୀୟ ସ୍ଥାନରେ ରହିଛି। ଚତୁର୍ଥ ସ୍ଥାନରେ ଜାମାଇକା ଥିବାବେଳେ ୫ମ ସ୍ଥାନରେ ଅଷ୍ଟ୍ରେଲିଆ ଓ ୬ଷ୍ଠରେ ଇଥିଓପିଆ ରହିଛି।

# ଅଗରକରଙ୍କ ଉପରୁ ଟଳିଲା କି ବିପଦ

ନୂଆଦିଲ୍ଲୀ, ୧୦।୮ ; ଖେଳାଳି ଚୟନକୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସବୁବେଳେ ଚର୍ଚ୍ଚାରେ ରହିଆସିଛି । ଦଳରେ ଫେଭରେଟ୍ ପ୍ଲେୟାରଙ୍କୁ ସୁଯୋଗ ମିଳୁଥିବା ଦାବି କରାଯାଉଛି । ଦକ୍ଷ ପ୍ଲେୟାରଙ୍କୁ ଅଣଦେଖା କରାଯାଉଥିବା କୁହାଯାଏ । ଯେବେଠାରୁ ଟିମ୍ ଇଣ୍ଡିଆର ମୁଖ୍ୟ ଚୟନକର୍ ଭାବେ ଅଜିତ ଅଗରକର ଦାୟିତ୍ୱ ଗ୍ରହଣ କରିଛନ୍ତି, ସେବେଠାରୁ ଭାରତୀୟ ଦଳର ପ୍ରଦର୍ଶନରେ ଉତ୍ଥାନ-ପତନ ଦେଖିବାକୁ ମିଳିଛି । ହ୍ୱାଇଟ୍ ବଲ୍ କ୍ରିକେଟରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ଜବରଦସ୍ତ ରହିଛି କିନ୍ତୁ ଟେଷ୍ଟ ଫର୍ମାଟରେ ଦଳ ବିଫଳ ହେଉଛି । ଏଥି ସହିତ କିଛି ବରିଷ୍ଠ ଖେଳାଳିଙ୍କ କ୍ୟାରିୟରକୁ ନେଇ ବିବାଦ ଦେଖାଦେଇଛି । ଏଭଳି ପରିସ୍ଥିତିରେ ଅଗରକରଙ୍କୁ ଦାୟିତ୍ୱରୁ ମୁକ୍ତ କରାଯିବ ବୋଲି ଦାବି କରାଯାଉଛି। କିନ୍ତୁ ଅଗରକରଙ୍କ ବଦଳରେ କୁହାଯାଉଥିବା ଭେଟେରାନ୍ ଏଥିପାଇଁ ପ୍ରସ୍ତୁତ ନୁହଁନ୍ତି । ଏହି ଭେଟେରାନ ଖେଳାଳି ହେଉଛନ୍ତି ଭିଭିଏସ୍ ଲକ୍ଷ୍ମଣ, ଯିଏକି ଚୟନକର୍ତ୍ତା ହେବାକୁ ମନା କରିଦେଇଛନ୍ତି ।



ଅଗରକରଙ୍କୁ ହଟାଇବା ନେଇ କଳ୍ପନାଜଳ୍ପନା- ଭାରତୀୟ ଦଳର ମୁଖ୍ୟ ଚୟନକର୍ତ୍ତା ଭାବେ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ଅନେକ ସଫଳତା ପାଇଛି । ଭାରତୀୟ ଦଳ ୨ ଟି -୨୦ ବିଶ୍ୱକପ୍ ଏବଂ ଗୋଟିଏ ଚାମ୍ପିଅନ୍ସ ଟ୍ରଫି ଜିତିବା ସହିତ ବିଶ୍ୱକପ୍ ୨୦୨୩ ର ଫାଇନାଲରେ ମଧ୍ୟ ପ୍ରବେଶ କରିଛି । ଏସିଆ କପ୍ ରେ ମଧ୍ୟ ଏହା ଅପରାଜିତ ରହିଛି । ଏହା ବ୍ୟତୀତ ଅନେକ ନୂତନ ଖେଳାଳିଙ୍କୁ ମଧ୍ୟ ମାନ୍ୟତା ମିଳିଛି । କିନ୍ତୁ ଟେଷ୍ଟ ଫର୍ମାଟରେ ପ୍ରଦର୍ଶନ ଏବଂ ରୋହିତ ଶର୍ମାଙ୍କ ଅବସର କଳ୍ପନାଜଳ୍ପନା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି ।ଚିଫ୍ ସିଲେକ୍ଟର ହେବାକୁ ଲକ୍ଷ୍ମଣଙ୍କ ନାଁ- ଜାତୀୟ ଗଣମାଧ୍ୟମର ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ଲକ୍ଷ୍ମଣ ମୁଖ୍ୟ ଚୟନକର୍ତ୍ତା ହେବାକୁ ମଧ୍ୟ ପ୍ରସ୍ତୁତ ନୁହଁନ୍ତି ଏବଂ ସେ ଏ ବିଷୟରେ ବୋର୍ଡକୁ କହିଛନ୍ତି । ଲକ୍ଷ୍ମଣ ବର୍ତ୍ତମାନ ପାଇଁ ସିଓଇରେ ନିଜର ଦାୟିତ୍ୱ ଜାରି ରଖିବାକୁ ଚାହୁଁଛନ୍ତି, ଯେଉଁଠାରେ ସେ ୨୦୨୬ ଶେଷ ପର୍ଯ୍ୟନ୍ତ ରହିବେ । ଏଭଳି ପରିସ୍ଥିତିରେ ଲକ୍ଷ୍ମଣ ସିଓଇରେ ଆଗରେ ରହିବେ ନା ସେ ଏହି କାର୍ଯ୍ୟକାଳ ଶେଷ କରି କିଛି ନୂଆ ବିକଳ୍ପ ଖୋଜିବେ ତାହା ବର୍ତ୍ତମାନ ସ୍ପଷ୍ଟ ହୋଇନାହିଁ । ଲକ୍ଷ୍ମଣଙ୍କ ସହ ଅଜିତ ଅଗରକରଙ୍କ ସମ୍ପ୍ରସାରଣ ବୃଦ୍ଧି ପାଇବାର ସମ୍ଭାବନା ବି ଅଛି । ନା ବିସିସିଆଇ ମୁଖ୍ୟ ସିଲେକ୍ଟର ପଦ ପାଇଁ କୌଣସି ପ୍ରକାରେ ଲକ୍ଷ୍ମଣଙ୍କୁ ମନାଇ ଦେବ ଆଗାମୀ ଦିନରେ ଏହା ସ୍ପଷ୍ଟ ହେବ ।

## ଅଭ୍ୟାସ ମ୍ୟାଚ୍‌ରେ ଭାରତ ବିଜୟୀ

କଲମ୍ବୋ ୧୦।୮;: ଟେଷ୍ଟ ଶୃଙ୍ଖଳା ଆରମ୍ଭ ପୂର୍ବରୁ ଭାରତ ଓ ଶ୍ରୀଲଙ୍କା ଏକାଦଶ ମଧ୍ୟରେ ଏକ ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳାଯାଇଥିଲା। ଯାହାକି ଡ୍ର' ହେବାକୁ ଯାଉଥିବାବେଳେ ମାତ୍ର କେଇଟା ବଲ୍‌ରେ ସବୁକିଛି ଓଲଟପାଲଟ ହୋଇଯାଇଛି। ଠିକ୍ ବର୍ଷକ ତଳେ ଭାରତକୁ ଓଭାଲ୍ ଟେଷ୍ଟରେ ନିଜ ବୋଲିଂ ବଳରେ ଚମତ୍କାର ବିଜୟ ଦେଇଥିବା ମହମ୍ମଦ ସିରାଜ ରବିବାର କିନ୍ତୁ ବ୍ୟାଟିଂ କମାଲ କରି ଭାରତୀୟ ଏକାଦଶକୁ ଅପ୍ରତ୍ୟାଶିତ ବିଜୟ ଅର୍ପଣ କରିଛନ୍ତି। ଏହି ମ୍ୟାଚ୍‌କୁ ଅନୁସରଣ କରୁଥିବା କିଛି ପ୍ରଶଂସକ ଶେଷ ଓଭର ପୂର୍ବରୁ ଲେଖିଥିଲେ 'ଭାରତ କାହିଁକି ବିଜୟ ପାଇଁ ପ୍ରୟାସ କରୁନାହିଁ'। ପଡିଆ ଭିତରେ କିନ୍ତୁ ଏହାର ପ୍ରଭାବ ତୁରନ୍ତ ପଡିଥିଲା। ସିରାଜ ନିଜ ଶେଷ ୮ ବଲ୍‌ରୁ ୩୦ ରନ୍ ସଂଗ୍ରହ କରି ବିଜୟ ଛଡାଇ ଆଣିଥିଲେ। ଶେଷ ଓଭର ପ୍ରଥମ ୩ ବଲ୍‌କୁ ଛକା ମାରି ସେ ପର୍ଯ୍ୟନ୍ତ ନିର୍ଜୀବ ଲାଗୁଥିବା ମ୍ୟାଚ୍‌କୁ ଜୀବନ୍ତ ଓ ରୋମାଞ୍ଚଭରା କରି ଦେଇଥିଲେ। ସିରାଜ ୧୫ ବଲ୍‌ରୁ ୩୨ଅପରାଜିତ ରନ୍ (୪ ଛକା, ୧ ଚୌକା) ସଂଗ୍ରହ କରି ମ୍ୟାଚ୍‌କୁ ସ୍ମରଣୀୟ କରି ଦେଇଥିଲେ। ଫଳରେ ଅଗଷ୍ଟ ୧୫ ତାରିଖରୁ ଆରମ୍ଭ ହେଉଥିବା ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ୍ ଶୃଙ୍ଖଳା ପୂର୍ବରୁ ଭାରତୀୟ ଦଳ

# ଭାରତୀୟ ଡେଭିସ୍ କପ୍ ଦଳରେ ମାନସ ନୂଆମୁହଁ



ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ଦକ୍ଷିଣ କୋରିଆ ବିପକ୍ଷ ଡେଭିସ୍ କପ୍ କ୍ୱାଲିଫାୟର୍ସ-୨ ମ୍ୟାଚ୍ ଲାଗି ସୋମବାର ଭାରତୀୟ ଦଳଘୋଷିତ ହୋଇଛି। ଏହି ଦଳରେ ପ୍ରଥମ ଥର ମାନସ ଧାମ୍‌ନେଙ୍କୁ ସ୍ଥାନ ମିଳିଛି। ୧୮ ବର୍ଷୀୟ ଧାମ୍‌ନେଙ୍କ ସହ ଏହି ୫ ଜଣିଆ ଦଳରେ ସୁମିତ ନଗଲ, ଦକ୍ଷିଣେଶ୍ୱର ସୁରେଶ, ଯୁକି ଭାମ୍ବ୍ରି ଓ ଏନ୍ ଶ୍ରୀରାମ ବାଲାଜୀ ରହିଛନ୍ତି। ଏହି ମ୍ୟାଚ୍ ସେପ୍ଟେମ୍ବର ୧୮ ଓ ୧୯ ତାରିଖରେ ସଓଲର ଅଲିମ୍ପିକ୍ସ ଟେନିସ୍ ସେଣ୍ଟର ହାର୍ଡ କୋର୍ଟରେ ଖେଳାଯିବ। ବିଶ୍ୱର ୨୩୫ ନମ୍ବର ସୁମିତ ଓ ୩୯୩ ନମ୍ବର ଦକ୍ଷିଣେଶ୍ୱରଙ୍କ ପରେ ୩୬୨ ନମ୍ବର ଧାମ୍‌ନେଙ୍କୁ ଅଧିନାୟକ ରୋହତି ରାଜପାଲ୍ ତୃତୀୟ ଏକକ ବିକଳ୍ପ ଭାବେ ରଖିଛନ୍ତି। କନିଷ୍ଠ ଗ୍ରାଣ୍ଡ ସ୍ଲାମ୍‌ରେ ଭାଗ ନେଇଥିବା ଯୁବ ତାରକା ଅର୍ଣ୍ଣବ ପାପରକର ଓ ସିଦ୍ଧାର୍ଥ ରାୱତ (ବିଶ୍ୱର ୫୩୬ ନଂ) ରିଜର୍ଭ ଖେଳାଳି ଭାବେ ଦଳରେ ରହିଛନ୍ତି।

ଦୁଇ ଅଭିଜ୍ଞ ଖେଳାଳି ବଶ୍ୱର ୨୮ ନମ୍ବର ଭାମ୍ବ୍ରି ଓ ୫୭ ନମ୍ବର ବାଲାଜୀଙ୍କ ସହ ଦକ୍ଷିଣେଶ୍ୱରଙ୍କୁ ରାଜପାଲ ଯୁଗଳରେ ସୁଯୋଗ ଦେଇ ପାରନ୍ତି। ଗତ ଫେବ୍ରୁଆରିରେ ରାଉଣ୍ଡ-୧ରେ ୩-୨ରେ ନେଦରଲାଣ୍ଡସ୍‌କୁ ହରାଇବାରେ ଦକ୍ଷିଣେଶ୍ୱରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେ ୨ଟି ଯାକ ଏକକ ଜିତିଥିଲା ବେଳେ ଭାମ୍ବ୍ରିଙ୍କ ସହ ଯୁଗଳରେ ଦଳକୁ ବିଜୟ ଦେଇଥିଲେ। କୋରିଆକୁ ହରାଇ ପାରିଲେ ଭାରତ ନଭେମ୍ବରରେ ଡେଭିସ୍ କପ୍ ଫାଇନାଲ୍ ୮କୁ ଯୋଗ୍ୟତା ଅର୍ଜନ କରିବ। ସଂପ୍ରତି ଭାରତର ମାନ୍ୟତା ୧୯ ଥିଲା ବେଳେ କୋରିଆର ୧୬ ରହିଛି। ଉଭୟ ୧୧ ଥର ମୁହାଁମୁହିଁ ହୋଇଥିଲା ବେଳେ ଭାରତ ୫-୬ରେ ପଛରେ ରହିଛି। ଶେଷ ଥର ଉଭୟ ଦଳ ୨୦୧୬ରେ ଚଣ୍ଡିଗଡରେ ମୁହାଁମୁହିଁ ହୋଇଥିଲେ। ଏଥିରେ ଭାରତ ୪-୧ରେ ବିଜୟୀ ହୋଇଥିଲା। ଭାରତୀୟ ଡେଭିସ୍ କପ୍ ଦଳ: ସୁମିତ ନଗଲ, ଦକ୍ଷିଣେଶ୍ୱର ସୁରେଶ, ମାନସ ଧାମ୍‌ନେ (ଏକକ), ଯୁକି ଭାମ୍ବ୍ରି, ଏନ୍ ଶ୍ରୀରାମ ବାଲାଜୀ (ଯୁଗଳ), ଅର୍ଣ୍ଣବ ପାପରକର, ସିଦ୍ଧାର୍ଥ ରାୱତ (ରିଜର୍ଭ)।

## ଦ୍ୱିତୀୟ ସେମି ରେ ଆଦିବାସୀ ମହାବିଦ୍ୟାଳୟ ଦଳ ବିଜୟୀ

ବାଲିଗୁଡା, ୧୦।୮ : କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମ ପରିସରରେ ସ୍ୱାଧୀନତା କପ ଫୁଟବଲ ଚମ୍ପିୟାନସିପ ର ଦ୍ୱିତୀୟ ସେମି ଫାଇନାଲ ଖେଳ ସୋମବାର ଦିନ ଆଦିବାସୀ ମହାବିଦ୍ୟାଳୟ ବନାମ ପାକୁଳଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ସ୍ଥାନୀୟ ଉପଖଣ୍ଡ କ୍ରୀଡା ସଂଘ ର ଉପ ସଭାପତି ସତ୍ୟ ନାରାୟଣ ପାଢ଼ୀ, ଉପଦେଷ୍ଟା ଦେବବ୍ରତ ସିଂ ଦେଓ ଯୋଗ ଦେଇ ପ୍ରଥମ ସଟ ମାରି ଆନୁଷ୍ଠାନିକ ଭାବେ ଉଦଘାଟନ କରି ଖେଳାଳୀ ମାନଙ୍କ ସହ ପରିଚିତ ହୋଇଥିଲେ କ୍ଷ ଏହି ମ୍ୟାଚ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କେହି କାହାରିକୁ ଗୋଲ ଦେବାରେ ଅସମର୍ଥ ହେବାରୁ ପେନାଲଟିକି ସୁଟ ଜରିଆରେ ୪-୩ ଗୋଲ ରେ ଆଦିବାସୀ ମହାବିଦ୍ୟାଳୟ ଦଳ ବିଜୟୀ ହୋଇଥିଲା କ୍ଷ ଏଥିରେ ରେଫେରୀ ଭାବେ ସଞ୍ଜୟ ବେହେରା, ଇଲିଆସ ଦିଗାଳ, ମିଥୁନ ନାୟକ, ଦେବେନ୍ଦ୍ର ଦଣ୍ଡିଆ ପ୍ରମୁଖ ଉପସ୍ଥିତ ରହି ମ୍ୟାଚକୁ ସୁଚାରୁ ଭାବେ ପରିଚାଳନା କରିଥିଲେ। ସ୍ଥାନୀୟ ଉପଖଣ୍ଡ କ୍ରୀଡା ସଂଘ ତରଫରୁ ସେକ ସାଦିକ, ସୁଶାନ୍ତ କୁମାର ଦାସ, ଗଙ୍ଗାଧର ପଣ୍ଡା, ପ୍ରଶାନ୍ତ କୁମାର ସାହୁ, ରଞ୍ଜନ କୁମାର ନାୟକ, ବ୍ରଜ ଶେଖର ନାୟକ, ନଳିନୀ କାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଫାଇନାଲ ମ୍ୟାଚ ଆଦିବାସୀ ମହାବିଦ୍ୟାଳୟ ବନାମ ସିନ୍ଧିଗାଁ ମଧ୍ୟରେ ଏକ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହେବ ।

### ୨୩ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଅସିଚାଳନା

# ପ୍ରଥମ ଦିନରେ ଭାରତକୁ ୧୭ ପଦକ



ଲାଗୋସ୍, ୧୦।୮ (ଏଜେନ୍ସି):: ନାଇଜେରିଆର ଲାଗୋସ୍‌ରେ ଚାଲିଥିବା ୨୩ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଅସିଚାଳନା ପ୍ରତିଯୋଗିତାରେ ଭାରତୀୟ ଦଳ ଦମଦାର ପ୍ରଦର୍ଶନ କରିଛି। ପ୍ରତିଯୋଗିତାର ପ୍ରଥମ ଦିନରେ ଭାରତ ମୋଟ ୧୭ଟି ପଦକ ଜିତିଛି। ଏଥିରେ ୪ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି। ପ୍ରତିଯୋଗିତା ରବିବାର ଆରମ୍ଭ ହୋଇଥିବାବେଳେ ଏହା ଅଗଷ୍ଟ ୧୪ ପର୍ଯ୍ୟନ୍ତ ଚାଲିବ।

ସୂଚନା ଅନୁସାରେ ଭାରତୀୟ ଅସିଚାଳକମାନେ ସମସ୍ତ ବିଭାଗରେ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି। ସାବ୍ରେ, ଫଏଲ୍ ଓ ଏପି—ଏହି ତିନିଟି ବିଭାଗର ସମସ୍ତ ୬ଟି ବ୍ୟକ୍ତିଗତ ଇଭେଣ୍ଟରେ ଅନ୍ତତଃ ଜଣେ ଭାରତୀୟ ଅସିଚାଳକ ପଦକ ହାସଲ କରିଛନ୍ତି। ପୁରୁଷ ସାବ୍ରେ ବିଭାଗରେ ନିଖିଲ ୱାଗ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଲକ୍ଷ୍ୟ ବାଦସର ରୌପ୍ୟ ପଦକ ହାସଲ କରିଛନ୍ତି। ଅଶ୍ୱିନୀ ଆର୍ଯ୍ୟ ଓ ଲାଇଶ୍ରାମ ମୋରାମ୍ବା ଯୁଗ୍ମ କାଂସ୍ୟ ପଦକ ଜିତିଛନ୍ତି। ଫଳରେ ଏହି ଇଭେଣ୍ଟରେ ଭାରତ ପୋଡିୟମ୍‌ର ସମସ୍ତ ଚାରିଟି ସ୍ଥାନ ଦଖଲ କରିଛି। ପୁରୁଷ ଫଏଲ୍ ବିଭାଗରେ ତେଜସ ପାଟିଲ ରୌପ୍ୟ ଏବଂ ହେମାଶ ସନାସାମ କାଂସ୍ୟ ପଦକ ଜିତିଛନ୍ତି। ସେହିପରି ପୁରୁଷ ଏପି ବିଭାଗରେ ଲୋକେଶ ଭିମାନି ରୌପ୍ୟ ପଦକ ହାସଲ କରିଥିବାବେଳେ ଶୌର୍ଯ୍ୟ ଅଶ୍ୱିନୀ ଓ ଗଡୱିନ୍ ଅନ୍‌ବକେସ୍ କାଂସ୍ୟ ପଦକ ଜିତିଛନ୍ତି।

# ପେରୁ ପାରା ବ୍ୟାଡ୍‌ମିଣ୍ଟନ୍‌ରେ ଦୀପରଞ୍ଜନଙ୍କୁ ସ୍ୱର୍ଣ୍ଣ




ଭୁବନେଶ୍ୱର, ୧୦।୮ (ଏଜେନ୍ସି): ଓଡିଶା ପାରା ବ୍ୟାଡ୍‌ମିଣ୍ଟନ୍ ଖେଳାଳିଙ୍କ ଚମତ୍କାରିତା ଅନ୍ତର୍ଜାତୀୟ ସ୍ତରରେ ଜାରି ରହିଛି। ପେରୁର ଲିମାଠାରେ ଆୟୋଜିତ ପେରୁ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସ୍‌ନାଲ୍ ଲେଭଲ୍-୨ ପ୍ରତିଯୋଗିତାରେ ଓଡିଶାର ଦୀପରଞ୍ଜନ ବିଶୋୟୀ ସ୍ୱର୍ଣ୍ଣ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ପୁରୁଷ ଯୁଗଳଏସ୍‌ଏଲ୍୩-ଏସ୍‌ୟୁ୫ରେ ଦୀପରଞ୍ଜନ ଓ ବିରି ଟକର ବିଜେତା ହୋଇଥିଲେ। ଫାଇନାଲ୍‌ରେ ଏହି ଭାରତୀୟ ଯୋଡି ୨୧-୧୨, ୨୧-୧୮ରେ ମେକ୍ସିକୋ ଯୋଡି ମ୍ୟାକ୍ସିମିଲିଆନୋ ଅଭିଲା ସୋସା ଓ ଆଞ୍ଜେଲ ଗାବ୍ରିଏଲ୍ ଗୋମେଜ ଭାଜକ୍‌ବେଜ୍‌ଙ୍କୁ ପରାସ୍ତ କରିଥିଲେ। ଏହା ପୂର୍ବରୁ ସେମିଫାଇନାଲ୍‌ରେ ଦୀପରଞ୍ଜନ ଓ ବିରି ନିଜର ଦେଶ ଅନ୍ୟଏକ ଯୋଡି ବିହେନ୍ଦର ଓ ଯୋଗେଶଙ୍କୁ ପରାସ୍ତ କରିଥିଲେ। ଏହି ସଫଳତା ଲାଗି ଦୀପ୍ ରାଜ୍ୟ କ୍ରୀଡା ଓ ଯୁବସେବା, ଅର୍ଥ ବିଭାଗ ଏବଂ ଓଡିଶା ପାରା କ୍ରୀଡା ସଂଘଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଧର୍ମେନ୍ଦ୍ର ଜାଡେଜାଙ୍କୁ ସୁଯୋଗ କେବେ

ନୂଆଦିଲ୍ଲୀ ,୧୦।୮ (ଏଜେନ୍ସି):: ଭାରତୀୟ କ୍ରିକେଟରେ ଏପରି ବି ଖେଳାଳି ଅଛନ୍ତି, ଯିଏ ବର୍ଷ ବର୍ଷ ଧରି ଦମଦାର ପ୍ରଦର୍ଶନ କରିଛନ୍ତି ହେଲେ ଟିମ୍ ଇଣ୍ଡିଆରେ ମିଳିନି ସ୍ଥାନ । ଏପରି ଜଣେ ଦକ୍ଷ ଖେଳାଳି ହେଉଛନ୍ତି ଧର୍ମେନ୍ଦ୍ରସିଂହ ଜଡେଜା । ୬ଶହରୁ ଅଧିକ ୱିକେଟ୍ ନେଇସାରିଛନ୍ତି, କିନ୍ତୁ ଏଯାଏଁ ତାଙ୍କୁ ଟିମ୍ ଇଣ୍ଡିଆରେ ଖେଳିବାର ସୁଯୋଗ ମିଳିନି । ଏ ହେଉଛି ଦ୍ୱିତୀୟ ଜାଡେଜାଙ୍କୁ ଦୁଃଖଭରା କାହାଣୀ ।

ଘରୋଇ କ୍ରିକେଟରେ ଲଗାତାର୍ ୱିକେଟ୍ ନେବା ବି କିଛି କମ୍ କଥା ନୁହେଁ । ହେଲେ ଏଲଲି ପରଫରମାନ୍ସ ଟିମ୍ ଇଣ୍ଡିଆ ଯାଏଁ ପହଞ୍ଚାଇବ ତା'ର କିଛି ଗ୍ୟାରେଣ୍ଟି ନାହିଁ । ଏଭଳି କାହାଣୀ ଅନୁଭବୀ ସ୍ପିନର୍ ଧର୍ମେନ୍ଦ୍ର ସିଂହ ଜାଡେଜାଙ୍କର । ୩୬ ବର୍ଷୀୟ ଜଡେଜା ୱିକେଟ୍ ନେବାରେ ରେକର୍ଡ କରିଥିଲେ ବି ଏଯାଏଁ ତାଙ୍କୁ ଭାରତୀୟ ସିନିୟର ଟିମରେ ଖେଳିବାର ସୁଯୋଗ ମିଳିନି । ଫାଷ୍ଟ କ୍ଲାସ୍, ଲିଷ୍ଟ -ଏ ଏବଂ ଟି-୨୦କ୍ରିକେଟ୍‌କୁ ମିଶାଇ ଏହି ବାମହାତି ସ୍ପିନର ୬୦୯ଟି ୱିକେଟ୍ ନେଇସାରିଲେଣି । ସେ ଅନେକ ବର୍ଷ ଧରି ରଣଜୀ ଟ୍ରଫିରେ ଏକ ଚମତ୍କାର ପ୍ରଦର୍ଶନ କରିଛନ୍ତି, ତଥାପି ଅନେକ ପଛରେ । କିନ୍ତୁ ଭାରତୀୟ ସିନିୟର ଟିମରେ ତାଙ୍କୁ ଏଣ୍ଟ୍ରି ମିଳିନି । ଭାରତରେ କ୍ରିକେଟର କ୍ରେଜ୍ କେତେ ତାହା କାହାକୁ ଅଛପା ନାହିଁ । ୧.୪ ବିଲିୟନରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଭାରତରେ କ୍ରିକେଟକୁ ନେଇ ପ୍ରତିଦିନ ହଜାର ହଜାର ସ୍ୱପ୍ନ ଜନ୍ମ ନିଏ ହେଲେ କେଉଁଆଡ ହଯିଯାଏ । । ଲକ୍ଷ ଲକ୍ଷ ଲୋକଙ୍କ ଭିଡ଼ରେ ନିଜକୁ ପ୍ରମାଣିତ କରିବା ଏବଂ ତା'ପରେ ନିଜର ଲକ୍ଷ୍ୟ ହାସଲ କରିବାରେ ବିଫଳ ହେବା ଭାରି ଯନ୍ତ୍ରଣାଦାୟକ । ଧର୍ମେନ୍ଦ୍ର ସିଂହ ଜାଡେଜାଙ୍କ କାହାଣୀ ବି ପାଖାପାଖି ଏପରି..,.

ଧର୍ମେନ୍ଦ୍ର ସିଂ ଜାଡେଜାଙ୍କ ପ୍ରଭାବଶାଳୀ ରେକର୍ଡ କେବଳ ପ୍ରଥମ ଶ୍ରେଣୀ କ୍ରିକେଟରେ ସୀମିତ ନୁହେଁ। ସେ ୯୦ଟି ଲିଷ୍ଟ ଏ ମ୍ୟାଚରେ ୨୮.୩୩ ହାରରେ ୧୨୧ଟି ୱିକେଟ ନେଇଛନ୍ତି, ଯାହା ଏହି ଫର୍ମାଟରେ ତାଙ୍କର ସର୍ବୋତ୍ତମ ପ୍ରଦର୍ଶନ। ସେ ୭୩ଟି ଟି-୨୦ ମ୍ୟାଚରେ ୨୪.୯୨ ହାରରେ ୬୫ଟି ୱିକେଟ ମଧ୍ୟ ନେଇଛନ୍ତି। ଜାଡେଜା ବ୍ୟାଟରେ ରନ କରିବାରେ ମଧ୍ୟ ପାରଙ୍ଗମ । ସେ ପ୍ରଥମ ଶ୍ରେଣୀ ମ୍ୟାଚରେ ୨୧୨୩ ରନ କରିଛନ୍ତି, ଯେଉଁଥିରେ ସାତଟି ଅର୍ଦ୍ଧଶତକ ମଧ୍ୟ ସାମିଲ ଅଛି । ସେ ଲିଷ୍ଟ ଏ' କ୍ରିକେଟରେ ୫୬୬ ରନ ଏବଂ ଟି-୨୦ରେ ୨୦୮ ରନ କରିଛନ୍ତି। ହେଲେ ,ଭଳି ଜଣେ ଦକ୍ଷ କ୍ରିକେଟରଙ୍କୁ ସିନିୟର ଟିମରେ ଏଣ୍ଟ୍ରି ନମିଳିବା ବାସ୍ତବରେ କ୍ଷୋଭର ବିଷୟ ।

### ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଉଦ୍ଯାପିତ

# ସାମଗ୍ରିକ ଚାମ୍ପିୟନ କଟକ, ରନର୍ସଅପ୍ ଯାଜପୁର

ରାଇରଙ୍ଗପୁର, ,୧୦।୮ (ଏଜେନ୍ସି):: ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଗତ ୭ ତାରିଖରୁ ଚାଲିଥିବା ୩ ଦିନିଆ ରାଜ୍ୟସ୍ତରୀୟ ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା–୨୦୨୬ ରବିବାର ଉତ୍ସାହ ଓ ଉଦ୍ଦୀପନାର ସହ ଉଦ୍ଯାପିତ ହୋଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ କନିଷ୍ଠ କ୍ରୀଡ଼ାବିତ୍ ବିଭିନ୍ନ ଦୌଡ଼, ଲମ୍ଫ ଓ ନିକ୍ଷେପ ଇଭେଣ୍ଟରେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ।

ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଇଂ. ଗଣେଶ ରାମ ସିଂଖୁଣ୍ଟିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ସାଂସଦ ନବ ଚରଣ ମାଝୀ, ବିଧାୟକ ଜଲେନ ନାଏକ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ ସଭାପତି ସମୀର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅଲିମ୍ପିଆନ୍ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଧାବିକା ଦୂତୀ ଚାନ୍ଦ ଯୋଗଦେଇଥିଲେ।

ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ତଥା ରେକର୍ଡ ସୃଷ୍ଟି କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଉଦ୍ଯାପନୀ ଉତ୍ସବରେ ପଦକ, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା।




ବାଳକ-୧୮ ଜ୍ୟାଭଲିନ୍‌ରେ ବାଲେଶ୍ୱରର ସତ୍ୟରଞ୍ଜନ ନାୟକ, ବାଳକ-୨୦ ଜ୍ୟାଭଲିନ୍‌ରେ କଟକର ଶୁଭମ ଦାସ, ବାଳିକା-୧୬ ଲଙ୍ଗଜମ୍ପରେ ଯାଜପୁରର ସମୀକ୍ଷା ସ୍ମରଣିକା, ବାଳିକା-୧୮ ଜ୍ୟାଭଲିନ୍‌ରେ ଯାଜପୁରର ଆଲୋକିକା ସ୍ୱାଇଁ, ବାଳକ-୨୦ ଲଙ୍ଗଜମ୍ପରେ ସୁନ୍ଦରଗଡ଼ର ମହେନ୍ଦ୍ର ହାଁସଦା, ବାଳକ-୧୪ ଟ୍ରାଇଥଲନ୍-ଏରେ ନବରଙ୍ଗପୁରର ପ୍ରତାପ ମାଝୀ, ବାଳିକା-୧୪ ଟ୍ରାଇଥଲନ୍-ବିରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ବୈଭବୀ ଏସ୍. ଏବଂ ବାଳକ-୧୪ ଟ୍ରାଇଥଲନ୍-ବିରେ କେନ୍ଦୁଝରର ଶ୍ରୀଲାଲ ସିଙ୍କୁ ପ୍ରମୁଖ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

ସେହିପରି ବାଳିକା-୧୮ ୩,୦୦୦ ମିଟର ୱାକ୍‌ରେ ଝାରସୁଗୁଡ଼ାର ଚଞ୍ଚଳ କୁମାରୀ, ବାଳିକା-୧୮ ୧୦୦୦ ମିଟର ଦୌଡ଼ରେ ଭଦ୍ରକର ଶୁନ୍ୟସକ୍ତା ବାରିକ, ବାଳିକା-୧୮ ୧୦୦ ମିଟର ହାର୍ଡଲ୍ସରେ ଯାଜପୁରର ଦୀପ୍ତିମୟୀ ଦାସ, ବାଳକ-୧୬ ୬୦ ମିଟର ଦୌଡ଼ରେ କେନ୍ଦ୍ରାପଡ଼ାର ଶ୍ରେୟାଶ ମହାନ୍ତି, ବାଳକ-୨୦ ସଟ୍‌ପୁଟ୍‌ରେ କଟକର ଓଁକାର ପ୍ରସାଦ ନନ୍ଦ, ବାଳକ-୧୮ ହେପ୍ଟାଥଲନ୍‌ରେ ମୟୂରଭଞ୍ଜର ବନମାଳୀ ସିଂ ଏବଂ ବାଳକ-୧୮ ଉଚ୍ଚଡିଆଁରେ ଜଗତସିଂହପୁରର ସ୍ୱାଧୀନ ବେହେରା ପ୍ରମୁଖ ସଫଳତା ହାସଲ କରିଥିଲେ। ଦଳଗତ ପ୍ରଦର୍ଶନରେ ଯାଜପୁର ବାଳକ-୧୪, ବାଳିକା-୧୬ ଓ ବାଳିକା-୧୮ ବର୍ଗରେ ଚାମ୍ପିୟନ ହୋଇଥିବାବେଳେ କେନ୍ଦୁଝର ବାଳକ-୧୬, କୋରାପୁଟ ବାଳକ-୧୮, କିଟ୍‌ସ ବାଳିକା-୨୦ ଏବଂ କଟକ ବାଳକ-୨୦ ବର୍ଗରେ ଚାମ୍ପିୟନ ହୋଇଛି। ସାମଗ୍ରିକ ଚାମ୍ପିୟନ ହୋଇଛି କଟକ ଏବଂ ଯାଜପୁର ରନର୍ସଅପ୍ ହୋଇଛି ।ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି କ୍ରୀଡ଼ାବିତ୍‌ମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, କ୍ରୀଡ଼ା କେବଳ ଶାରୀରିକ ଦକ୍ଷତାର ବିକାଶ କରେ ନାହିଁ, ଏହା ଶୃଙ୍ଖଳା, ଏକାଗ୍ରତା, ଧୈର୍ଯ୍ୟ, ନେତୃତ୍ୱ ଓ ଦଳଗତ ମନୋଭାବର ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏଭଳି ରାଜ୍ୟସ୍ତରୀୟ ପ୍ରତିଯୋଗିତା କନିଷ୍ଠ କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିବା ସହ ଭବିଷ୍ୟତରେ ରାଜ୍ୟ ଓ ଦେଶ ପାଇଁ ଉତ୍କୃଷ୍ଟ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ।

ପ୍ରତିଯୋଗିତାକୁ ସୁଚାରୁ ଓ ସଫଳତାର ସହ ଆୟୋଜନ କରିବାରେ ସହଯୋଗ କରିଥିବା ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, କ୍ରୀଡ଼ା ବିଭାଗ, ଓଡ଼ିଶା ଆଥଲେଟିକ୍ସ ସଂଘ, ବିଚାରକମଣ୍ଡଳୀ, ପ୍ରଶିକ୍ଷକ, ସ୍ୱେଚ୍ଛାସେବୀ ଓ ସମସ୍ତ ସହଯୋଗୀଙ୍କୁ ଆୟୋଜକଙ୍କ ପକ୍ଷରୁ ବିଜୟ ଦାସ ଧନ୍ୟବାଦ ଜଣାଇଥିଲେ। ଶେଷରେ କ୍ରୀଡ଼ା ପତାକା ଅବତରଣ ସହ ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା–୨୦୨୬ର ଉଦ୍ଯାପନ ଘୋଷଣା କରାଯାଇଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982